Follow Us
www.ekamaatra.com
ekamaatra@gmail.com
advt@ekamaatra.com
editor@ekamaatra.com
ekamaatraodia
ekamaatranews

EKAMAATRA

ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

ପତ୍ନୀଙ୍କୁ ଭଉଣୀ ଡାକିବା ପାଇଁ ବାଧ୍ୟ କରୁଥିଲେ ରାମ୍‌ରହିମ

ନୂଆଦିଲ୍ଲୀ : ୨ଟି ଦୁଷ୍କର୍ମ ମାମଲାରେ ୨୦ ବର୍ଷ ଜେଲ୍‌ଦଣ୍ଡ ଭୋଗୁଥିବା ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମିତ ରାମ ରହିମଙ୍କର ଅନେକ ଅନୁଗାମୀ ସମଲିଙ୍ଗୀ ହୋଇଯାଇଥିଲେ ବୋଲି ଚର୍ଚ୍ଚା ହେଉଛି । 'ଇଣ୍ଡିଆଟୁଡେ' ରାମ ରହିମଙ୍କ ଅତି ପାଖଲୋକ ଓ ସମ୍ପର୍କୀୟଙ୍କ ସୂଚନା ଆଧାରେ ଲେଖିଛି ଯେ, ଡେରା ମୁଖ୍ୟ ପୁରୁଷ ସେବକମାନଙ୍କୁ ନପୁଂସକ କରିଦେଉଥିଲେ । କେବଳ ଏତିକି ନୁହେଁ ପୁରୁଷ ସେବକଙ୍କୁ ସେମାନଙ୍କ ପତ୍ନୀକୁ ଭଉଣୀ ଡାକିବାକୁ ବାଧ୍ୟ କରୁଥିଲେ ।

ବର୍ଷ-୧ ସଂଖ୍ୟା-୩୭ ୨୫ ସେପ୍ଟେମ୍ବର - ୦୧ ଅକ୍ଟୋବର, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-37 25th Sept. -01st October, 2017 BHUBANESWAR ₹ 5/- (8 Pages)

'ଯା ଦେବୀ ସର୍ବଭୂତେଷୁ
ଶକ୍ତି ରୂପେଣ ସଂସ୍ଥିତା
ନମଃତସୈ ନମଃତସୈ
ନମଃତସୈ ନମୋ ନମଃ ।'

ଜେଲ୍ ଗଲେ ପ୍ରଭାତ, ଏପଟେ ସିବିଆଇକୁ ନୋଟିସ୍

କେତେ ଲାଭ, କେତେ କ୍ଷତି

ଭୁବନେଶ୍ୱର : ସିସୋର ମାମଲାରେ ଗିରଫ ହୋଇଥିବା ବିଜେଡି ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ରିମାଣ୍ଡ ଅବଧିର ଗୋଟିଏ ଦିନ ପୂର୍ବରୁ ଶୁକ୍ରବାର ସଂଧ୍ୟାରେ କୋର୍ଟରେ ସିବିଆଇ ହାଜର କରିଥିଲା । କେଉଁ କାରଣରୁ ସିବିଆଇ ପ୍ରଭାତଙ୍କୁ ଆଗୁଆ କୋର୍ଟରେ ହାଜର କଲେ ତାହା ସ୍ପଷ୍ଟ ହୋଇନି । ହେଲେ ତଦନ୍ତରେ ପ୍ରଭାତ ସହଯୋଗ କରୁନଥିବା ନେଇ ଶୁଣିବାକୁ ମିଳିଛି । କୋର୍ଟରେ ହାଜର ପରେ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା । ଶନିବାର କ୍ୟାପିଟାଲ ହସ୍ପିଟାଲରେ ପ୍ରଭାତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି ।

ହେଲେ ସିବିଆଇ ଅଧିକାରୀମାନେ ବିଚାରପତିଙ୍କ ସରକାରୀ ଆବାସରେ ଅନଧିକାର ପ୍ରବେଶ ମାମଲାରେ ଓଡ଼ିଶା ହାଇକୋର୍ଟ ଶୁକ୍ରବାର ଦିନ ସିବିଆଇ ସମେତ ଓଡ଼ିଶା ସରକାର, କେନ୍ଦ୍ର ସରକାରଙ୍କ ସମେତ ୧୦ଜଣ ପ୍ରତିପକ୍ଷମାନଙ୍କୁ ଏହି ନୋଟିସ୍ ଜାରି କରିଛନ୍ତି । ହାଇକୋର୍ଟର ମୁଖ୍ୟ ବିଚାରପତି ଦିଲୀପ ଶରଣ ଓ ବିଚାରପତି ଡ.ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନୋଟିସ ଜାରି କରିବା ସହିତ ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୬ ତାରିଖକୁ ଧାର୍ଯ୍ୟ କରିଛନ୍ତି । ହେଲେ ଏହାରି ଭିତରେ ତୈଳ ଦରକୁ ନେଇ ବିଜେଡିର ହରତାଳ ବେଳେ ଗୁଣ୍ଡାଗର୍ଦ୍ଦି ହୋଇଥିବାକୁ ନେଇ ବିରୋଧୀ ଦଳ ତଥା ଚାଟିଆଡୁ ଉଠିଥିବା ବିଜେଡିକୁ ସମାଲୋଚନାର ସ୍ୱର ଅଚାନକ କୁଆଡେ ହଜିଗଲା । ସେହିଭଳି ଜଷ୍ଟିସ୍‌ଙ୍କ ଘରେ ସିବିଆଇର ଅନଧିକାର ପ୍ରବେଶକୁ ନେଇ ଚର୍ଚ୍ଚା ଭିତରେ ପ୍ରଭାତ ବିଶ୍ୱାଳଙ୍କ ଗିରଫଦାରି ପ୍ରସଙ୍ଗ ମଧ୍ୟ ଆଉ ପ୍ରଭାବୀ ହୋଇ ରହିଲାନାହିଁ । ଏହାରି ପୂର୍ବରୁ ବମିଖାଲ ଫ୍ଲାଏ ଓଭର ଭୁଶୁଡିବାକୁ ନେଇ ବିଜେଡି ବିରୋଧରେ ବିରୋଧୀଙ୍କ ସ୍ୱର ନରମ ଜଣାପଡୁଛି । ତେଣୁ ସବୁ ଯେମିତି ଗୋଳମାଳିଆ ଧରିଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଏହାରି ଭିତରେ ପୁଣି ବିଜେପିର ଜାତୀୟ କାର୍ଯ୍ୟାକରିଣୀ ସଦସ୍ୟ ସାଂସଦ ଚନ୍ଦନ ମିତ୍ରଙ୍କ ଜାତୀୟ ଗଣମାଧ୍ୟମରେ ➤ ପୃ-୭

ବିଜେଡିରେ ଯୋଗଦେଲେ ସୁବଳଙ୍କ ପରିବାର

ଛକାପଞ୍ଜା ବଢ଼ିଲା

ଭୁବନେଶ୍ୱର : କଂଗ୍ରେସ ବିଧାୟକ ସୁବଳ ସାହୁଙ୍କ ବିୟୋଗ ପରେ ସେଠାରେ ଉପନିର୍ବାଚନ ହେବାକୁ ଯାଉଛି । ବିଜେପୁରରେ ହେବାକୁ ଥିବା ଉପନିର୍ବାଚନ ଜିତି ଏହି ଆସନକୁ ହାତେଇବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛି ଶାସକ ବିଜୁ ଜନତା ଦଳ । ଏଥିପାଇଁ ପୂର୍ବତନ କଂଗ୍ରେସ ବିଧାୟକ ସ୍ୱର୍ଗତ ସୁବଳ ସାହୁଙ୍କ ପରିବାରକୁ ଆଣି ନିଜ ଦଳରେ ମିଶାଯାଇଛି । ଯଦିଓ ଭାରତର ନିର୍ବାଚନ କମିଶନର ଏଯାଏ ଉପନିର୍ବାଚନ ପାଇଁ ବିଧିବଦ୍ଧ ଘୋଷଣା କରିନାହାନ୍ତି ତଥାପି ବିଜେଡିର ବରଗଡ ମିଶନ ଟାଣ ଧରିଛି । ଅନ୍ୟପକ୍ଷରେ ଭାରତୀୟ ଜନତା ପାର୍ଟି ନିଜ ମିଶନକୁ ସଫଳ କରିବା ପାଇଁ ଉଦ୍ୟମରେ ସଫଳ ହେବାକୁ ଯାଉଛି । କାରଣ କଂଗ୍ରେସ ପ୍ରାର୍ଥୀଙ୍କୁ ବିଜେଡି ନିଜ ଆଡକୁ ଟାଣୁଥିଲା ବେଳେ ବିଜେପି ଏଠାରେ ବିଜେଡିର ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀଙ୍କୁ ନେବା ପାଇଁ ପ୍ରସ୍ତୁତ ଆରମ୍ଭ କରିଦେଇଛି । ସୁବଳଙ୍କ ପରିବାର ଉପରେ ରାଜ୍ୟର ସବୁ ରାଜନୈତିକ ଦଳ ନଜର ରଖିଥିଲା ବେଳେ ସୁବଳଙ୍କ ପରିବାର ଶନିବାର ବିଜେଡି କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଛନ୍ତି । ଏହି ଅବସରରେ ସୁବଳଙ୍କ ପତ୍ନୀ ରୀତା ସାହୁ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, 'ମୋ ସ୍ୱାମୀ ଦୀର୍ଘଦିନରୁ ବିଜେଡିରେ ଯୋଗ ଦେବେବୋଲି ଚିନ୍ତା କରିଥିଲେ । ରୀତାଙ୍କ ସହ ତାଙ୍କ ପୁତ୍ର ସୁମିତ ସାହୁ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି । ଏଭଳି ସ୍ଥିତିରେ ସୁବଳଙ୍କ ପରିବାର ବିଜେଡିରେ ଯୋଗଦେବାକୁ ନେଇ କଂଗ୍ରେସ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ➤ ପୃ-୭

ମରୁଡି ଅଞ୍ଚଳ ଚିହ୍ନଟ : ରିପୋର୍ଟକୁ ଅପେକ୍ଷା କରାଯିବନି

ଭୁବନେଶ୍ୱର : ରାଜ୍ୟର ଏକତୃତୀୟାଂଶ ବ୍ଲକ୍‌ରେ ଚାଷ ପରିସ୍ଥିତି ବର୍ଷା ଅଭାବରୁ ମରୁଡ଼ି ଆଶଙ୍କା ସୃଷ୍ଟି କରିଥିଲା ବେଳେ ରାଜ୍ୟ ସରକାର ଚାଷୀଙ୍କୁ ଆଶ୍ୱସ୍ତ କରିବା ଲାଗି ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଫସଲକଟା ରିପୋର୍ଟକୁ ଅପେକ୍ଷା ନକରି ଚାଷୀଙ୍କୁ କିଭଳି ସୁବିଧା ସୁଯୋଗ ମିଳିପାରିବ ଏଥିପାଇଁ ସରକାର ଚେଷ୍ଟା କରୁଛନ୍ତି । ନୂଆ ବ୍ୟବସ୍ଥା ଅନୁସାରେ ଏଣିକି ଶୁଷ୍କ ଅବଧି ଆଧାରରେ ପଞ୍ଚାୟତସ୍ତରରୁ ବର୍ଷା ପରିମାଣକୁ ନେଇ ପ୍ରସ୍ତୁତ ହେବ ମରୁଡ଼ି ରିପୋର୍ଟ । ବର୍ଷାଋତୁରେ କ୍ରମାଗତ ୩ ସପ୍ତାହ ଧରି ସ୍ୱାଭାବିକ ଅନୁପାତଠାରୁ ୫୦% କମ୍ ବର୍ଷା ହୋଇଥିଲେ ସମ୍ପୃକ୍ତ ପଞ୍ଚାୟତକୁ 'ଶୁଷ୍କ ଅବଧି' ବିବେଚନା କରାଯାଇ ମରୁଡ଼ିଗ୍ରସ୍ତ ଘୋଷଣା କରାଯିବ । ଆସନ୍ତା ଅକ୍ଟୋବର ୧୦ ତାରିଖରେ ଜିଲ୍ଲାପାଳମାନେ ଏ ସମ୍ପର୍କରେ ରିପୋର୍ଟ ଦେବେ ଏବଂ ଏହାପରେ ସରକାର ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ । ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ ରାଜ୍ୟରେ ୧୪ଟି ଜିଲ୍ଲାର ୧୦୩ଟି ବ୍ଲକ୍‌ରେ ସ୍ୱାଭାବିକଠାରୁ ➤ ପୃ-୭

ଦାଉଦ ଫେରିପାରେ ଭାରତ

ମୁମ୍ବାଇ : ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଅଧ୍ୟକ୍ଷ ରାଜ୍ ଠାକ୍‌ରେ ଦାବି କରିଛନ୍ତି ଯେ, ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍ ଭାରତ ଫେରିବାକୁ ଚାହୁଁଛି ଏବଂ ଏଥିପାଇଁ ସେ ମୋଦି ସରକାରଙ୍କ ସମ୍ପର୍କରେ ଅଛି । ଠାକ୍‌ରେ ଏକ ଜନସଭାରେ କହିଛନ୍ତି ଯେ, ଦାଉଦ୍ ବର୍ତ୍ତମାନ ଅତ୍ୟଧିକ ଅସୁସ୍ଥ । ସେ ଚାଲିବାକୁ ମଧ୍ୟ ଅକ୍ଷମ । ଏହି କାରଣରୁ ସେ ଭାରତ ଫେରିବାକୁ ଚାହୁଁଛି ଓ ନିଜ ମାତୃଭୂମିରେ ଶେଷ ନିଶ୍ୱାସ ତ୍ୟାଗ କରିବାକୁ ଚାହୁଁଛି । ଏଥିପାଇଁ ଦାଉଦ୍ ସରକାରଙ୍କ ସହ ସେଟିଂ ଚଳାଇଛି ଓ ସେ ଖୁବ୍‌ଶୀଘ୍ର ଭାରତ ଫେରିବାର ସମ୍ଭାବନା ରହିଛି । ତେବେ ଶାସକ ବିଜେପି ଏହି ସୁଯୋଗର ରାଜନୈତିକ ଫାଇଦା ଉଠାଇବ ବୋଲି ଠାକ୍‌ରେ କହିଛନ୍ତି । ତାଙ୍କ ମତରେ, ବିଜେପି ଦାଉଦ୍‌କୁ ଭାରତ ଆଣିବାରେ ତାଙ୍କ ସରକାର ସଫଳ ହୋଇଥିବା ପ୍ରଚାର କରିବ । ବିଜେପି ଆଗାମୀ ଲୋକସଭା ନିର୍ବାଚନ ଜିତିବା ପାଇଁ ଏହାର ସମସ୍ତ ଶ୍ରେୟ ନେବାକୁ ଚେଷ୍ଟା କରିବ । କିନ୍ତୁ ବାସ୍ତବରେ ଦାଉଦ୍ ନିଜେ ଭାରତ ଫେରିବାକୁ ଚାହୁଁଛି । ଦାଉଦ୍‌କୁ ନେଇ ରାଜ୍ ଠାକ୍‌ରେଙ୍କ ଏଭଳି ଦାବି ଚାଞ୍ଚଲ୍ୟକର । ଭାରତ ସରକାର ମଧ୍ୟ ଲଗାତାର ଦାଉଦ୍‌କୁ ➤ ପୃ-୭

सत्यमेव जयते

"ପବିତ୍ର ବିଜୟା ଦଶମୀ - ୨୦୧୭ ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା"

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟର ପ୍ରତୀକ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତିର ପ୍ରତିଷ୍ଠା ଦିଗରେ ନିଷ୍ଠାପର କାର୍ଯ୍ୟ କରନ୍ତୁ ବୋଲି ମୁଁ ଆହ୍ୱାନ ଜଣାଉଛି ।

(ଏସ୍.ସି.ଜମିର୍)

ଶାରଦୀୟ ଅଭିନନ୍ଦନ

ଯୁଗେ ଯୁଗେ ସତ୍ୟ, ସାନ୍ତିର ପ୍ରଚେଷ୍ଟା ପାଇଁ ବିଜୟର ପୁଲକରେ ଜିବୟୀନୀ ମା ସିଂହବାହିନୀ । ଅନ୍ୟାୟ ଅନୀତିର ବିନାଶରେ ଚରାଚରେ ଶାନ୍ତିର ଉଲ୍ଲାସ ବିଂଚି ଦିଅ ଦେବୀ ଦଶଭୁଜା ସୁଖ ଆଉ ପିୟୁଷର ଅସରନ୍ତି ବାସ୍ନା । ଏତିକି କାମନା ସହ ରାୟଗଡା ଜିଲ୍ଲାର ସମସ୍ତ ଗୁରୁଜନ ଓ ଭାଇ ଭଉଣୀମାନଙ୍କୁ ଶାରଦୀୟ ଅଭିନନ୍ଦନ ଓ ଅନେକ ଶୁଭକାମନା ।

ସୁଧିର କୁମାର ଦାଶ
ପୂର୍ବତନ ବିଜୁ ଜନତା ଦଳ ସଭାପତି
ରାୟଗଡା

ଜଗନ୍ନାଥ ସାରକା
ବିଧାୟକ, ବିଷମ କଟକ

ଶାରଦୀୟ ଅଭିନନ୍ଦନ

ଯୁଗେ ଯୁଗେ ସତ୍ୟ, ସାନ୍ତିର ପ୍ରଚେଷ୍ଟା ପାଇଁ ବିଜୟର ପୁଲକରେ ଜିବୟୀନୀ ମା ସିଂହବାହିନୀ । ଅନ୍ୟାୟ ଅନୀତିର ବିନାଶରେ ଚରାଚରେ ଶାନ୍ତିର ଉଲ୍ଲାସ ବିଂଚି ଦିଅ ଦେବୀ ଦଶଭୁଜା ସୁଖ ଆଉ ପିୟୁଷର ଅସରନ୍ତି ବାସ୍ନା । ଏତିକି କାମନା ସହ ରାୟଗଡା ଜିଲ୍ଲାର ସମସ୍ତ ଗୁରୁଜନ ଓ ଭାଇ ଭଉଣୀମାନଙ୍କୁ ଶାରଦୀୟ ଅଭିନନ୍ଦନ ଓ ଅନେକ ଶୁଭକାମନା ।

ତ୍ରିନାଥ ଗମାଙ୍ଗ
ବିଧାୟକ, ଗୁଣପୁର

ଭୁବନେଶ୍ୱର, ୨୫ ସେପ୍ଟେମ୍ବର - ୦୧ ଅକ୍ଟୋବର, ୨୦୧୭
Bhubaneswar, 25th Sept. -01st October, 2017

ଦେଶ ବିଦେଶ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭାରତରୁ ବିଦାହେବେ ରୋହିଙ୍ଗ୍ୟା : ରାଜନାଥ

ନୂଆଦିଲ୍ଲୀ : ମିଆଁମାରରୁ ଭାରତକୁ ଆସିଥିବା ରୋହିଙ୍ଗ୍ୟା ଶରଣାର୍ଥୀ ନୁହଁନ୍ତି, ସେମାନେ ବେଆଇନ ଦେଶାନ୍ତରବାସୀ। ଜାତୀୟ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କୁ ବିଦା କରାଯିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି। ଏଠାରେ ସୁଶାସନ, ବିକାଶ ଓ ମାନବାଧିକାର ସମ୍ପର୍କିତ ଜାତୀୟ ଆଲୋଚନା ଚକ୍ରରେ ଉଦ୍‌ବୋଧନ ଦେଇ ରାଜନାଥ କହିଲେ, "ରୋହିଙ୍ଗ୍ୟାମାନଙ୍କର ବାସ୍ତବ ସ୍ଥିତି ସମ୍ପର୍କରେ ଆମେ ହୃଦୟଙ୍ଗମ କରୁଛୁ। ସେମାନେ ଶରଣାର୍ଥୀ ଭାବେ ଭାରତକୁ ଆସିନାହାନ୍ତି। ଶରଣାର୍ଥୀର ମାନ୍ୟତା ପାଇବା ପାଇଁ କେତେକ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ରହିଛି। ସେମାନେ ଆଦୌ ଏହି ବ୍ୟବସ୍ଥା ପରିସରକୁ ଆସୁନାହାନ୍ତି।" ଭାରତ ତା'ର ଜାତୀୟ ସୁରକ୍ଷା ଦୃଷ୍ଟିରୁ ଏହି ବେଆଇନ ଦେଶାନ୍ତରବାସୀଙ୍କ ବିରୋଧରେ କୌଣସି ପଦକ୍ଷେପ ନେବାବେଳେ ଆଦୌ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ କରୁନାହିଁ। କୌଣସି ରୋହିଙ୍ଗ୍ୟା ଭାରତରେ ରାଜନୀତିକ ଆଶ୍ରୟ ନେବାକୁ ଚାହିଁ ନାହାନ୍ତି। ସେମାନଙ୍କୁ ଭାରତରୁ ବିଦା କରିବା ପାଇଁ ଉଦ୍ୟମ ହେଲାବେଳେ ମାନବାଧିକାର କଥା ଉଠାଇ ଏଥିରେ ବାଧା ସୃଷ୍ଟି କରାଯାଇ ନପାରେ। ବେଆଇନ ଦେଶାନ୍ତରବାସୀ ଓ ଶରଣାର୍ଥୀ ସମାନ ନୁହଁନ୍ତି। ଯେକୌଣସି ସାର୍ବଭୌମ ରାଷ୍ଟ୍ର ବେଆଇନ ଦେଶାନ୍ତରବାସୀଙ୍କ ବିରୋଧରେ ପଦକ୍ଷେପ ନେଇପାରିବ। ଏଥିସହିତ ଏହି ପ୍ରସଙ୍ଗ ମଧ୍ୟ ଆମର ଜାତୀୟ ସ୍ୱାର୍ଥ ସହ ଜଡ଼ିତ ବୋଲି ରାଜନାଥ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇ ରୋହିଙ୍ଗ୍ୟାମାନେ ଭାରତ ପାଇଁ ବିପଦ ବୋଲି ଦର୍ଶାଯାଇଛି। ଆସନ୍ତା ଅକ୍ଟୋବର ୩ରେ ସୁପ୍ରିମକୋର୍ଟ ଏ ସମ୍ପର୍କରେ ଶୁଣାଣି କରିବେ। ଏହି ଆଲୋଚନା ଚକ୍ରରେ ରାଜନାଥ ଆହୁରି କହିଲେ, ରୋହିଙ୍ଗ୍ୟାଙ୍କୁ ଦେଶରୁ

ବିଦା କରିବା ଦ୍ୱାରା ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ କରିବ ନାହିଁ। ୧୯୫୧ ଜାତିସଂଘ ଶରଣାର୍ଥୀ ସମ୍ମିଳନୀରେ ଭାରତ ସ୍ୱାକ୍ଷର କରିନାହିଁ। କେତେକ ମାନବାଧିକାର କର୍ମୀ ଏହି ପ୍ରସଙ୍ଗରେ ଭାରତକୁ ସମାଲୋଚନା କରୁଥିବାରୁ ସେ କହିଲେ, ଯେଉଁମାନେ ମାନବାଧିକାର ଉଲ୍ଲଂଘନ ହେଉଛି ବୋଲି ହୋହାଲ୍ଲା କରୁଛନ୍ତି, ସେମାନେ ଜାଣିରଖିବା ଉଚିତ ଆମେ ଆଦୌ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ କରୁନାହୁଁ। ଆମେ ଏଭଳି ପଦକ୍ଷେପ ନେଉଥିଲା ବେଳେ ବାଂଲାଦେଶରେ ଥିବା ରୋହିଙ୍ଗ୍ୟାଙ୍କ ପାଇଁ ରିଲିଫ୍ ଯୋଗାଇ ଦେଉଛୁ। ଅପରପକ୍ଷରେ ଏହି ଆଲୋଚନା ଚକ୍ରରେ ଯୋଗ ଦେଉଥିବା ଜାତୀୟ ମାନବାଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ୍ ଏଚ୍.ଏଲ୍ ଦତ୍ତୁ କହିଲେ, ରୋହିଙ୍ଗ୍ୟାଙ୍କୁ କମିଶନ ସମର୍ଥନ ଜଣାଇବ, କାରଣ ସେମାନେ ମିଆଁମାରରେ ଅତ୍ୟାଚାରର ଶିକାର ହୋଇ ଦେଶ ଛାଡ଼ିଛନ୍ତି। ଭାରତରେ ରହୁଥିବା ୪୦ ହଜାର ରୋହିଙ୍ଗ୍ୟାଙ୍କ ପାଇଁ ଆମେ ଲଢ଼ିବୁ। ସରକାରଙ୍କ ନିଷ୍ପତ୍ତି ଉପରେ କମିଶନ କୌଣସି ମତାମତ ଦେବନାହିଁ। କିନ୍ତୁ ରୋହିଙ୍ଗ୍ୟାଙ୍କୁ ସମର୍ଥନ କରିବୁ ବୋଲି ଜଷ୍ଟିସ୍ ଦତ୍ତୁ କହିଛନ୍ତି।

କେମିତି କଟିବ ଏ ସପ୍ତାହ

ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି। ତେଣୁ ଜଗିରଖି ଚଳିବାକୁ ହେବ।

ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ବୃଦ୍ଧି ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହେବାର ଜଣାପଡେ।

ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ପରିବାରରେ ଅଶାନ୍ତି ଦେଖାଦେବ। ତେଣୁ ଜଗିରଖି ଚଳିବାକୁ ହେବ।

ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ।

ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବା ସହିତ ଆଗକୁ ଗତିକରିବା ଆଶା ଦେଖାଦିଏ।

ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ଗୃହରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି। ଶନି ଓ ରବିବାର ବହୁତ ଶୁଭ ଅଟେ।

ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ସପ୍ତାହଟି ଭଲରେ କଟିବା ସହିତ ସମସ୍ତ କାର୍ଯ୍ୟ ସମ୍ପନ୍ନ ହେବ।

ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ଏଥିପାଇଁ ସତର୍କତା ଅବଲମ୍ବନ ଜରୁରୀ।

ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି।

ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ବିଭିନ୍ନ ଦିଗରୁ ଅର୍ଥଲାଗ ରହିଛି। ଦୂରଯାତ୍ରା ଗମନ କରିପାରନ୍ତି।

ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।

ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

'ଅର୍ଥନୀତି ସୁଦୃଢ଼ ପାଇଁ ପଦକ୍ଷେପ ନିଆଯିବ'

ନୂଆଦିଲ୍ଲୀ : ଦେଶର ଅର୍ଥନୀତିକୁ ବଳିଷ୍ଠ କରିବା ପାଇଁ ସରକାର ଆଉ କେତେକ ପଦକ୍ଷେପ ନେବାକୁ ଚିନ୍ତା କରୁଛନ୍ତି ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଜେଟ୍‌ଲୀ ଗତ କିଛି ଦିନ ହେଲା, ତାଙ୍କ ସହଯୋଗୀ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନଙ୍କ ସହ ଏକାଧିକ ବୈଠକ କରି ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରୁଛନ୍ତି। ସେ କହିଛନ୍ତି, ଆମେ ଠିକଣା ପଦକ୍ଷେପ ନେଉଛୁ। ସଂସ୍କାର କାର୍ଯ୍ୟକ୍ରମକୁ ଆଗେଇନେବା ଲାଗି ନିରନ୍ତର ଉଦ୍ୟମ କରୁଛୁ। ୨ ବର୍ଷ ତଳେ ଯେତେବେଳେ ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ଦେଖା ଦେଇଥିଲା, ସେତେବେଳେ ଭାରତର ଆର୍ଥିକ ପ୍ରଗତି ଆଶାଜନକ ରହିଥିଲା। ଏପରିକି ଜିଡିପି ଅଭିବୃଦ୍ଧି ହାର ଚୀନ୍ ତୁଳନାରେ ଅଧିକ ରହିଥିଲା। କିନ୍ତୁ ୨୦୧୬ ପ୍ରାରମ୍ଭରୁ ଜିଡିପି ଅଭିବୃଦ୍ଧି ୬ଟି କ୍ରମାଗତ ତ୍ରୈମାସିକରେ ହ୍ରାସ ପାଇ ଚାଲିଛି। ଏପ୍ରିଲ-ଜୁନ୍ ତ୍ରୈମାସିକରେ ୩ ବର୍ଷରେ ସବୁଠାରୁ କମ୍ ୫.୭ରେ ପହଞ୍ଚିଛି।

ମହିଳା ବିଲ୍ ପାରିତ ନେଇ ମୋଦି ସରକାର ତତ୍ପର

ନୂଆଦିଲ୍ଲୀ : କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ମହିଳା ଆରକ୍ଷଣକୁ

ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ସୋନିଆ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦି ଲୋକସଭାରେ ନିଜ ଦଳର ବହୁମତର ଫାଇଦା ଉଠାଇ ମହିଳା ଆରକ୍ଷଣ ବିଲ୍ ପାରିତ କରାଇବା ଉଚିତ। ଏହି ବିଲ୍ ୯ ମାର୍ଚ୍ଚ ୨୦୧୦ରେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାରଙ୍କ ଶାସନକାଳରେ ରାଜ୍ୟସଭାରେ ପାରିତ ହୋଇଥିଲା। କିନ୍ତୁ ବର୍ତ୍ତମାନ ଏହାକୁ ଲୋକସଭା ମଞ୍ଜୁରୀ ମିଳିବା ବାକି ରହିଛି। ସୋନିଆ ନିଜ ଚିଠିରେ ପ୍ରଧାନମନ୍ତ୍ରୀଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ତାଙ୍କ ଦଳ ମହିଳା ଆରକ୍ଷଣ ବିଲ୍‌କୁ ସମର୍ଥନ କରିବ। କାରଣ ଏହା ମହିଳା ସଶକ୍ତୀକରଣ ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ସେହିପରି ସୋନିଆ ଲେଖିଛନ୍ତି ଯେ, କଂଗ୍ରେସ ଓ ଏହାର ଦିବଙ୍ଗତ ନେତା ରାଜୀବ ଗାନ୍ଧୀ ସମ୍ବିଧାନ ସଂଶୋଧନ ବିଲ୍ ଜରିଆରେ ପଞ୍ଚାୟତସ୍ତରରେ ମହିଳାଙ୍କ ପାଇଁ ଆରକ୍ଷଣ ଉପରେ ପ୍ରଥମଥର ଲାଗି ପ୍ରାବଧାନ କରି ମହିଳା ସଶକ୍ତୀକରଣ ଦିଗରେ ପଦକ୍ଷେପ ଗ୍ରହଣ କରିଥିଲେ। ଉକ୍ତ ବିଲ୍‌କୁ ୧୯୮୯ରେ ବିରୋଧୀ ଦଳ ପାରିତ ହେବାକୁ ଦେଇନଥିଲା। କିନ୍ତୁ ପରେ ୧୯୯୩ରେ ଉଭୟ ଗୃହରେ ଏହା ପାରିତ ହୋଇଥିଲା। ସୋନିଆଙ୍କ ଚିଠି ପାଇବା ପରେ ଏନେଇ ମୋଦି ସରକାର ତତ୍ପର ହୋଇ ଉଠିଛନ୍ତି।

'ଆତଙ୍କବାଦର ଅନ୍ୟ ନାମ ପାକିସ୍ତାନ'

ଜାତିସଂଘ : ପାକିସ୍ତାନ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେବା ସହ ଆତଙ୍କୀ ସଂଗଠନଗୁଡ଼ିକୁ ସବୁ ପ୍ରକାର ସାହାଯ୍ୟ ସହଯୋଗ କରୁଥିବାରୁ ଭାରତ ଏଥିପାଇଁ ଇସ୍‌ଲାମାବାଦକୁ କଟୁ ସମାଲୋଚନା କରିଛି। ଜାତିସଂଘ ସାଧାରଣ ପରିଷଦରେ ଭାରତ 'ଉତ୍ତର ଦେବାର ଅଧିକାର'କୁ ସାବ୍ୟସ୍ତ କରିବାକୁ ଯାଇ କହିଛି, 'ପାକିସ୍ତାନ ଆଉ ପାକ୍ ସ୍ଥାନ୍ ହୋଇନାହିଁ। ଉର୍ଦ୍ଦୁ ଭାଷାରେ ପାକ୍‌ର ଅର୍ଥ ପବିତ୍ର। କିନ୍ତୁ ଏହାର କାର୍ଯ୍ୟକଳାପରୁ ସ୍ପଷ୍ଟ ହୋଇଯାଇଛି ଯେ, ଏହା ସମ୍ପୂର୍ଣ୍ଣ ରୂପେ ଆତଙ୍କବାଦୀଙ୍କ କ୍ଷେତ୍ର ପାଲଟିଛି। ଏହାର ସଂକ୍ଷିପ୍ତ ଇତିହାସକୁ ଅନୁଧ୍ୟାନ କଲେ ଆତଙ୍କବାଦର ଅନ୍ୟ ନାମ ପାକିସ୍ତାନ ବୋଲି କୁହାଯିବ।' ଜାତିସଂଘରେ ଭାରତର ପ୍ରଥମ ସଚିବ ଇନାମ୍ ଗାମ୍ଭୀର ଏହା କହିଛନ୍ତି। ସେ ଆହୁରି କହିଛନ୍ତି, ଜାତିସଂଘ ଦ୍ୱାରା ଆତଙ୍କବାଦୀ ଘୋଷିତ ହୋଇଥିବା ହାଫିଜ୍ ସୟିଦ ପାକିସ୍ତାନରେ ଏକ ରାଜନୈତିକ ଦଳ ଗଠନ କରିଛି ଏବଂ ଆଗାମୀ ସାଧାରଣ ନିର୍ବାଚନରେ ଭାଗନେବାକୁ ଉଦ୍ୟମ କରୁଛି। ଭାରତ ଭଲ ଭାବରେ ଜାଣିଛି ଯେ, ତା'ର ପଡ଼ୋଶୀ ରାଷ୍ଟ୍ର କିଭଳି ଆତଙ୍କବାଦୀ ନେତାମାନଙ୍କୁ ବିଭିନ୍ନ ଭାବରେ ସୁରକ୍ଷା ଦେଇଚାଲିଛି।

ଜାତିସଂଘ ସାଧାରଣ ପରିଷଦରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହିଦ୍ ଖକନ୍ ଆବାସୀଙ୍କ ପ୍ରଥମ ଉଦ୍‌ବୋଧନର ଜବାବରେ ଭାରତ ଏଭଳି ବିବୃତି ରଖିଛି। ଆବାସୀ ତାଙ୍କ ବକ୍ତବ୍ୟରେ ଆତଙ୍କବାଦକୁ ଘଣ୍ଟ ଘୋଡ଼ାଇବା ସହ କଶ୍ମୀର ଏକ ଦ୍ୱିପାକ୍ଷିକ ବିବାଦୀୟ ପ୍ରସଙ୍ଗ ବୋଲି ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିବାକୁ ଉଦ୍ୟମ କରିଥିଲେ। ଏହାର ଠିକଣା ଜବାବ ଦେବାକୁ ଯାଇ ଭାରତ କହିଛି ଯେ, ପାକିସ୍ତାନ ମାଟିରେ ଯେଉଁଳି ଆତଙ୍କବାଦୀ କାର୍ଯ୍ୟକଳାପକୁ ସାହାଯ୍ୟ ଓ ସମର୍ଥନ ମିଳୁଛି, ତାକୁ ଲୁଚାଇବା ପାଇଁ ପାକିସ୍ତାନ ବାରମ୍ବାର କଶ୍ମୀର ପ୍ରସଙ୍ଗ ଉତ୍ଥାପନ କରୁଛି। ଓସାମା ବିନ୍ ଲାଡେନ୍ ଓ ମୁଲ୍ଲା ଓମାର୍‌ଙ୍କୁ ସୁରକ୍ଷା ଦେଇଥିବା ରାଷ୍ଟ୍ର ଏବେ ଅନ୍ତର୍ଜାତୀୟ ମଞ୍ଚରେ ଏଭଳି ଖେଳ ଖେଳୁଛି। କିନ୍ତୁ ପାକିସ୍ତାନର ସମସ୍ତ ପଡ଼ୋଶୀ ରାଷ୍ଟ୍ର ତା'ର ଏହି ଚାଲ୍ ସମ୍ପର୍କରେ ଭଲ ଭାବରେ ଅବଗତ ଅଛନ୍ତି ଏବଂ ସେମାନେ ମଧ୍ୟ ଏହାକୁ ଆଦୌ ଗ୍ରହଣ କରୁନାହାନ୍ତି। କଶ୍ମୀରରେ ସେନାର ଅତ୍ୟାଚାର ଚାଲିଛି ବୋଲି ଆବାସୀଙ୍କ ଆରୋପ ଉପରେ ଗାମ୍ଭୀର କହିଲେ, ପାକିସ୍ତାନ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାରୁ ନିବୃତ୍ତ ରହିବା ଉଚିତ। ଗଣତନ୍ତ୍ର ସମ୍ପର୍କରେ ଭାରତର କାହାରି ଠାରୁ ଶିକ୍ଷା କରିବାର ନାହିଁ। ମାନବାଧିକାର ସୁରକ୍ଷାରେ ଯେଉଁ ରାଷ୍ଟ୍ର ଫେଲ୍ ମାରିଛି ଏବଂ ଯେଉଁ ରାଷ୍ଟ୍ରରେ ଆତଙ୍କୀମାନେ ନିର୍ବିଘ୍ନରେ ବିଚରଣ କରୁଛନ୍ତି, ସେଭଳି ରାଷ୍ଟ୍ର ଭାରତକୁ ଆଦୌ ଶିକ୍ଷା ଦେଇପାରିବ ନାହିଁ। ପାକିସ୍ତାନ ଭଲଭାବରେ ଉପଲବ୍ଧି କରିବା ଦରକାର ଯେ, ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଛି ଓ ରହିବ ମଧ୍ୟ ବୋଲି ଗାମ୍ଭୀର କହିଛନ୍ତି।

ବାରାଣସୀକୁ ମୋଦିଙ୍କ ଉପହାର

ବାରାଣସୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ନିର୍ବାଚନମଣ୍ଡଳୀ ବାରାଣସୀର ଜନସାଧାରଣଙ୍କୁ ୧୦୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉପହାର ଦେଇଛନ୍ତି। ଏହି ଅବସରରେ ସେ ବାରାଣସୀରୁ ଭଦୋଦରା ପର୍ଯ୍ୟନ୍ତ ଚଳାଚଳ କରିବାକୁ ଥିବା ମହାମନା ଏକ୍ସପ୍ରେସ୍‌କୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଏଠାରେ ନବନିର୍ମିତ ଟ୍ରେଡ୍ ସେଣ୍ଟର ଓ କ୍ରାଫ୍ଟସ୍ ମ୍ୟୁଜିୟମ୍ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଦିଙ୍କ ସହ କେନ୍ଦ୍ର ବୟନ ଶିଳ୍ପମନ୍ତ୍ରୀ ସ୍ମୃତି ଇରାନୀ, ରାଜ୍ୟପାଳ ରାମ ନାୟକ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ନବ ନିର୍ମିତ ଟ୍ରେଡ୍ ସେଣ୍ଟରକୁ ଗୈରିକ ଦଳର ମହାନ ଚିନ୍ତାନାୟକ ଦୀନଦୟାଲ ଉପାଧ୍ୟାୟଙ୍କ ନାମରେ ନାମିତ କରାଯାଇଛି। ମୋଦି ଏହି କେନ୍ଦ୍ର ସହିତ ୫୯୫ କୋଟିର ବିଭିନ୍ନ ପ୍ରକଳ୍ପକୁ ଲୋକାର୍ପଣ କରିଛନ୍ତି। ବାଲୁଆଘାଟ ଓ ସାମନେଘାଟ ନାମରେ ୨ଟି ସେତୁ ସେ ଲୋକାର୍ପଣ କରିଛନ୍ତି। ଏ ବାବଦରେ ୧୮୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହାଛଡ଼ା ପାୱାର ସବ୍‌ଷ୍ଟେସନ ସମେତ ଅନ୍ୟ ୧୪ଟି ପ୍ରକଳ୍ପର ମଧ୍ୟ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସୌର ଲ୍ୟାମ୍ପ୍ ଓ ଅନ୍ୟ ସାମଗ୍ରୀ ବୁଣାକାର ପରିବାରଙ୍କୁ ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ୪୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ପ୍ରଧାନମନ୍ତ୍ରୀ। ତୁଳସୀ ମାନସ ମନ୍ଦିର ଠାରେ ରାମାୟଣ ଉପରେ ଏକ ଡାକ ଟିକଟ ଉନ୍ମୋଚନ କରିଛନ୍ତି। ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଏଠାର ଦୁର୍ଗାକୁଣ୍ଡରେ ଥିବା ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ସେ ବଡ଼ା ଲାଲପୁର ଠାରେ ଦୀନଦୟାଲ ହସ୍ତକଳା ସଂକୁଳକୁ ଲୋକାର୍ପଣ କରିବା ସହ ଆଉ କେତେକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଗୋରକ୍ଷା ନାମରେ ହିଂସା

'କ୍ଷତିପୂରଣ ଦେବା ରାଜ୍ୟର ଦାୟିତ୍ୱ'

ନୂଆଦିଲ୍ଲୀ : ଗୋରକ୍ଷା ନାମରେ ହେଉଥିବା ହିଂସା ମାମଲା ସହ ଜଡ଼ିତ ଆବେଦନ ଉପରେ ସୁପ୍ରିମକୋର୍ଟ ଶୁଣାଣି କରିଛନ୍ତି। ଶୁଣାଣି ବେଳେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଗୋରକ୍ଷା ନାମରେ ହିଂସାକାଣ୍ଡ ଘଟାଉଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏଥିସହିତ ଏଭଳି ହିଂସାକାଣ୍ଡର ଶିକାର ହେଉଥିବା ନିର୍ଦ୍ଦୋଷ ଲୋକଙ୍କୁ ସଂପୃକ୍ତ ରାଜ୍ୟ ସରକାର କ୍ଷତିପୂରଣ ଦେବା ଉଚିତ। ପହଲୁ ଖାନ୍‌ଙ୍କ ହତ୍ୟା ମାମଲା ସହ ଜଡ଼ିତ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି ଯେ, ଗୋରକ୍ଷା ନାମରେ ହେଉଥିବା ହିଂସାର ପୀଡ଼ିତଙ୍କୁ କ୍ଷତିପୂରଣ ଦେବା ସମସ୍ତ ରାଜ୍ୟର ଦାୟିତ୍ୱ। ପୂର୍ବରୁ ଏହି ମାମଲାରେ ଦିଆଯାଇଥିବା ଆଦେଶ ମୁତାବକ, ଆଜି ରାଜସ୍ଥାନ, ଝାଡଖଣ୍ଡ, କର୍ଣ୍ଣାଟକ ଓ ଉତ୍ତର ପ୍ରଦେଶ ସରକାର ସୁପ୍ରିମକୋର୍ଟରେ ନିଜ ରିପୋର୍ଟ ଦାଖଲ କରିଛନ୍ତି। ଏଥିସହିତ ଅନ୍ୟ କିଛି ରାଜ୍ୟକୁ ଖୁବ୍‌ଶୀଘ୍ର ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ସୁପ୍ରିମକୋର୍ଟ ଆସନ୍ତା ଅକ୍ଟୋବର ୩୧ରେ ମାମଲାର ପରବର୍ତ୍ତୀ ଶୁଣାଣି କରିବେ। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଏପ୍ରିଲରେ ରାଜସ୍ଥାନରେ ପହଲୁ ଖାନ୍‌ଙ୍କୁ କିଛି ଗୋରକ୍ଷକ ପିଟିପିଟି ହତ୍ୟା କରିଥିଲେ। ଏହି ମାମଲାରେ ନିକଟରେ ରାଜ୍ୟ ପୁଲିସ୍ ୬ ଜଣ ଅଭିଯୁକ୍ତଙ୍କୁ କ୍ଲିନ୍‌ଚିଟ୍ ପ୍ରଦାନ କରିଛି।

ଜଳବାୟୁ ପରିବର୍ତ୍ତନ ରାଜିନାମା

ବିହିତ ପଦକ୍ଷେପ ନେବ ଭାରତ

ଜାତିସଂଘ : ଐତିହାସିକ ପ୍ୟାରିସ୍ ଜଳବାୟୁ ପରିବର୍ତ୍ତନ ରାଜିନାମାକୁ ଭାରତ ନିଶ୍ଚିତ ରୂପେ ପାଳନ କରିବ। ଏପରିକି ରାଜିନାମା ଠାରୁ ଆହୁରି ଉର୍ଦ୍ଧ୍ୱକୁ ଯାଇ ଜଳବାୟୁ ପରିବର୍ତ୍ତନ ରୋକିବା ପାଇଁ ଭାରତ ବିହିତ ପଦକ୍ଷେପ ଗ୍ରହଣ କରିବ ବୋଲି ଜାତିସଂଘ ଫୋରମ୍‌ରେ ତା'ର ସଂକଳ୍ପ ଦୋହରାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଜାତିସଂଘର ପରିବେଶ ଚୁକ୍ତି ସମ୍ପର୍କିତ ନେତୃତ୍ୱ ଶୀର୍ଷ ବୈଠକରେ ଭାଗ ନେଇ କହିଛନ୍ତି, ଏ କ୍ଷେତ୍ରରେ ଭାରତ ସବୁଠାରୁ ଆଗରେ ରହିଛି। ଉଲ୍ଲେଖଯୋଗ୍ୟ ଯେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ ଜୁନ୍ ମାସରେ ଏହି ଚୁକ୍ତିରୁ ଆମେରିକା ଓହରିଯିବ ବୋଲି ଘୋଷଣା କରିଥିବାରୁ ଆମେରିକାର ଭବିଷ୍ୟତ ଭୂମିକା ନେଇ ସନ୍ଦେହ ପ୍ରକାଶ ପାଇବା ପରିପ୍ରେକ୍ଷୀରେ ବୈଦେଶିକ ମନ୍ତ୍ରୀ ଏଭଳି ମନ୍ତବ୍ୟ ଦେଇଛନ୍ତି। ସେତେବେଳେ ଟ୍ରମ୍ପ୍ କହିଥିଲେ, ଭାରତ ଓ ଚୀନ୍ ଭଳି ରାଷ୍ଟ୍ରଗୁଡ଼ିକୁ ଅଯଥା ଗୁରୁତ୍ୱ ଦିଆଯାଉଛି। ୨୦୧୫ ଡିସେମ୍ବରରେ ଭାରତ ସମେତ ୧୯୦ଟି ରାଷ୍ଟ୍ର ବିଶ୍ୱ ସ୍ତରରେ ବାୟୁମଣ୍ଡଳର ତାପମାତ୍ରା ୨ ଡିଗ୍ରୀ ସେଲ୍‌ସିୟସ୍ ହ୍ରାସ କରିବାକୁ ସହମତ ହୋଇଥିଲେ। ୧୯୯୭ର କ୍ୟୁଟୋ

ପ୍ରୋଟୋକଲ୍ ପରିବର୍ତ୍ତେ ପ୍ୟାରିସ୍ ରାଜିନାମା ଗୃହୀତ ହୋଇଥିଲା। ଏହାକୁ ଗତ ଅକ୍ଟୋବରରେ ଅନୁମୋଦନ ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱରେ ସବୁଠାରୁ ଅଧିକ କାର୍ବନ୍ ପ୍ରଦୂଷଣକାରୀ ରାଷ୍ଟ୍ର ତାଲିକାରେ ଭାରତ ୩ ନମ୍ବର ସ୍ଥାନରେ ରହିଛି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କ ପକ୍ଷରୁ ଆୟୋଜିତ ଏହି ବୈଠକରେ ସ୍ୱରାଜ କହିଲେ, ପ୍ୟାରିସ୍ ରାଜିନାମା ଠାରୁ ଆହୁରି ଆଗକୁ ଯିବାକୁ ଭାରତ ଲକ୍ଷ୍ୟ ରଖିଛି। ପୃଥିବୀ ପ୍ରତି ଆମର ଦାୟିତ୍ୱ କେତେ ତାହା ଆମେ ଭଲ ଭାବରେ ବୁଝିଛୁ। ଏହି ବୈଠକରେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ ଅଧ୍ୟକ୍ଷତା କରିଥିଲେ। ଏହି ପରିପ୍ରେକ୍ଷୀରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରବୀଶ୍ କୁମାର କହିଛନ୍ତି, ଭାରତ ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗକୁ ବୈଠକରେ ଅଧିକ ଗୁରୁତ୍ୱ ଦେଇଛି। ଭାରତ ଓ ଫ୍ରାନ୍ସ ମିଳିତ ଭାବେ ଅନ୍ତର୍ଜାତୀୟ ସୌର ମେଣ୍ଟ କରିଛନ୍ତି ବୋଲି ଆମେ ବୈଠକରେ ଜଣାଇଛୁ। ବୈଦେଶିକ ମନ୍ତ୍ରୀ ସ୍ୱରାଜ ମେକ୍ସିକୋ, ନରଓ୍ୱେ ଓ ବେଲ୍‌ଜିୟମ୍ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ସେ ମଧ୍ୟ ମରିସସ୍‌ର ପ୍ରଧାନମନ୍ତ୍ରୀ ପ୍ରବିନ୍ଦ୍ ଜଗନ୍ନାଥଙ୍କ ସହ ଆଲୋଚନା କରିଛନ୍ତି। ବେଲ୍‌ଜିୟମ୍‌ରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଖୁବ୍ ଶୀଘ୍ର ଭାରତ ଆସିବା ନେଇ ଆଲୋଚନାରେ ସ୍ଥିର ହୋଇଛି। ପରେ ସ୍ୱରାଜ ବ୍ରିଟିଶ ପ୍ରଧାନମନ୍ତ୍ରୀ ଟେରିଜା ମେ'ଙ୍କ ପକ୍ଷରୁ ଆୟୋଜିତ ଭୋଜିରେ ଯୋଗ ଦେଇଥିଲେ।

୩
ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୨୫ ସେପ୍ଟେମ୍ବର - ୦୧ ଅକ୍ଟୋବର, ୨୦୧୭
Bhubaneswar, 25th Sept. -01st October, 2017
ପରିକ୍ରମା

ବ୍ୟବସାୟ ପାଇଁ ବ୍ୟବସ୍ଥାର ସରଳୀକରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

'ସିଙ୍ଗଲ୍‌ୱିଣ୍ଡୋ ପୋର୍ଟାଲ କାର୍ଯ୍ୟକୁ ଶୀଘ୍ର ସାର'

ଭୁବନେଶ୍ୱର : ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଆଗ୍ରହୀ ଥିବା ଶିଳ୍ପଗୋଷ୍ଠୀ ସୁବିଧାରେ ବ୍ୟବସାୟ ଆରମ୍ଭ କରିବା ପାଇଁ ରାଜ୍ୟ ସରକାର ଅନେକ ଢାଞ୍ଚାଗତ ସଂସ୍କାର ଆଣିଛନ୍ତି । ଏଥିପାଇଁ ଅନେକ ସଂସ୍କାର ଅଣାଯାଇଥିବାବେଳେ ଅକ୍ଟୋବର ୧୦ ତାରିଖ ସୁଦ୍ଧା ବାକି କାର୍ଯ୍ୟକ୍ରମକୁ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି । ସଚିବାଳୟରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ବ୍ୟବସାୟ ପାଇଁ ସରଳ ବ୍ୟବସ୍ଥା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତବର୍ଷ ହୋଇଥିବା ପୁଞ୍ଜି ନିବେଶକାରୀ ସମ୍ମିଳନୀରେ ମିଳିଥିବା ୧୨୪ଟି ପ୍ରସ୍ତାବ ମଧ୍ୟରୁ ୭୫ଟି ସଂସ୍ଥା ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ତେଣୁ ପ୍ରସ୍ତାବଗୁଡ଼ିକୁ ଶୀଘ୍ର କାର୍ଯ୍ୟକାରୀ

କରିବା ପାଇଁ ବିଭିନ୍ନ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସେହିପରି ସିଙ୍ଗଲ ୱିଣ୍ଡୋ ପୋର୍ଟାଲ୍ କାର୍ଯ୍ୟକୁ ଶୀଘ୍ର ଶେଷ କରିବା ପାଇଁ କୁହାଯାଇଥିଲା । ବ୍ୟବସାୟ ପାଇଁ ସରଳ ବ୍ୟବସ୍ଥା କ୍ଷେତ୍ରରେ ଓଡ଼ିଶା ଚଳିତ ବର୍ଷ ଆଗୁଆ ରାଜ୍ୟ ହେବା ପାଇଁ ପ୍ରାଥମିକତା ଭିତ୍ତିରେ ବ୍ୟବସାୟ ପାଇଁ ସଂସ୍କାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କର ଅର୍ଥ, ଶକ୍ତି, ଶ୍ରମ, ଜଙ୍ଗଲ ଓ ପରିବେଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଶିଳ୍ପ, ଆଇନ, ଖାଦ୍ୟ ଯୋଗାଣ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମେତ ରାଜ୍ୟ ପ୍ରଦୂଷଣ ବୋର୍ଡ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ନିୟମାବଳୀର ସଂସ୍କାର ପାଇଁ ପଦକ୍ଷେପ ନିଆଯାଇଛି । ସେହିପରି ସିଙ୍ଗଲ ଉଇଣ୍ଡୋ ପୋର୍ଟାଲ କାମ ଜାରି ରହିଛି ଏବଂ ଏଥିରେ ଅନଲାଇନ ଜରିଆରେ ବିଭିନ୍ନ ବିଭାଗର ୩୪ ପ୍ରକାର ଅନୁମୋଦନ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଜଣାପଡ଼ିଛି । ସମୀକ୍ଷା ବୈଠକରେ ଶିଳ୍ପମନ୍ତ୍ରୀ ନିରଞ୍ଜନ ପୂଜାରୀ, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପାଢ଼ୀ, ଉନ୍ନୟନ କମିଶନର ଏବଂ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ ।

ଅକ୍ଟୋବରରେ ୬ ଖଣି ନିଲାମୀ

ଭୁବନେଶ୍ୱର : ଆସନ୍ତା ମାସରେ ଅତିକମ୍‌ରେ ୬ ଖଣି ନିଲାମ ନିମନ୍ତେ ଲକ୍ଷ୍ୟ ରଖାଯାଇଛି । ଏଥିନେଇ ରାଜ୍ୟରେ ଖଣି ନିଲାମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି ସରକାର । ଯେଉଁ ଖଣିଗୁଡ଼ିକ ନିଲାମ ହୋଇଛି ତାହାର କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନକୁ ଲକ୍ଷ୍ୟଭେଦୀ କରାଯିବ । ସଚିବାଳୟରେ ମୁଖ୍ୟସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇଛି । ନିଲାମ ହୋଇଥିବା ଖଣିପ୍ରକଳ୍ପଗୁଡ଼ିକର କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରିବା ନିମନ୍ତେ ରାଜ୍ୟସ୍ତରୀୟ ସହାୟକ କମିଟି ବୈଠକରେ ମୁଖ୍ୟ ସଚିବ ୫ଟି ଖଣିର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି । ସୁନ୍ଦରଗଡ଼ ଜିଲାର ଘୋରବୁରହାଣୀ-ସାଗାସାହି ଲୁହାପଥର ଖଣି, ମାଲକାନଗିରି ଜିଲାର କୋଟାମେଟା ଚୂନପଥର ଖଣି, କେନ୍ଦୁଝର ଜିଲାର ଲାସେର୍ଦ୍ଦା-ପଚେରୀ ମାଙ୍ଗାନିଜ ଖଣି, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲାର ନେତ୍ରାନ୍ଧ ଲୁହାପଥର ଖଣି ସମ୍ପର୍କରେ ବିଭାଗୀୟ ସଚିବ ତଥ୍ୟ ଉପସ୍ଥାପନ କରିଥିଲେ । ଖଣି କାର୍ଯ୍ୟ ପାଇଁ ଆବଶ୍ୟକୀୟ ଅନୁମୋଦନ, ଅନୁମତି ସଂକ୍ରାନ୍ତ ବିଷୟବସ୍ତୁ ସୂଚନା ଦେଇଥିଲେ । ମୁଖ୍ୟ ସଚିବ ଶ୍ରୀ ପାଢ଼ୀ ପ୍ରତି କାର୍ଯ୍ୟ ପାଇଁ ସମୟ ନିର୍ଘଣ୍ଟ ଧାର୍ଯ୍ୟ କରି ତଦନୁସାରେ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଜଙ୍ଗଲ ଓ ପରିବେଶ, ଇସ୍ପାତ ଓ ଖଣି ବିଭାଗ ନିଜ ମଧ୍ୟରେ ସମନ୍ୱୟ ରଖି ସମ୍ମିଳିତ ଭାବରେ ଏହି କାର୍ଯ୍ୟ କରିବାକୁ ପରାମର୍ଶ ଦେବା ସହ ଆଗାମୀ ମାସରେ ୬ଟି ଖଣି ନିଲାମ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ । ଏହି ଅବସରରେ ଜଙ୍ଗଲ ଅନୁମତି, ପରିବେଶ ଅନୁମତି, ଖଣି ଖନନ ଯୋଜନା ଅନୁମୋଦନ, ବନ୍ୟଜନ୍ତୁ ପରିଚାଳନା, ଜମି ଅଧିଗ୍ରହଣ, ଗ୍ରାମସଭା ଆୟୋଜନ, ଜମି ମାଲିକାନା ନାମ ଜାରି, ରେଳବାଇ ସାଇଡ଼ିଂ ଓ କାର୍ଯ୍ୟାରମ୍ଭ ଅନୁମତି ସମ୍ପର୍କରେ ମୁଖ୍ୟ ସଚିବ ବିଭିନ୍ନ ପ୍ରସଙ୍ଗ ଅନୁଧ୍ୟାନ କରିଥିଲେ । ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଇସ୍ପାତ ଓ ଖଣି ବିଭାଗ ପ୍ରମୁଖ ସଚିବ ରାଜକୁମାର ଶର୍ମା, ମୁଖ୍ୟ ବନ୍ୟଜନ୍ତୁ ସଂରକ୍ଷକ ସନ୍ଦୀପ ତ୍ରିପାଠୀ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ସଦସ୍ୟ ସଚିବ ଦେବୀଦତ୍ତ ବିଶ୍ୱାଳ, ଖଣି ନିର୍ଦ୍ଦେଶକ ଦୀପକ ମହାନ୍ତି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଯୁଗ୍ମ ଶାସନ ସଚିବ ଅଭୟ ନାୟକଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

କେମିତି ଫସିଲେ ପ୍ରଭାତ

ଭୁବନେଶ୍ୱର : କେମିତି ସିବିଆଇ ସ୍କାନରକୁ ଆସିଲେ ବିଧାୟକ ପ୍ରଭାତରଞ୍ଜନ ବିଶ୍ୱାଳ । ତଦନ୍ତକାରୀ ଅଧିକାରୀଙ୍କ ସମ୍ମୁଖରେ କିଏ ଉଠାଇଥିଲେ ତାଙ୍କ ନା ? ସିବିଆଇକୁ କ'ଣ କହିଥିଲେ ସି-ସୋର ମୁଖ୍ୟ । କାହିଁକି ବିଜେଡି ବିଧାୟକଙ୍କୁ ଘେରିଲା କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା । କିଛିଦିନ ପୂର୍ବରୁ ଏ ସମ୍ପର୍କରେ ଶ୍ରୀ ବିଶ୍ୱାଳ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ୨୦୧୪ ନଭେମ୍ବର ୧୯ତାରିଖ । ସି-ସୋର ଲିଙ୍କ୍ ନେଇ ସିବିଆଇ କାର୍ଯ୍ୟାଳୟରେ ଚାଲିଥିଲା ଜେରା । ତଦନ୍ତକାରୀ ଅଧିକାରୀଙ୍କ ଆଗରେ ଥିଲେ ବିଜେଡିର ତତ୍କାଳୀନ ନେତା ତଥା ଚାଣକ୍ୟ ପ୍ୟାରୀମୋହନ ମହାପାତ୍ର । ତାଙ୍କ ସାମ୍ନାରେ ଥିଲେ କମ୍ପାନୀ ମୁଖ୍ୟ ପ୍ରଶାନ୍ତ ଦାସ । ଉଭୟଙ୍କୁ ମୁହାଁମୁହିଁ ବସାଇ ମାରାଥନ ଜେରା କରୁଥିଲେ ସିବିଆଇର ତଦନ୍ତକାରୀ ଅଧିକାରୀ । ଆଉ ଠିକ୍ ସେହି ସମୟରେ ପ୍ରଶାନ୍ତ ଦାସଙ୍କୁ ଇଙ୍ଗିତ କରି ପ୍ୟାରୀ ନେଇଥିଲେ ପ୍ରଭାତ ବିଶ୍ୱାଳଙ୍କ ନା । କହିଥିଲେ ପ୍ରଭାତ ତାଙ୍କଠାରୁ ନେଇଥିବା ଟଙ୍କା କାହିଁକି ଫେରାଇ ନାହାନ୍ତି, ସେ ନେଇ ସିବିଆଇକୁ ପ୍ରଶାନ୍ତ ସୂଚନା ଦିଅନ୍ତୁ । ପୂର୍ବରୁ ଏ କଥା ନିଜେ କହିଥିଲେ ପ୍ରଭାତ ବିଶ୍ୱାଳ । ପ୍ରଶାନ୍ତଙ୍କ ସହ ସାମ୍ନାସାମ୍ନି ଜେରା ସମୟରେ ଗୁମର ଖୋଲିବାକୁ ବାଧ ହୋଇଥିଲେ ପ୍ୟାରୀ । ସି-ସୋର୍ ସହିତ କେମିତି ହୋଇଥିଲା ଟଙ୍କା କାରବାର । ପ୍ରଭାତଙ୍କୁ କେତେ ଟଙ୍କା ଦେଇଥିଲେ ସି-ସୋର ମାଲିକ । ପ୍ୟାରୀଙ୍କୁ ଜେରାବେଳେ ସାମ୍ନାକୁ ଆସିଯାଇଥିଲା ପ୍ରଭାତଙ୍କ ଭୂମିକା । କୁହାଯାଉଛି ସେହି ସମୟରେ ସିବିଆଇ ସ୍କାନରକୁ ଆସିଯାଇଥିଲେ ପ୍ରଭାତ ବିଶ୍ୱାଳ । ଘଟଣାର ଦୁଇଦିନ ପରେ ଅର୍ଥାତ ୨୦୧୪ ନଭେମ୍ବର ୨୧ରେ ସିବିଆଇ ତାଙ୍କ ପତ୍ନୀ ଲକ୍ଷ୍ମୀବିଳାସିନୀ ବିଶ୍ୱାଳଙ୍କୁ ପଚରାଉଚରା କରିଥିଲା । ପ୍ରସଙ୍ଗ ଥିଲା ଯାଜପୁର ବେଣାପୁରର ୩୨ଗୁଣ୍ଠ ଜମି । ୨୦୧୬ ନଭେମ୍ବର ୨୬ ପତ୍ନୀଙ୍କ ଜେରାର ୫ଦିନ ପରେ ପ୍ରଭାତଙ୍କୁ ସମନ କରିଥିଲା ସିବିଆଇ । ଚଳିତ ବର୍ଷ ଜାନୁଆରୀ ୧୨ରେ ବିଧାୟକ ଶ୍ରୀ ବିଶ୍ୱାଳଙ୍କ ବାସଭବନରେ ଚଢଉ କରିଥିଲା ସିବିଆଇ । ଗତ ତିନି ବର୍ଷ ମଧ୍ୟରେ ପ୍ରଭାତ ବିଶ୍ୱାଳ ଓ ତାଙ୍କ ପତ୍ନୀଙ୍କୁ ବାରମ୍ବାର ଜେରା କରିଛି ସିବିଆଇ । ତେବେ କାହିଁକି କାହା ଇଙ୍ଗିତରେ କୌଣସି ଚୂଡାନ୍ତ ନିଷ୍ପତ୍ତି ନେଇପାରୁ ନଥିଲା ସିବିଆଇ । ଏହି ଘଟଣା କ୍ରମରେ କ'ଣ ରହିଥିଲା ରାଜନୈତିକ ଉଦ୍ଦେଶ୍ୟ ? କ'ଣ ବିଜେପି ସମର୍ଥନରେ ଆଗେଇ ଅସିଥିଲା ବିଜେଡ଼ି ବୋଲି । ରାଷ୍ଟ୍ରପତି ନିର୍ବାଚନବେଳେ ଏନଡିଏକୁ ମଧ୍ୟ ସମର୍ଥ ଦେଇଥିଲେ ନବୀନ । ସେହିପରି ଜିଏସଟି ବିଲ ଗୃହୀତ ହେବାବେଳେ ନବୀନଙ୍କ ମତ ଥିଲା ମୋଦିଙ୍କ ସପକ୍ଷରେ । ଏସବୁ ଘଟଣା ବେଳେ ଶିଥିଳ ପଡିଯାଇଥିଲା କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସିବିଆଇ । ଆଉ ଯେତେବେଳେ ତୈଳଦର ବୃଦ୍ଧି ନେଇ ବିଜେଡି ରାସ୍ତାକୁ ଓହ୍ଲାଇଲା ଏବଂ କେନ୍ଦ୍ର ବିରୋଧରେ ଖୋଲାଖୋଲି ଯୁଦ୍ଧ ଡାକରା ଦେଲା ସେତେବେଳେ ଗିରଫ ହେଲେ ପ୍ରଭାତ ବିଶ୍ୱାଳ । ଏପରି ଅଭିଯୋଗ କରୁଛନ୍ତି ପ୍ରତିପକ୍ଷ । ଗତ ୩ବର୍ଷରେ ୧୭ ଥର ଜେରା ପରେ କାହିଁକି ଚୁପ ବସିଥିଲା ସିବିଆଇ ? ପ୍ରଭାତ ତ୍ରିପାଠୀ ଓ ରାମଚନ୍ଦ୍ର ହାଁସଦାଙ୍କଠାରୁ ଏବେ ବିଜେଡି ପାଇଁ ବହୁ ମୂଲ୍ୟବାନ୍ ହେଇଯାଇଛନ୍ତି ପ୍ରଭାତ ବିଶ୍ୱାଳ ।

୨୦୨୫ ସୁଦ୍ଧା ୧ ଲକ୍ଷ କୋଟି ରପ୍ତାନି ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ରାଜ୍ୟର ରପ୍ତାନି କାରବାର ବୃଦ୍ଧି ପାଉଛି । ୨୦୧୫-୧୬ ଆର୍ଥିକ ବର୍ଷରେ ରାଜ୍ୟର ରପ୍ତାନି କାରବାର ୧୯ହଜାର ୮୭୫ କୋଟି ଟଙ୍କା ଥିଲା ବେଳେ ୨୦୧୬-୧୭ ବର୍ଷରେ ଏହା ୪୦ହଜାର ୮୭୨କୋଟି ଟଙ୍କାରେ ପହଞ୍ଚିଛି । ୨୦୨୫ ସୁଦ୍ଧା ରାଜ୍ୟର ରପ୍ତାନି କାରବାର ୧ ଲକ୍ଷ କୋଟି ଟଙ୍କା ଛୁଇଁବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶାବ୍ୟକ୍ତ କରିଛନ୍ତି । ରାଜ୍ୟର ଶ୍ରେଷ୍ଠ ରପ୍ତାନୀକାରୀ ପୁରସ୍କାର ପ୍ରଦାନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ଆର୍ଥିକ ବିକାଶରେ ରପ୍ତାନିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଅତୀତରେ ଓଡ଼ିଶା ଯେପରି ନୌବାଣିଜ୍ୟ ଦ୍ୱାରା ଆର୍ଥିକ ସମୃଦ୍ଧି ଲାଭ କରିଥିଲା, ସେହିପରି ବର୍ତ୍ତମାନ ରାଜ୍ୟର ବାଣିଜ୍ୟ କାରବାରକୁ ସମୃଦ୍ଧ କରିବା ଦିଗରେ ରପ୍ତାନୀକାରୀ ସଂସ୍ଥାଗୁଡ଼ିକ ପ୍ରମୁଖ ଭାଗିଦାରୀ ରହିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୯ଟି ସଂସ୍ଥାକୁ ଶ୍ରେଷ୍ଠ ରପ୍ତାନୀକାରୀ ଭାବେ ପୁରସ୍କୃତ କରିଥିଲେ । ଏମାନଙ୍କ ମଧ୍ୟରେ ନାଲ୍‌କୋ, ଜେ କେ ପେପର୍ , ଫାଲକନ୍ ମେରାଇନ୍ସ, ଟେରା ବ୍ଲକ୍ ମେସିନାରୀ, ଓଡ଼ିଶା ରାଜ୍ୟ ହସ୍ତଶିଳ୍ପ ନିଗମ, ଭାରତ ମସଲା, ମାଗ୍ମା ଫୁଡ୍ସ, ବି ଏଲ୍ ଗୋୟଲ୍, ମାଗନମ୍ ଇଷ୍ଟେଟ୍, ଟାଟା ଷ୍ଟିଲ୍, ହିଣ୍ଡାଲ୍‌କୋ, ଇନଫୋସିସ୍, ଆବ୍‌ସ୍ୟ ଆଇଟି,ସିଷ୍ଟମ୍ ଟେକ୍ନୋଲୋଜି, ଏଣ୍ଟରପ୍ରାଇଜ୍ ସିଷ୍ଟମ୍, ମାଗନମ୍ ଟେଲେସଫ୍ଟ, ମାଇଣ୍ଡ୍ ଟ୍ରି ଓ ଇଣ୍ଡିଆନ୍ ରେୟାର୍ ଆର୍ଥ ଅନ୍ୟତମ । ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଥିଲେ, ରାଜ୍ୟର ରପ୍ତାନି ଦ୍ରୁତ ଗତିରେ ବିକାଶ ଲାଭ

କରୁଥିବାର ଓଡ଼ିଶା ଖୁବ୍ ଶୀଘ୍ର ବିଶ୍ୱ ରପ୍ତାନୀ ମାନଚିତ୍ରରେ ସ୍ଥାନ ପାଇବ । ଓଡ଼ିଶାର ରପ୍ତାନୀକାରୀମାନେ ଏସିଆ, ଆମେରିକା ଓ ୟୁରୋପ ସହିତ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ସହିତ କାରବାର ବଢ଼ାଇବାକୁ ମନ୍ତ୍ରୀ ଶ୍ରୀ ସାମଲ ପରାମର୍ଶ ଦେଇଥିଲେ । ଏମଏସଏମଇ ସଚିବ ଏଲ୍ ଏନ୍ ଗୁପ୍ତା ରାଜ୍ୟର ରପ୍ତାନୀ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ । ଶ୍ରୀ ଗୁପ୍ତା କହିଥିଲେ, ଖୁବ୍ ଶୀଘ୍ର ନୂଆ ରପ୍ତାନି ନୀତି ଆସିବ । ଏଥିସହିତ ରାଜ୍ୟର ରପ୍ତାନି କାରବାରକୁ ତ୍ୱରାନ୍ୱିତ କରିବା ପାଇଁ ଏକ ରପ୍ତାନି ଭବନ ପ୍ରତିଷ୍ଠା ହେବ । ଏହାଦ୍ୱାରା ରପ୍ତାନୀକାରୀମାନଙ୍କୁ ସିଙ୍ଗଲ୍ ୱିଣ୍ଡୋ ମାଧ୍ୟମରେ ସହାୟତା ପ୍ରଦାନ କରାଯିବ ବୋଲି ସଚିବ ଶ୍ରୀ ଗୁପ୍ତା ସୂଚନା ଦେଇଥିଲେ । ଅନ୍ୟତମ ଅତିଥି କେନ୍ଦ୍ର ସରକାରଙ୍କ ବାଣିଜ୍ୟ ମନ୍ତ୍ରାଳୟର ନିର୍ଦ୍ଦେଶକ ପ୍ରବୀଣ ବୋନିଗଲ୍ ରାଜ୍ୟର ରପ୍ତାନୀ ଭିତ୍ତିଭୂମି ବିକାଶ ପାଇଁ ଆର୍ଥିକ ଅନୁଦାନ ଦିଆଯିବ ବୋଲି କହିଥିଲେ । ଅନ୍ୟମାନଙ୍କ 'ଏଫ୍‌ଆଇଇଓ' ମୁଖ୍ୟ କାର୍ଯ୍ୟନିର୍ବାହୀ ଅଜୟ ସାହାଣୀ, ରାଜ୍ୟ ସରକାରଙ୍କ 'ଡିଇପିଏମ୍' ନିର୍ଦ୍ଦେଶକ ଏସ୍ କେ ଜେନା ଓ ଶିଳ୍ପ ନିର୍ଦ୍ଦେଶକ ନିରଂଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

ମନ୍ଦିର ଭିତରକୁ କର୍ମଚାରୀ ନେଇପାରିବେ କ୍ୟାମେରା ଓ ଇଣ୍ଟରନେଟ୍‌ବିହୀନ ମୋବାଇଲ୍

ଶ୍ରୀମନ୍ଦିରରେ କ୍ୟାମେରା ଫୋନ୍ ଉପରେ ଅଙ୍କୁଶ

ପୁରୀ : ଶ୍ରୀମନ୍ଦିର ବେଢ଼ାରେ ସେବାୟତ ଓ ପର୍ଯ୍ୟଟକଙ୍କ ଦ୍ୱାରା ଉଠାଯାଇଥିବା ସେଲ୍‌ଫି ଫଟୋଗ୍ରାଫ ସୋଶାଲ୍ ମିଡିଆରେ ଭାଇରାଲ ହେବାପରେ ମନ୍ଦିର ପ୍ରଶାସନ ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି । ମନ୍ଦିର ଭିତରକୁ କ୍ୟାମେରା ଓ ଇଣ୍ଟରନେଟ୍ ଥିବା ଫୋନ୍‌ନେଇ ଯିବା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇବାକୁ ନିଷ୍ପତ୍ତି ହୋଇଛି । ମନ୍ଦିର ପ୍ରଶାସନର କର୍ମଚାରୀ ଓ ସେବାୟତମାନେ ଦିନତମାମ ମନ୍ଦିର ଭିତରେ ରହୁଥିବାରୁ ମନ୍ଦିର କାର୍ଯ୍ୟରେ ସମନ୍ୱୟ ରକ୍ଷାକରିବାର ଆବଶ୍ୟକତା ଦୃଷ୍ଟିରୁ ଫୋନର ଦରକାର ପଡୁଛି । ତେଣୁ ସିୟୁଜିର ବ୍ୟବସ୍ଥା କରାଯାଇ କ୍ୟାମେରା ଏବଂ ଇଣ୍ଟରନେଟ ବିହୀନ ଫୋନ୍ ବ୍ୟବହାର ଦିଗରେ ଜିଲ୍ଲାପାଳ, ଏସ୍‌ପି ଓ କେତେକ ସେବାୟତ ପ୍ରତିନିଧି ମୋବାଇଲ୍ ଅପରେଟର୍‌ମାନଙ୍କ ସହିତ ଆଲୋଚନା କରି ଚୂଡାନ୍ତ ରୂପରେଖ ପ୍ରସ୍ତୁତ କରିବେ ବୋଲି ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଛି । ସେଭଳି ଫୋନ୍ ସିୟୁଜି ମାଧ୍ୟମରେ ସେବାୟତ ଓ କର୍ମଚାରୀମାନଙ୍କୁ ଯୋଗାଇ ଦେବାପାଇଁ ଯୋଜନା କରାଯିବ । ତେବେ ଏହି ଫୋନର ଦେୟ ସେବାୟତମାନେ ବହନ କରିବେ ନା ପ୍ରଶାସନ ବହନ କରିବ ସେ ନେଇ ପରବର୍ତ୍ତୀ ବୈଠକରେ ନିଷ୍ପତ୍ତି ନିଆଯିବ । ଆଜି ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଛତିଶାନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଆସନ୍ତା କାର୍ତ୍ତିକ ମାସରେ ଶ୍ରୀମନ୍ଦିରକୁ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଥିବା ପରିପ୍ରେକ୍ଷୀରେ କିଭଳି ମହାପ୍ରଭୁଙ୍କ ନୀତି ଶୃଙ୍ଖଳିତ ହେବ, ଭକ୍ତମାନେ ଶୃଙ୍ଖଳିତ ଦର୍ଶନ କରିପାରିବେ, ଉଚିତ୍ ସମୟରେ ମହାପ୍ରସାଦ ଉପଲବ୍ଧ ହେବ ସେ ସମ୍ପର୍କରେ ପ୍ରଶାସନିକ ଅଧିକାରୀମାନେ ସେବାୟତ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଥିଲେ । ଅକ୍ଟୋବର ପହିଲାରୁ ସେପ୍ଟେମ୍ବର ୪ ତାରିଖ ପର୍ଯ୍ୟନ୍ତ ୩୫ଦିନର ନୀତି ନିର୍ଘଣ୍ଟକୁ ବୈଠକରେ ଅନୁମୋଦନ କରାଯାଇଥିଲା । ଅକ୍ଟୋବର ୩୧ରୁ ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପୀ ମହାପ୍ରଭୁ ବିଭିନ୍ନ ବେଶରେ ସଜ୍ଜିତ ହେବେ । ଏହି ସମୟରେ ଯାତ୍ରୀଙ୍କ ଭିଡ଼କୁ ଦେଖି କିଭଳି ଶୀଘ୍ର ଦ୍ୱାର ଖୋଲିବ ଏବଂ ସସକାଳିଆ ମହାପ୍ରସାଦ ଉପଲବ୍ଧ ହେବ ସେ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଜଗମୋହନ ମରାମତି କାର୍ଯ୍ୟ ଶେଷ କରାଯିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା ।

ଖୁବ୍‌ଶୀଘ୍ର ଗଡିବ ଇ-ରିକ୍ସା

ଭୁବନେଶ୍ୱର : ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆରମ୍ଭ ହେବାକୁ ଯାଉଛି ଇଲେକ୍ଟ୍ରୋନିକ୍ସ ଯାନବାହାନ ଯୋଜନା । ଏହି କ୍ରମରେ ରାଜଧାନୀ ରାଜରାସ୍ତାରେ ଗଡ଼ିବ ଇ-ରିକ୍ସା, ଇ- ବାଇକ୍ ଓ ଇ-କାର୍ । ଏଥିପାଇଁ ନିର୍ଦ୍ଧାରିତ ସ୍ୱତନ୍ତ୍ର ରୁଟ୍ କରାଯିବ ଏବଂ ରୁଟରେ ରହିବ ଚାର୍ଜିଂ ପଏଣ୍ଟ । ପ୍ରାୟ ୫ କିମି ଅନ୍ତରରେ ଚାର୍ଜିଂ ପଏଣ୍ଟ୍ ରହିବ ଯେଉଁଠାରେ ଯାନବାହନକୁ ଚାର୍ଜ କରାଯାଇପାରିବ । ଫଳରେ ବାୟୁ ପ୍ରଦୂଷଣ କିମ୍ବା ଶବ୍ଦ ପ୍ରଦୂଷଣର ଚିନ୍ତା ଆଉ ରହିବନି । ଏଥିପାଇଁ ବିଏମ୍‌ସି ପକ୍ଷରୁ ଆରମ୍ଭ ହୋଇଯାଇଛି ପ୍ରାରମ୍ଭିକ ପ୍ରସ୍ତୁତି । ଇ-ରିକ୍ସାର ପରିଚାଳନା ଖର୍ଚ୍ଚ କମ୍ ପଡୁଥିବାରୁ ଏଥିରେ ଯାତ୍ରୀମାନେ କମ୍ ଖର୍ଚ୍ଚରେ ଯାତ୍ରା କରିପାରିବେ । ପ୍ରଥମ ପର୍ଯ୍ୟାୟରେ ଲିଙ୍ଗରାଜ ମନ୍ଦିର, ଧଉଳି ଓ ଖଣ୍ଡଗିରି -ଉଦୟଗିରି ଆଦି ଐତିହ୍ୟସ୍ଥଳୀ ନିକଟରେ ଇ-ରିକ୍ସା ଚଳାଚଳ କରିବ ବୋଲି ଜଣାଯାଇଛି । ପର୍ଯ୍ୟଟକମାନେ ଇ-ରିକ୍ସାରେ ବସି ଏହାର ମଜା ନେଇପାରିବେ । ଧୂଆଁ ଓ ଶବ୍ଦ ପ୍ରଦୂଷଣମୁକ୍ତ ଏହି ଇ-ରିକ୍ସା ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିପାରିବ ବୋଲି କୁହାଯାଉଛି । ୬୫୦ରୁ ୧୪୦୦ ୱାଟ୍ ବିଶିଷ୍ଟ ଇଲେକ୍ଟ୍ରିକ୍ ମୋଟର୍ ଦ୍ୱାରା ଏହି ଇ-ରିକ୍ସା କାର୍ଯ୍ୟ କରିଥାଏ । ଏଥିରେ ବ୍ୟବହୃତ ହେଉଥିବା ବ୍ୟାଟେରୀର କାର୍ଯ୍ୟକାଳ ୬ମାସରୁ ବର୍ଷେ । ଏଥିପାଇଁ ବ୍ୟବସାୟିକ ଭିତ୍ତିରେ ଚାର୍ଜିଂ ପଏଣ୍ଟ୍ ସ୍ଥାପନ କରାଯିବ । ରାଜଧାନୀର ଜନସଂଖ୍ୟା ୧୦ ଲକ୍ଷ ଟପିଲାଣି । ଏପରିସ୍ଥଳେ ସହରବାସୀ ଯେପରି ବ୍ୟକ୍ତିଗତ ଭାବେ ଇ-ବାଇକ୍ ଓ ଇ-କାର୍ ସହ ସାମୂହିକ ପରିବହନ ଭାବେ ଇ- ରିକ୍ସା ବ୍ୟବହାର କରିବେ, ସେଥିପାଇଁ ବିଏମ୍‌ସି ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଥିଲା ।

ବିପଦରେ ବନ୍ଦର କର୍ମଚାରୀଙ୍କ ବାସଗୃହ !

ବମିଖାଲ ଭଳି ଘଟିପାରେ ଦୁର୍ଘଟଣା

ପାରାଦୀପ : ଗତ ୧୯୯୯ ମସିହା ମହାବାତ୍ୟା ପରେ ବନ୍ଦରରେ ଥିବା ଅନେକ କୋଠାବାଡ଼ିର ମରାମତି କାର୍ଯ୍ୟ କରାଯାଇନାହିଁ । ଏଥିରେ ବନ୍ଦର କର୍ମଚାରୀ, ବନ୍ଦର ବ୍ୟବହାରକାରୀ, କେନ୍ଦ୍ରୀୟ ତଥା ରାଜ୍ୟ କର୍ମଚାରୀ ମାନଙ୍କର ବାସଗୃହ ସବୁ ରହିଛି । ବନ୍ଦରର ଉପରିସ୍ଥ କର୍ମଚାରୀଙ୍କ ବାସଗୃହ, ଅଫିସର୍ସ କ୍ଲବ ଇତ୍ୟାଦି କୋଠା ଗୁଡିକ ଛାଡିଦେଲେ ବନ୍ଦର କର୍ତ୍ତୃପକ୍ଷ ବନ୍ଦରରେ ଥିବା ଅନ୍ୟ ଗୃହ ମାନଙ୍କରେ ନଜର ଦିଅନ୍ତି ନାହିଁ । ବନ୍ଦର ନିର୍ମାଣ କରିଥିବା ବିଭିନ୍ନ ଗୃହ ମାନଙ୍କର କବାଟ, ଝରକା ଭଗ୍ନ ଅବସ୍ଥାରେ ଝୁଲୁଛି । ଘରର ଛାତ ଓ କାନ୍ଥ ମାନଙ୍କରୁ ସିମେଣ୍ଟ ପଲସ୍ତରା ମାନ ଖସି ଜନ ସାଧାରଣ ଆହତ

ହେଲେଣି । ରାସ୍ତା ଘାଟର ଅଭୂତ ପରିସ୍ଥିତିରେ ବିଭିନ୍ନ ଦୁର୍ଘଟଣାମାନ ଘଟି ଜନଜୀବନର କ୍ଷତି ଘଟାଇ ସାରିଲାଣି । ବନ୍ଦରର ଏସବୁ ବାବଦରେ ମରାମତି ପାଇଁ ଅନବରତ ଟଙ୍କା ଖର୍ଚ୍ଚ ଚାଲିଛି । ମାତ୍ର ପରିସ୍ଥିତିରେ କୌଣସି ପରିବର୍ତ୍ତନ ଘଟିନାହିଁ । ବନ୍ଦର କର୍ତ୍ତୃପକ୍ଷ ରାଜନୈତିକ ଦଳର ବିଭିନ୍ନ କାର୍ଯ୍ୟକ୍ରମ ଓ ସିଏସ୍‌ଆର କାମରେ ବନ୍ଦର ନଗରୀ ବାହାରେ ମୋଟା ଅଙ୍କର ଅର୍ଥ ଦାନ କରୁଥିବାବେଳେ ବନ୍ଦର ଅଞ୍ଚଳରେ ଥିବା ନିଜର ସମ୍ପତ୍ତିର ରକ୍ଷଣାବେକ୍ଷଣ କରୁନାହାଁନ୍ତି । ବନ୍ଦର କର୍ତ୍ତୃପକ୍ଷଙ୍କ ମରାମତି ବିଭାଗ ଯେଭଳି ଏଥିପ୍ରତି ଆଖିବୁଜି ଦେଇଛି । ନିଜର ଅଭିଯୋଗନେଇ ଯାଉଛନ୍ତି, ସେତେବେଳେ ବିଭାଗୀୟ ଅଧିକାରୀ ମାନଙ୍କଠାରୁ ଉତ୍ତର ମିଳୁଛି ଯେ ଆବଶ୍ୟକୀୟ ଉପକରଣ ଓ ସରଞ୍ଜାମ ନାହିଁ, କଣ୍ଟ୍ରାକ୍ଟର ନିଯୁକ୍ତି ହୋଇନାହାଁନ୍ତି । ଯଦି ବି ଅଭିଯୋଗ ଲେଖାଯାଉଛି, ପ୍ରକୃତରେ ବର୍ଷବର୍ଷ ଧରି କିଛି କାମ କରାଯାଉନାହିଁ । କିନ୍ତୁ ବନ୍ଦରରେ ଏ କାମ କରିବା ପାଇଁ କାର୍ଯ୍ୟ ଟେଣ୍ଡର ପ୍ରକ୍ରିୟା ବର୍ଷସାରା ଚାଲୁ ରହୁଛି । ଏଣୁ ପାରାଦୀପ ବନ୍ଦରର ବାସଗୃହରେ ବସବାସ କରୁଥିବା ବନ୍ଦରର କର୍ମଚାରୀ, ବେସରକାରୀ କର୍ମଚାରୀ, ରାଜ୍ୟ ଓ କେନ୍ଦ୍ରୀୟ ସରକାରୀ କର୍ମଚାରୀ ଅତ୍ୟନ୍ତ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ଆଶଙ୍କା କରୁଛନ୍ତି ଯେ ସେମାନେ ରହୁଥିବା ବାସଗୃହ ଆଉ ଗୋଟିଏ ବାତ୍ୟାରେ ଭୁବନେଶ୍ୱରର ବମିଖାଲ ଫ୍ଲାଏଓଭର ଭଳି ଗଳି ପଡିବନି ତ ? ଏଭଳି ଆଶଙ୍କାକୁ ନେଇ କର୍ମଚାରୀମାନେ ଚିନ୍ତିତ ହୋଇପଡିଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ମଧ୍ୟ ଚର୍ଚ୍ଚା ହେଉଛି ।



ସମ୍ପାଦକୀୟ...

ପଥ ଉନ୍ମୁକ୍ତ ରହୁ

ପୂଜାପାର୍ବଣ, ତପ, ଜପ ଜୀବନ ଧାରଣର ଅଂଶବିଶେଷ ହୋଇଥିଲେ ବି ଏହା ନିର୍ମଳ ଚିନ୍ତାଧାରା ଓ ନିରାଡମ୍ବର ହେବା ଉଚିତ୍ । ପରମ୍ପରାକୁ ବଜାୟ ରଖିବାକୁ ଏସବୁର ଆବଶ୍ୟକତା ରହିଥିଲେ ବି ସମୟ ଅନୁସାରେ ଏଥିନିମନ୍ତେ ବିନିଯୋଗ ହେଉଥିବା ଅର୍ଥ ଯେଭଳି ଅଯଥାରେ ଖର୍ଚ୍ଚ ନହୁଏ ତାହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଆଜିକାଲି ପୂଜା ଓ ପାର୍ବଣ ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ଆଡମ୍ବର ଖର୍ଚ୍ଚ ପାଇଁ ଆସୁଥିବା ଅର୍ଥ ଇଚ୍ଛାକୃତ ଦାନ ଭାବେ ଘୋଷଣା କରାଯାଉଥିଲେ ବି ବାସ୍ତବରେ ଏହା ସତ କି ?

ପ୍ରକୃତରେ ନିଜର ମେହେନତରୁ ଉପାର୍ଜିତ ଅର୍ଥକୁ ଅନାୟାସରେ ଶ୍ରାଦ୍ଧ କରିବା ଲୋକଙ୍କ ସଂଖ୍ୟା ନଗଣ୍ୟ । ତାଆରି ଭିତରେ ଦାନ ଦେବାକୁ ହଠାତ୍ ଦାନ ଦେବାକୁ ଲୋକେ ଆଗେଇ ଆସୁଥିବା କଥାଟି ଅତ୍ୟନ୍ତ ସମ୍ବେଦନଶୀଳ । ଦାନ ଓ ଚାନ୍ଦା ଭଳି ଶବ୍ଦ କାହାର ସ୍ୱାର୍ଥରେ ଆସୁଛି ସେ କଥା କେହି କେବେ ଚିନ୍ତା କରେ କି ? ନା, ବରଂ ଏହାର ପରିମାଣକୁ ନେଇ ଝଡ ଉଠିଥାଏ । ସମ୍ପ୍ରତି ଦାନ ରାଶିର ପରିମାଣ ଅନୁସାରେ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ମପାଯିବା ବେଳେ ପ୍ରକୃତ ଶ୍ରଦ୍ଧାଳୁଟିଏ ସମ୍ମାନରୁ ବଞ୍ଚିତ ହେଉଛି । ତେଣୁ ଏଭଳି ଧାରା ଜାରି ରହିଲେ ଭବିଷ୍ୟତରେ ଏହାର ଗତିପଥ କେଉଁ ଦିଗକୁ ଯିବ ତାହା ଚିନ୍ତା କରିବା ଉଚିତ୍ । ଆଧ୍ୟାତ୍ମିକତା ଆଡମ୍ବର ଖୋଜେ ନାହିଁ, ଖୋଜେ ଭକ୍ତିମୟ ପରିବେଶ ।

ଓଡ଼ିଶା ଭଳି ଏକ ଗରିବ ରାଜ୍ୟରେ ପୁଷ୍ଟିହୀନତାର ଶିକାର ହେଉଥିବା ଶିଶୁଟିକୁ ବଞ୍ଚାଇ ରଖିବା ପାଇଁ କେହି ଜଣେ ମହାନ୍ ଦାନୀ ପହଞ୍ଚିପାରୁ ନଥିବା ବେଳେ ପୂଜା ପାଇଁ ଲକ୍ଷ ଲକ୍ଷ ଟଙ୍କା କିଭଳି ଦାନ କରନ୍ତି ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ସେହିଭଳି ରାଜ୍ୟର ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ପାଇଁ ଚଲା ବାଟଟିଏ ନଥିଲା ବେଳେ ଏହା କାହାରି ଦୃଷ୍ଟିଗୋଚର ହୋଇନଥାଏ । ଗରିବ ପରିବାରର ପିଲାଟିଏ ପାଠ ପଢ଼ିବାକୁ ପୋଷାକ ଓ ବହିପତ୍ର କିଣିବାକୁ କେହି ମଧ ଟଙ୍କାଟିଏ ସାହାଯ୍ୟ କରିନଥାନ୍ତି । ଅଭାବି ପରିବାରର ଝିଅଟିଏ ବାହା ହେଲା ବେଳେ ତାର ପିତାମାତା ଯେଭଳି ମାନସିକତ ଚାପରେ ଥାଆନ୍ତି, ସେଥିରୁ ତାଙ୍କୁ ମୁକୁଳାଇବାକୁ କେହି ଜଣେ ଆଗଭର ହୋଇନଥାନ୍ତି । ଚିକିତ୍ସା ଅଭାବରୁ ମୃତ୍ୟୁମୁଖରେ ପଡୁଥିବା ମଣିଷ ପାଇଁ କାହା ମନରେ ଆହା ପଦଟିଏ ନଥାଏ । ଅଥଚ୍ ପୂଜା ପାର୍ବଣ ବେଳେ ଆମ ରାଜ୍ୟରେ ହଠାତ୍ କେମିତି ଧନୀ ଓ ଦେବୀଙ୍କ ସଂଖ୍ୟା ବଢ଼ିଯାଏ ତାହା ଚିନ୍ତାର ବିଷୟ । ଏହା ଦୁର୍ଭାଗ୍ୟ ନୁହେଁ ତ ଆଉ କ'ଣ ?

ମାନବିକତା ଏକ ମହାନ ଧର୍ମ । ଏହାରି ଆଧାରରେ ଆମର ସଭ୍ୟତା ଓ ବିକାଶ ସମଭାବେ ଆଗକୁ ବଢ଼ିବା କଥା । ହେଲେ ଏବେ ଏକଥାକୁ ଭୁଲି ଲୋକେ ନିଜର ସ୍ୱାର୍ଥ ଜଡିତ ଥିବା କ୍ଷେତ୍ରରେ ଦାନୀ ହେବାର ଅଭିନୟ କରିବା ବଡ ବିଚିତ୍ର ମନେହୁଏ । ପ୍ରାଚୀନ ମନ୍ଦିରଟିଏ ଭାଙ୍ଗିରୁଜି ଗଲେ କେହି କେବେ ଏହାର ସୁରକ୍ଷା ବା ମରାମତି ପ୍ରତି ଦୃଷ୍ଟି ଦିଅନ୍ତିନାହିଁ, ହେଲେ ନୂଆ କିଛି ନିର୍ମାଣ କରିବାକୁ ଆଗଭର ହୋଇଥାନ୍ତି । ଏହା କିଭଳି ମାନସିକତା ତାହା ମଧ ସହଜରେ ବୁଝି ହୁଏନାହିଁ । ପୂର୍ବାପେକ୍ଷା ଓଡ଼ିଶାରେ ମୂର୍ତ୍ତି ପୂଜାର ଧାରା ବଢ଼ି ବଢ଼ି ଚାଲିଛି । ଏଥିପାଇଁ ସାମୟିକ ହେଉପଛେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ମୂର୍ତ୍ତି, ମେଢ଼, ତୋରଣ ନିର୍ମିତ ହେଉଛି । ଏ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ମଧ କରାଯାଉଥିବା ଜଣାପଡିଛି । ନିଜକୁ ଅଧିକ ଦେଖେଇ ହେବାର ମାନସିକତା ଯୋଗୁଁ ଆଧ୍ୟାତ୍ମିକ ପରିବେଶ ଅପେକ୍ଷା ଚାକଚକ୍ୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ରଂଗୀନ୍ ଆଲୋକ ମାଳା, ଆଖିଝଲସା ସାଜସଜ୍ଜା ମଧ ଏହାର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ପୂର୍ବାବିଧିର ନୀତିନିୟମ ଅପେକ୍ଷା ଏବେ ବାହ୍ୟ ଆକର୍ଷଣ ପ୍ରତି ଗୁରୁତ୍ୱ ଦେବା ଦ୍ୱାରା ଖର୍ଚ୍ଚ ମଧ ବଢ଼ିଚାଲୁଛି । ପରିବେଶର ସୁରକ୍ଷା, ଶବ୍ଦ ପ୍ରଦୂଷଣ ଦିଗପ୍ରତି କାହାରି ଯେଭଳି ଧାନ ନରହିବା ମଧ ଚିନ୍ତାଜନକ ବିଷୟ । ହେଲେ ଏଭଳି ବ୍ୟୟବହୁଳ ପୂଜା ଅର୍ଥରୁ କିଛି ଯେବେ ସମାଜ କଲ୍ୟାଣ ଦିଗରେ ଲାଗିପାରନ୍ତା ତେବେ ନିଶ୍ଚୟ ଏହା ଏକ ଉଦାହରଣ ସୃଷ୍ଟି କରିପାରନ୍ତା । ତେଣୁ ପୂଜା ହେଉ ଏତେ ଆଡମ୍ବର ନହେଉ, ବରଂ ଏହି ଅର୍ଥରେ ମଣିଷ ସମାଜର ହିତ ସାଧନ ପାଇଁ ପଥ ଉନ୍ମୁକ୍ତ ରହୁ ।

ଭାଷା ରାଜନୀତି ଓ ଭାରତର ଏକତା

କେଦାର ମିଶ୍ର

"ଦୁଃଖର ସହ ଜଣାଉଛି ଯେ, ମୁଁ ଆପଣଙ୍କ ହିନ୍ଦୀ ଭାଷା ଜାଣିନଥିବାରୁ ଏହି ଚିଠିରେ ଯାହା ଲେଖାଯାଇଛି, ବୁଝିପାରୁନାହିଁ । ଏଠାରେ ଉଲ୍ଲେଖ କରିବାକୁ ଉଚିତ୍ ମନେ କରୁଛି ଯେ, ଆମ ରାଜ୍ୟ ଓଡ଼ିଶା ଏକ କାଟାଗୋରି - ସି ରାଜ୍ୟ ହୋଇଥିବାରୁ ଦୟାକରି ଆମ୍ଭମାନଙ୍କ ସହିତ ଓଡ଼ିଆ ନଚେତ୍ ଇଂରାଜୀ ଭାଷାରେ ପତ୍ରାଳାପ କରିବାକୁ ଅନୁରୋଧ । ମହାପ୍ରଭୁ ଆପଣଙ୍କର ମଙ୍ଗଳ କରନ୍ତୁ ।' ଗତ ୧୯ ଅଗଷ୍ଟରେ ଢେଙ୍କାନାଳର ସାଂସଦ ତଥାଗତ ଶତପଥୀ କେନ୍ଦ୍ର ଖଣି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ଏମିତି ଏକ ପତ୍ର ଲେଖିଛନ୍ତି । ଏହି ପତ୍ରଟି ସୋସିଆଲ୍ ମିଡ଼ିଆରେ ପ୍ରକାଶ ପାଇଲା ପରେ ସାରା ଦେଶରେ ଚହଳ ପଡ଼ିଯାଇଛି । କେନ୍ଦ୍ର ଖଣି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର୍ ସାଂସଦ ଶତପଥୀଙ୍କୁ ହିନ୍ଦୀରେ ଲେଖିଥିବା ପତ୍ରର ପ୍ରତିକ୍ରିୟା ଯେ ଏତେ ବଡ଼ ବିତର୍କ ସୃଷ୍ଟି କରିବ, ତାହା କେହି ଭାବିନଥିଲେ । ଏହାକୁ ନେଇ ବିଜେପିର ଯେଉଁ ଭକ୍ତମଣ୍ଡଳୀ ଅଛନ୍ତି, ସେମାନେ ହଠାତ୍ ଉତ୍କ୍ଷିପ୍ତ ହୋଇ ଉଠିଥିବାବେଳେ ଭାଷାପ୍ରେମୀ ଜନସାଧାରଣଙ୍କ ମନରେ ଏହା ପୁଣିଥରେ ୬୦ଦଶକର ଇତିହାସକୁ ମନେ ପକାଇ ଦେଇଛି । ଭାରତ ସ୍ୱାଧୀନ ହେଲାପରେ ଆମର ଯୋଗାଯୋଗର ଭାଷା କ'ଣ ହେବ, ତା'କୁ ନେଇ ବହୁ ବିତର୍କ ହୋଇଛି । ୬୦ଦଶକରେ ଏହାକୁ ନେଇ ଦକ୍ଷିଣ ଭାରତରେ ଏକ ବିରାଟ ଆନ୍ଦୋଳନ ମଧ ସୃଷ୍ଟି ହୋଇଥିଲା, ଯେଉଁଥିରେ ଭାଷାଭିତ୍ତିରେ ଦେଶ ଖଣ୍ଡ ଖଣ୍ଡ ହୋଇଯିବାର ଦୁର୍ଭାଗ୍ୟଜନକ ସମ୍ଭାବନା ସୃଷ୍ଟି ହୋଇଥିଲା । ତେବେ ୧୯୬୫ ପରଠୁ ଭାଷାକୁ ନେଇ ଏକ ଗ୍ରହଣୀୟ ଫର୍ମୂଲା କେନ୍ଦ୍ର ସରକାର ଗ୍ରହଣ କରିଥିଲେ । ଇଂରାଜୀ ଏବଂ ହିନ୍ଦୀ ଉଭୟ ଭାଷାରେ କେନ୍ଦ୍ର ସରକାର ନିଜର ଅଫିସ୍ କାର୍ଯ୍ୟ ପରିଚାଳାନା କରିବେ ଓ ରାଜ୍ୟଗୁଡ଼ିକ ନିଜ ପ୍ରାନ୍ତୀୟ ଭାଷାକୁ ଅଫିସ୍‌ର ଭାଷା ଭାବରେ ବ୍ୟବହାର କରିବେ । ବିଶିଷ୍ଟ ସାମ୍ବାଦିକ କୁଲଦୀପ୍ ନାୟାର୍ ତାଙ୍କର ଚର୍ଚ୍ଚିତ ପୁସ୍ତକ "ବିଟୁଇନ୍ ଦ ଲାଇନ୍‌ସ୍'ର "ବାଇଲିଙ୍ଗୁଅାଲିଜିମ୍' ଅଧ୍ୟାୟରେ ଏ ସଂପର୍କରେ ସବିଶେଷ ଆଲୋଚନା କରି ଶେଷ ପାରାଗ୍ରାଫ୍‌ରେ ଲେଖିଛନ୍ତି, 'କେନ୍ଦ୍ର ସରକାରଙ୍କ ସମନ୍ୱୟବାଦୀ ଆଭିମୁଖ୍ୟ ଫଳରେ ଭାଷାକୁ ନେଇ ଚାଲିଥିବା ବିଭାଜନର ଯୁଦ୍ଧର ପରିସମାପ୍ତି ଘଟିଛି ।' ତେବେ ତଥାଗତ ବନାମ ନରେନ୍ଦ୍ର ତୋମାର୍ ଚିଠି ସେହି ପୁରୁଣା ଦିନର ଭୂତକୁ ପୁଣିଥରେ ଜାଗ୍ରତ କରି ଦେଇଛି । ହିନ୍ଦୀକୁ ରାଷ୍ଟ୍ରଭାଷା ବୋଲି ଘୋଷଣା କରି ସରକାରୀ କ୍ଷେତ୍ରରେ ଏହାର ପ୍ରୟୋଗକୁ ନେଇ ଏବେ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଛି । 'ହିନ୍ଦୀ, ହିନ୍ଦୁ, ହିନ୍ଦୁସ୍ତାନ'ର ନାରାରେ ବିଶ୍ୱାସ କରୁଥିବା ବିଜେପିର ପିତୃସଂଗଠନ ଆରଏସ୍‌ଏସ୍ ଏହାକୁ ପୁଣିଥରେ ଏକରାଷ୍ଟ୍ରୀୟ ବିତର୍କରେ ପରିଣତ କରିବାକୁ ଚାହୁଁଛି । ପ୍ରଧାନମନ୍ତ୍ରୀଙ୍କ ସମେତ ପ୍ରାୟ ସବୁ କେନ୍ଦ୍ରମନ୍ତ୍ରୀ ଏବେ ହିନ୍ଦୀକୁ ଏକମାତ୍ର ଯୋଗାଯୋଗର ଭାଷା ଭାବେ ବ୍ୟବହାର କରିବାକୁ ଚେଷ୍ଟା କରୁଛନ୍ତି । ଯାହାଫଳରେ ଅଣହିନ୍ଦୀ ଭାଷାଭାଷୀ ରାଜ୍ୟଗୁଡ଼ିକ ଏହାକୁ ନେଇ ପ୍ରତିକ୍ରିୟାଶୀଳ ହେବା ସ୍ୱାଭାବିକ ।

ଏଠି ସ୍ପଷ୍ଟ କରିଦେବା ଉଚିତ୍ ହେବ ଯେ, ଭାରତର ସମ୍ବିଧାନରେ ରାଷ୍ଟ୍ରଭାଷା ବୋଲି କୌଣସି ଶବ୍ଦର ବ୍ୟବହାର ହୋଇନାହିଁ । ହିନ୍ଦୀ ଏବଂ ଇଂରାଜୀକୁ କେନ୍ଦ୍ର ସରକାରଙ୍କର ଯୋଗାଯୋଗର ଭାଷା ଭାବରେ ସ୍ୱୀକୃତି ଦିଆଯାଇଛି । ସମ୍ବିଧାନ ପ୍ରଣୟନ ସଭାରେ ଯେତେବେଳେ ଏ ସମ୍ପର୍କରେ ଆଲୋଚନା ଆରମ୍ଭ ହେଲା, ସେତେବେଳେ ହିନ୍ଦୀ ବନାମ ଅନ୍ୟାନ୍ୟ ଭାରତୀୟ ଭାଷାମାନଙ୍କ ଭିତରେ ରହିଥିବା ଏକ ଶକ୍ତିଶାଳୀ ଉତ୍ତେଜନାର କ୍ଷେତ୍ର ମଧ ସମାନ୍ତରାଳରେ ତିଆରି ହେଲା । ବିଶେଷକରି ଉତ୍ତରପ୍ରଦେଶର ଆସିଥିବା ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟମାନେ ହିନ୍ଦୀକୁ ଏକମାତ୍ର ରାଷ୍ଟ୍ରୀୟ ଭାଷା ଭାବରେ ଗ୍ରହଣ କରିବା ପାଇଁ ଅଡ଼ି ବସିଥିବାବେଳେ ଏହାକୁ ଅଣହିନ୍ଦୀ ରାଜ୍ୟଗୁଡ଼ିକ ଆଦୌ ଗ୍ରହଣ କରିପାରିନଥିଲେ । ୧୩ ସେପ୍ଟେମ୍ବର ୧୯୪୯ ମସିହାରେ ଭାଷାକୁ ନେଇ ଯେଉଁ ବିତର୍କ ସମ୍ବିଧାନ ପ୍ରଣୟନ ସଭାରେ ହୋଇଥିଲା, ସେଥିରେ ଉତ୍ତରପ୍ରଦେଶର ସଦସ୍ୟ ଆର୍.ଭି. ଧୁଲେକର୍ ଅତ୍ୟନ୍ତ ଆକ୍ରମକ ଭାଷଣ ଦେଇ କହିଥିଲେ ଯେ, ଯେଉଁମାନେ ହିନ୍ଦୀକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି, ସେମାନେ ହିନ୍ଦୁସ୍ତାନରେ ରହିବା ପାଇଁ ଯୋଗ୍ୟ ନୁହନ୍ତି । ଅର୍ଥାତ୍ ବିନା ହିନ୍ଦୀରେ ହିନ୍ଦୁସ୍ତାନର ପରିଚୟ ନାହିଁ ବୋଲି ଏକ ଧାରଣା ସେତେବେଳେ ସୃଷ୍ଟି କରାଯାଇଥିଲା । ଶ୍ରୀ ଧୁଲେକର୍ ଆହୁରି ଆକ୍ରମକ ଭାବରେ କହିଥିଲେ ଯେ, "ଆପଣମାନେ ହୁଏତ ଅନ୍ୟ କୌଣସି ଦେଶ ବା ଜାତି ସହ ସମ୍ପୃକ୍ତ ହୋଇପାରନ୍ତି, ମୁଁ କିନ୍ତୁ ଭାରତୀୟ ଜାତି, ହିନ୍ଦୀ ଜାତି, ହିନ୍ଦୁ ଜାତି ଓ ହିନ୍ଦୁସ୍ତାନ ଦେଶର କଥା କହିବି ।' କଂଗ୍ରେସର ସଦସ୍ୟ ଥିବା ଧୁଲେକର୍, ପୁରୁଷୋତ୍ତମ ଟଣ୍ଡନ୍, ସେଠ୍ ଗୋବିନ୍ଦ ଦାସ୍ ପ୍ରମୁଖ ହିନ୍ଦୀର ବର୍ଚସ୍ୱକୁ ନେଇ ବେଶ୍ ଆକ୍ରମକ ଭୂମିକା ନେଇଥିଲେ । ତେବେ ସେହି ଅଧିବେଶନରେ ଓଡ଼ିଶାର ସଦସ୍ୟ ସାରଙ୍ଗଧର ଦାସ ମାତ୍ର ଦୁଇଧାଡ଼ିର ବକ୍ତବ୍ୟ ରଖି କହିଥିଲେ ଯେ, "ମହାଶୟ, ଯେଉଁମାନେ ଅଣହିନ୍ଦୀ ରାଜ୍ୟରୁ ଆସିଛନ୍ତି, ସେମାନଙ୍କୁ ତାଙ୍କର ବକ୍ତବ୍ୟ ରଖିବା ପାଇଁ ଅଧିକ ସୁଯୋଗ ମିଳିବା ଉଚିତ୍ । ଏଠି ଦେଖାଯାଉଛି, କେବଳ ହିନ୍ଦୀ ଭାଷାଭାଷୀ ସଦସ୍ୟମାନେ ତାଙ୍କ ନିଜ କଥା ରଖିବାର ସୁଯୋଗ ଅଧିକ ପାଉଛନ୍ତି ।' ତେବେ ଅଧିବେଶନରେ ସଭାପତିତ୍ୱ କରୁଥିବା ବାବୁ ରାଜେନ୍ଦ୍ର ପ୍ରସାଦ ସାରଙ୍ଗଧର ଦାସଙ୍କ ଅଭିଯୋଗକୁ ଅଣଦେଖା କରିଥିଲେ । ଇତିହାସର ସଂଯୋଗ ଦେଖନ୍ତୁ, ସାରଙ୍ଗଧର ଦାସ ୧୯୪୯ରେ ଯେଉଁ ପ୍ରଶ୍ନ ଉଠାଇଥିଲେ, ଆଜି ତା'କୁ ତଥାଗତ ଶତପଥୀ ଉଠାଉଛନ୍ତି ଓ ଉଭୟ ସେହି ଢେଙ୍କାନାଳର ଲୋକ । ଏହି ବିତର୍କରେ ଆହୁରି ଅନେକ ଅଦ୍ଭୁତ ଯୁକ୍ତି ସବୁ ଶୁଣିବାକୁ ମିଳିଥିଲା । କେବଳ ଉତ୍ତରପ୍ରଦେଶର ସଦସ୍ୟମାନେ ହିନ୍ଦୀର ପ୍ରଭୁତ୍ୱ ବିଷୟରେ କହୁଥିବାବେଳେ ମଧ୍ୟପ୍ରଦେଶର ଜବଲପୁରରୁ ଆସିଥିବା ସଦସ୍ୟ ଫ୍ରାଙ୍କ୍ ଆନ୍ଥୋନୀ ହିନ୍ଦୀର କଡ଼ା ବିରୋଧ କରିଥିଲେ । ପଶ୍ଚିମବଙ୍ଗର ସଦସ୍ୟ ଲକ୍ଷ୍ମୀକାନ୍ତ ମୈତ୍ର ସଂସ୍କୃତକୁ ରାଷ୍ଟ୍ରଭାଷା ଭାବରେ ସ୍ୱୀକୃତି ଦେବାକୁ ଯୁକ୍ତି କରିବା ସହିତ ହିନ୍ଦୀକୁ ସିଧାସଳଖ ଖାରଜ କରିଥିଲେ । ସେତେବେଳେ ଯେଉଁମାନେ ସଂସ୍କୃତ ଭାରତର ରାଷ୍ଟ୍ରଭାଷା ହେଉ ବୋଲି ଯୁକ୍ତି କରୁଥିଲେ, ସେମାନେ ସଂସ୍କୃତର ବିକଳ୍ପ ଭାବରେ ହିନ୍ଦୀକୁ ନୁହଁ ବରଂ ଇଂରାଜୀକୁ ହିଁ ଗ୍ରହଣ କରୁଥିଲେ । ସେହି ଅଧିବେଶନରେ ଲକ୍ଷ୍ମୀକାନ୍ତ ମୈତ୍ର ଏବଂ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କର ବକ୍ତବ୍ୟକୁ ପଢାଯାଇପାରେ । ଦକ୍ଷିଣରୁ ଆସିଥିବା ସବୁ ସଦସ୍ୟ ସ୍ୱାଭାବିକ ଭାବରେ ହିନ୍ଦୀର ବିରୋଧ କରିଥିଲେ । ତେବେ ଏହି ବିତର୍କରେ ଭାଗ ନେଇ ଓଡ଼ିଶାର ଅନ୍ୟତମ ସଦସ୍ୟ ଲକ୍ଷ୍ମୀନାରାୟଣ ସାହୁ ଯଦିଓ ହିନ୍ଦୀ ସପକ୍ଷରେ କହିଥିଲେ, ତଥାପି ଓଡ଼ିଆ । ଏକ ଗୌରବଶାଳୀ ଭାଷା ଓ ଏହାକୁ ସରକାର ଅଣଦେଖା କରିପାରିବେ ନାହିଁ ବୋଲି ଦୃଢ ଯୁକ୍ତି ଉପସ୍ଥାପନ କରିଥିଲେ । ଲକ୍ଷ୍ମୀନାରାୟଣ ସାହୁ କହିଥିଲେ, "ଏଠି ଜଣେ ଭଦ୍ରଲୋକ ବଙ୍ଗାଳୀକୁ ଭାରତର ରାଷ୍ଟ୍ରଭାଷା ଭାବରେ ଗ୍ରହଣ କରିବାକୁ ପ୍ରସ୍ତାବ ଦେଉଛନ୍ତି, ମୁଁ ତାଙ୍କୁ କହିବାକୁ ଚାହେଁ, ତା'ହେଲେ ଓଡ଼ିଆ କାହିଁକି ନୁହେଁ । ଓଡ଼ିଆ ବଙ୍ଗଳାଠାରୁ ଢେର୍ ପ୍ରାଚୀନ ଭାଷା । ଓଡ଼ିଆ ଯେତେବେଳେ ସମୃଦ୍ଧ ଭାଷା ହୋଇସାରିଥିଲା, ସେତେବେଳେ ବଙ୍ଗଳା ଭାଷା ମଧ ଜନ୍ମ ଲାଭ କରିନଥିଲା ।'

ଭାଷାକୁ ନେଇ ବହୁ ବାଦବିବାଦ ପରେ ୧୫ ବର୍ଷ ପାଇଁ ହିନ୍ଦୀ ଏବଂ ଇଂରାଜୀକୁ ଅଫିସ୍‌ର ଭାଷା ଭାବରେ ସ୍ୱୀକୃତି ଦିଆଯାଇଥିଲା । ୧୯୬୫ରେ ଗଠିତ ଭାଷା କମିଶନ ଏହାର ସମୀକ୍ଷା କରିବା ସମୟରେ ସାରା ଦେଶରେ ଭାଷାକୁ ନେଇ ବିଭାଜନର ନିଆଁ ଜଳି ଉଠିଥିଲା । ପୁରୁଷୋତ୍ତମ ଦାସ ଟଣ୍ଡନ୍ ଏବଂ ସେଠ୍ ଗୋବିନ୍ଦ ଦାସଙ୍କ ରକ୍ଷଣଶୀଳ ହିନ୍ଦୀ ଆନ୍ଦୋଳନ ଯୋଗୁଁ ଦକ୍ଷିଣ ଭାରତର ଚାରୋଟିଯାକ ରାଜ୍ୟ ଦେଶରୁ ଅଲଗା ହୋଇଯିବା ପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ । ଭାଷା କମିଶନର ଶେଷ ବୈଠକରେ ଇଂରାଜୀ ଏବଂ ହିନ୍ଦୀକୁ ଅନିର୍ଦ୍ଦିଷ୍ଟ ସମୟ ଯାଏଁ ଅଫସ୍‌ର ଭାଷା ଭାବରେ ଯେତେବେଳେ ଗୃହୀତ ହେଲା, ସେତେବେଳେ ଅତ୍ୟନ୍ତ କ୍ଷୁବ୍ଧ ହୋଇ ପୁରୁଷୋତ୍ତମ ଦାସ ଟଣ୍ଡନ୍ କମିଶନର ଅଧକ୍ଷ ତଥା ତତ୍କାଳୀନ ଗୃହମନ୍ତ୍ରୀ ଗୋବିନ୍ଦ ବଲ୍ଲଭ ପନ୍ଥକୁ ଆପଣ ଜଣେ ହିନ୍ଦୀଦ୍ରୋହୀ ବିଶ୍ୱାସଘାତକ ବୋଲି ଭର୍ତ୍ସନା କରିଥିଲେ । ଏହାର ଉତ୍ତରରେ ଗୋବିନ୍ଦ ବଲ୍ଲଭ ପନ୍ଥ କହିଥିଲେ - "ଯଦି ହିନ୍ଦୀ ଓ ଭାରତର ଏକତା ଭିତରୁ ଗୋଟିଏକୁ ମୋତେ ବାଛିବାକୁ ପଡ଼େ, ତା'ହେଲେ ମୁଁ ଭାରତର ଏକତାକୁ ହିଁ ବାଛିବି ।'

ହିନ୍ଦୀକୁ ରାଷ୍ଟ୍ରଭାଷା ବୋଲି ଯେତେ ଚିତ୍କାର କଲେ ମଧ ଦେଶର ଅଧାରୁ ଅଧିକ ଅଞ୍ଚଳରେ ଏହାର କୌଣସି ପ୍ରଭାବ ନାହିଁ । ତେଣୁ ୧୯୬୫ରେ ଭାଷାକୁ ନେଇ ଯେଉଁ 'ମୂଳା ଭାରତ ସରକାର ଗ୍ରହଣ କରିଛନ୍ତି, ତା'କୁ ବଦଳାଇବାର ଅର୍ଥ ହେଉଛି ପୁଣି ଥରେ ଦେଶରେ ଭାଷାଭିତ୍ତିରେ ବିଭାଜନ ସୃଷ୍ଟି କରିବା । ବିଜେପି ସରକାରର ମନ୍ତ୍ରୀମାନେ ଭଲଭାବରେ ବୁଝିବା ଉଚିତ୍ ଯେ, ହିନ୍ଦୀକୁ ପୁଣିଥରେ ଜୋର୍‌ଜବରଦସ୍ତ ଲଦିବା ପାଇଁ ଆଜି ଯଦି ପ୍ରୟାସ କରାଯାଏ, ତା'ହେଲେ ଏହା ପୁଣି ଏକ ବିଭାଜନର ଅଗ୍ନିବଳୟକୁ ଜନ୍ମ ଦେବ । ତଥାଗତ ଶତପଥୀ ଯେଉଁ ପ୍ରଶ୍ନ ଉଠାଇଛନ୍ତି, ତାହା କେବଳ ସାମ୍ବିଧାନିକ ବା ନୈତିକ ନୁହେଁ, ଏହା ଅନେକାଂଶରେ ଦେଶର ଏକତା ପାଇଁ ଗୁରୁତ୍ୱପୂର୍ଣ୍ଣ । ଭାରତୀୟ ଭାଷାମାନଙ୍କୁ ସମାନ ମର୍ଯ୍ୟାଦା ଦେବା ଓ ଅଣହିନ୍ଦୀ ଭାଷାଭାଷୀ ରାଜ୍ୟଗୁଡ଼ିକ ସହ ଇଂରାଜୀରେ ଯୋଗାଯୋଗ ରଖିବା କେନ୍ଦ୍ର ସରକାରଙ୍କ ସାମ୍ବିଧାନିକ ଦାୟିତ୍ୱ । ତାହା ନ କରି ଯଦି ଏହାକୁ ଏକ ଅହଂକାରର ପ୍ରସଙ୍ଗ ଭାବରେ ବିଜେପି ଗ୍ରହଣ କରିବ, ତା'ହେଲେ ଏଥିପାଇଁ ଯେଉଁ ବିଭାଜନ ସୃଷ୍ଟି ହେବ ସେଥିପାଇଁ ବିଜେପି ହିଁ ଦାୟୀ ରହିବ । ଅକାରଣରେ ହିନ୍ଦୀକୁ ପ୍ରଭୁସତ୍ତାର ଭାଷା ବୋଲି ଗ୍ରହଣ କରିବାର ଆବଶ୍ୟକତା ଆଜି ନାହିଁ । ପୁନଶ୍ଚ ଇଂରାଜୀ ଆଜି ଆଉ ଉପନିବେଶର ଭାଷା ହୋଇ ରହିନାହିଁ । ୩୦୦ ବର୍ଷ ଧରି ଇଂରାଜୀ ଭାଷାରେ ଶିକ୍ଷାବ୍ୟବସ୍ଥା ପରିଚାଳିତ ହୋଇସାରିବା ପରେ ଆଜି ଏହାକୁ ହଟାଇବାର ଦାବି ହାସ୍ୟାସ୍ପଦ ମନେ ହୋଇପାରେ । ପୁଣି ସେଇ ସେପ୍ଟେମ୍ବର ୧୯୪୯ର ଇତିହାସକୁ ଆମେ ଟିକେ ଫେରିଯିବା । ସେହି ଅଧିବେଶନରେ ବଙ୍ଗାଳୀ ବିଦ୍ୱାନ ଲକ୍ଷ୍ମୀକାନ୍ତ ମୈତ୍ର ଅତି ସ୍ପଷ୍ଟ ଭାବରେ କହିଥିଲେ ଯେ, ଇଂରାଜୀ ଆଜି ଆଉ ଇଂଲଣ୍ଡର ଭାଷା ହୋଇ ରହିନାହିଁ । ଆମେ ଭାରତୀୟମାନେ ଇଂରାଜୀରେ ଅଧିକ ଦକ୍ଷ ଓ ସାରା ଭାରତରେ ଜ୍ଞାନ ବିଜ୍ଞାନ ଓ ଯୋଗାଯୋଗର ଭାଷା ଭାବରେ ଇଂରାଜୀ ହିଁ ଏକମାତ୍ର ସ୍ୱୀକୃତିପ୍ରାପ୍ତ ଭାଷା । ତେଣୁ ସେହି ଯୁକ୍ତି ଆଧାରରେ ଆଜି ଭାରତର ଏକତାକୁ ସୁଦୃଢ଼ କରିବା ପାଇଁ ହିନ୍ଦୀକୁ ପ୍ରଭୁସତ୍ତାକୁ ବିରୋଧ କରିବା ପ୍ରତ୍ୟେକ ଅଣହିନ୍ଦୀ ନାଗରିକର ଦାୟିତ୍ୱ । ଯେଉଁମାନେ ତାହା ନ କରି ସାଂସଦ ତଥାଗତ ଶତପଥୀଙ୍କୁ ଗାଳି କରି ଚାଲିଛନ୍ତି, ସେମାନେ ନିଜ ମାତୃଭାଷା ବଦଳରେ ତଥାକଥିତ ରାଷ୍ଟ୍ରଭାଷାର ଗୁଣଗାନ କରିବାର ନିର୍ବୋଧତା କରୁଛନ୍ତି । ଏପ୍ରକାର ନିର୍ବୋଧତା ଓଡ଼ିଆ ଭାଷା ପାଇଁ ଆଦୌ ଶୁଭଙ୍କର ନୁହେଁ । ଶ୍ରୀ ଶତପଥୀ ନିଜର ଚାରିଧାଡ଼ିରେ ଚିଠିରେ ଯାହା କରିଛନ୍ତି, ତାହା ପୁଣିଥରେ ଏକ ଐତିହାସିକ ବିତର୍କର ସୂତ୍ରପାତ କରିଛି । ଏହି ବିତର୍କରେ ଓଡ଼ିଆମାନେ ନିଜ ଅସ୍ମିତା ପାଇଁ ଲଢିବାର ଏକ ସୁଯୋଗ ପାଇଛନ୍ତି । ତା'କୁ ଯେମିତି ଆଜି ହାତଛଡ଼ା କରାନଯାଏ !!!

ମୋ : ୯୪୩୭୧୫୪୪୪୫

ଶକ୍ତିର ଅବତାର ମହିଷାମର୍ଦ୍ଦିନୀ

ଅମିନୀଲୁ ରାୟ

ଚଣ୍ଡୀ ପୁରାଣରେ ବର୍ଣ୍ଣିତ -
ଓଁ ନମୋଃ ଦେବୀ ମହାମାୟେ ମହିଷାସୁର ମର୍ଦ୍ଦିନୀ
ଶଙ୍କର ଚାରିଣୀ ଦୁର୍ଗେ ଜଗଦ୍ଧାତ୍ରୀ ନମସ୍ତୁତେ ।
ନମସ୍ତେ ଚଣ୍ଡୀକେ ମାତ ନମସ୍ତେ ସିଂହବାହିନୀ
ନମସ୍ତେ ସିଦ୍ଧିଯୋଗିନୀ ଭଗବତୀ ନମୋ ନମଃ ।

ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ - ଗିରିରାଜ ହିମାଳୟଙ୍କ କନ୍ୟା ଉମା ଆଶ୍ୱିନ ମାସ ଶୁକ୍ଳପକ୍ଷରେ କୈଳାସ ପର୍ବତରୁ ପିତୃଗୃହକୁ ଆଗମନ କରିବା ସମୟରେ ଠିକ୍ ସେତିକିବେଳେ ଧରାପୃଷ୍ଠରେ ଭରିଉଠେ ସବୁଜ ଶସ୍ୟସମ୍ଭାର । ଜଳ, ସ୍ଥଳ, ଆକାଶ ଚତୁର୍ଦ୍ଦିଗ ସ୍ୱଚ୍ଛତା ଓ ଶୁଭ୍ରତାର ଅପୂର୍ବ ସ୍ପର୍ଶରେ ଉଲ୍ଲସିତ ହୋଇଉଠନ୍ତି । ତୁଷାର ଧବଳ କାଶତଣ୍ଡି ଫୁଲର ସ୍ୱର୍ଗୀୟ ସମାରୋହରେ ଝଲସିଉଠେ ନଦୀପଠା । କଲ୍ଲୋଳିନୀ ଓ ନିର୍ଝର ତଥା ଜଳାଶୟସବୁ ସ୍ୱଚ୍ଛ ନିର୍ମଳ ଜଳ ବହନ କରନ୍ତି । ମେଘମୁକ୍ତ ଆକାଶ ବକ୍ଷରେ ଶରତ ଚନ୍ଦ୍ର ସୁନିର୍ମଳ ଶୀତଳ ଜ୍ୟୋତ୍ସ୍ନା ବିକିରଣ କରନ୍ତି । ଶୁଭ୍ର ଶରତର ଜୟ ବୈଜୟନ୍ତୀ ସଦୃଶ ଉଡିବୁଲନ୍ତି ବିହଗକୁଳ । ଏହିପରି ଏକ ମଧୁର ମୁହୂର୍ତ୍ତରେ ଉତ୍କଳର ପୁରପଲ୍ଲୀ ସର୍ବତ୍ର ଶଙ୍ଖ ଘଂଟାର ଧ୍ୱନି ସହିତ ମାତୃ ବନ୍ଦନାର ମନ୍ଦ୍ର ନିନାଦରେ ଗଗନ ପବନ ମୁଖରିତ ହୋଇଉଠେ । ଧରାପୃଷ୍ଠକୁ ଜଗଜ୍ଜନନୀଙ୍କର ଶୁଭାଗମନରେ ଜଗତ୍‌ବାସୀ ତାଙ୍କ ପାଇଁ ମହାପୂଜାର ଆୟୋଜନ କରନ୍ତି । ତାକୁ ହିଁ ଦୁର୍ଗାପୂଜା କୁହାଯାଏ । ଶେଷରେ ଶକ୍ତି-ରୂପିଣୀ ଦେବୀ ଜଗତ୍‌ବାସୀଙ୍କଠାରୁ ପୂଜା ଗ୍ରହଣ କରି ବିଜୟା ଦଶମୀରେ ପିତ୍ରାଳୟକୁ ପ୍ରତ୍ୟାଗମନ କରନ୍ତି ।

ଯା ଦେବୀ ସର୍ବ ଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା,
ନମୋ ସ୍ତସ୍ମୈ ନମୋ ସ୍ତସ୍ମୈ ନମୋ ସ୍ତସ୍ମୈ ନମୋ ନମଃ ।

ଏହି ଶକ୍ତିପୂଜାର ପରମ୍ପରା ଉତ୍କଳରେ ସୁପ୍ରାଚୀନ । କିନ୍ତୁ ଦଶଭୂଜ ବିଶିଷ୍ଟ ଦୁର୍ଗାଙ୍କର ମୂର୍ତ୍ତି ପରିକଳ୍ପନା ଓ ତାଙ୍କର ମୃଣ୍ମୟୀ ପ୍ରତିମା ନିର୍ମାଣ ଏକ ବଙ୍ଗୀୟ ପ୍ରଭାବ ବୋଲି ମନେକରାଯାଏ । ଉତ୍କଳୀୟ ମତରେ ଦୁର୍ଗା ହେଉଛନ୍ତି ଚତୁର୍ଭୂଜା । ଏଣୁ କେତେକ ସ୍ଥାନରେ ଅଷ୍ଟଭୂଜା ବା ଷୋଡଶଭୂଜା ଦୁର୍ଗାଙ୍କର ପୂଜା କରାଯାଉଥିବାର ବିଧି ଏବେ ବି ପ୍ରଚଳିତ । ପୁରାଣ ମତରେ ବ୍ରହ୍ମାଙ୍କ ବଳରେ ବଳୀୟାନ ଏକ ବଳବାନ୍ ଦାନବ ମହିଷାସୁର ସ୍ୱର୍ଗାଲୋକରେ ପ୍ରବେଶ କରି ଦେବତାମାନଙ୍କ ଉପରେ ପ୍ରବଳ ଅତ୍ୟାଚାର କରିବାରୁ ଶେଷରେ ଅସହାୟ ଦେବତାମାନେ କୌଣସି ଉପାୟ ନପାଇ ବ୍ରହ୍ମାଙ୍କର ଶରଣାପନ୍ନ ହୁଅନ୍ତେ, ସେ ତୁରନ୍ତ ଦେବତାମାନଙ୍କ ସହିତ କୈଳାସପତି ଶିବଙ୍କ ପାଖକୁ ଯାଇ ଏ ବିଷୟରେ ପରାମର୍ଶ ଲୋଡିଲେ । ଏହି ସମୟରେ ସମବେତ କ୍ରୋଧାନ୍ୱିତ ଦେବତାମାନଙ୍କ ମୁଖମଣ୍ଡଳରୁ ଏକ ଅପୂର୍ବ ତେଜଃ ନିର୍ଗତ ହେଲା । ଯାହା ଫଳରେ ଉକ୍ତ ତେଜରୁ ଜନ୍ମ ନେଲେ ଏକ ଅପୂର୍ବ ଲାବଣ୍ୟମୟୀ ତେଜସ୍ୱିନୀ ନାରୀମୂର୍ତ୍ତି । ସେ ହେଲେ ଆଦ୍ୟାଶକ୍ତି, କାତାୟନୀ ଦେବୀ ଦୁର୍ଗା । ସେ କହିଲେ-" ହେ ଦେବତାମାନେ, ଦୟାପୂର୍ବକ ମୋତେ ଆପଣମାନଙ୍କର ଅସ୍ତ୍ର

ପ୍ରଦାନ କରନ୍ତୁ । ମୁଁ ଏକାକିନୀ ମହିଷାସୁରକୁ ବଧ କରିପାରିବି ।" ଶେଷରେ ଅସ୍ତ୍ରଶସ୍ତ୍ରରେ ସଜ୍ଜିତା ହୋଇ ଦେବୀ ସିଂହ ଉପରେ ଆରୋହଣପୂର୍ବକ ମହିଷାସୁର ସହିତ ସଂଗ୍ରାମରେ ଅବତୀର୍ଣ୍ଣା ହେଲେ । ମହିଷାସୁରର ମୃତ୍ୟୁ ପରେ ସ୍ୱର୍ଗରୁ ଦେବତାମାନେ ଖୁସିରେ ଜୟଧ୍ୱନି ସହ ପୁଷ୍ପବୃଷ୍ଟି କଲେ । ଏହି ବିଜୟର ସ୍ମାରକୀ ସ୍ୱରୂପ କେଉଁ ପ୍ରାଚୀନ କାଳରୁ ଆଶ୍ୱିନ ମାସର ଶୁକ୍ଳପକ୍ଷ ଦଶମୀ ତିଥିଟିକୁ ବିଜୟା ଦଶମୀ ନାମରେ ସାରା ଓଡିଶାରେ ପାଳନ କରାଯାଉଅଛି । ପୁନଶ୍ଚ ତ୍ରେତୟା ଯୁଗରେ ମର୍ଯ୍ୟାଦା ପୁରୁଷ ଶ୍ରୀରାମ ଲଙ୍କାପତି ରାବଣକୁ ବିନାଶ କରିବା ନିମନ୍ତେ ଏହି ମାସରେ ଶକ୍ତିସ୍ୱରୂପିଣୀ ଦେବୀଙ୍କୁ ପୂଜା କରି ତାଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ । ତାଙ୍କରି କୃପାରୁ ସେ ରାବଣକୁ ବଧ କରିବା ସଙ୍ଗେ ସଙ୍ଗେ ସତୀ ସୀତାଙ୍କୁ ଉଦ୍ଧାର କରି ଲଙ୍କାରେ ବିଜୟ ଉତ୍ସବ ପାଳନ କରିଥିଲେ । ଉକ୍ତ ସ୍ମାରକୀ ହେଉଛି ଆଶ୍ୱିନ ମାସର ଶୁକ୍ଳ ଦଶମୀ ତିଥିରେ ପାଳନ କରାଯାଉଥିବା ବିଜୟା ଦଶମୀ ।

ଯା ଦେବୀ ସର୍ବ ଭୂତେଷୁ ମାତୃ ରୂପେଣ ସଂସ୍ଥିତା,
ନମୋ ସ୍ତସ୍ମୈ ନମୋ ସ୍ତସ୍ମୈ ନମୋ ସ୍ତସ୍ମୈ ନମୋ ନମଃ ।

ଦଶହରା ଓ ଦୁର୍ଗାପୂଜା ପଶ୍ଚାତରେ ବହୁ କିମ୍ବଦନ୍ତୀ ନିହିତ ଥିଲେ ମଧ ମାତ୍ର ଆରାଧନା ଓ ଶକ୍ତି ପୂଜା ଯେ ହେଉଛି ଉକ୍ତ ପର୍ବର ପ୍ରଧାନ ଆଭିମୁଖ୍ୟ ଏଥିରେ ସଂଦେହ ନାହିଁ, ମାତ୍ର ଦୁର୍ଗା ହେଉଛନ୍ତି ଜଗତର ଜନନୀ । ସେ ହେଉଛନ୍ତି ଦୁର୍ଗତିନାଶିନୀ, ଅଭୟ-ବର-ଦାୟିନୀ ଓ କଲ୍ୟାଣ ବିଧାୟିନୀ ଦେବୀ । ତାଙ୍କୁ ପୂଜା କଲେ ଜଗତର ସମସ୍ତ ପ୍ରକାର ପାପତାପ ଦୂର ହୋଇଯାଏ ଓ ମନୁଷ୍ୟ ସୁଖ, ସମ୍ପୃଦ୍ଧି ଓ ସୌଭାଗ୍ୟ ପ୍ରାପ୍ତ କରି ଆନନ୍ଦରେ କାଳାତିପାତ କରେ ବୋଲି ଆମର ବିଶ୍ୱାସ । ତେଣୁ ସାର୍ବଜନୀନ ଭାବେ ଆଡମ୍ବର ସହକାରେ ପୂଜା କରି ଆମ୍ଭେମାନେ ତାଙ୍କର ଶରଣାପନ୍ନ ହେବା ସହ କଲ୍ୟାଣ ଭିକ୍ଷା କରିଥାଉ ।

ଓଡିଶାରେ ଯେତେ ପର୍ବ ପାଳନ କରାଯାଉଛି ସେଥିମଧ୍ୟରୁ ଦଶହରା ଅନ୍ୟତମ । ଏହା ବ୍ୟତୀତ ବଙ୍ଗଳା, ବିହାର ଓ ଉତର ପ୍ରଦେଶରେ ମଧ ଏହି ପର୍ବ ବହୁ ଆଡମ୍ବର ସହକାରେ ପାଳନ କରାଯାଏ । ସୁସଜ୍ଜିତ ମଣ୍ଡପ ଉପରେ ସିଂହବାହିନୀ ଦଶଭୂଜା ଦୁର୍ଗାଙ୍କର ମୃଣ୍ମୟ ମୂର୍ତ୍ତି ବିଧିମୁତାବକ ସ୍ଥାପନ କରାଯାଏ । ଦେବୀଙ୍କର ଦୁଇ ପାର୍ଶ୍ୱରେ ଗଣେଶ କାର୍ତ୍ତିକେୟ ଲକ୍ଷ୍ମୀ ସରସ୍ୱତୀଙ୍କର ମୂର୍ତ୍ତି ମଧ ନିର୍ମାଣ କରାଯାଇଥାଏ । ଦେବୀଙ୍କୁ ହିମାଳୟ କନ୍ୟା ପାର୍ବତୀ ରୂପେ ବିବେଚନା କରାଯାଉଥିବାରୁ ତାଙ୍କ ନିକଟରେ ଦୁଇ ପୁତ୍ର ସ୍ଥାନ ପାଇବାର ବିଧି ପ୍ରଚଳିତ । କେତେକ ସ୍ଥାନରେ କେବଳ ହର ପାର୍ବତୀଙ୍କର ମୂର୍ତ୍ତି ମଧ ପୂଜା କରାଯାଇଥାଏ । ଏଠାରେ ପୂଜାର୍ଚ୍ଚନାର ରୀତି ସ୍ୱତନ୍ତ୍ର ଅଟେ । ଦେବୀଙ୍କର ପାଦ ତଳେ ସଂଗ୍ରାମମୁଖୀ ମହିଷାସୁରର ମୂର୍ତ୍ତି ଯେତିକି ଭୟଙ୍କର, ବହୁ ବର୍ଣ୍ଣର ବେଶ ପୋଷାକ ଓ ବହୁ ଅଳଙ୍କାରରେ ସୁଶୋଭିତା ଦେବୀଙ୍କର ରୂପ ସେତିକି ଲାବଣ୍ୟମୟ । ଭକ୍ତିପ୍ରାଣ ହିନ୍ଦୁ ନାରୀମାନେ ମା'ଙ୍କର ପାଦ ତଳେ ନୈବେଦ୍ୟ ଅର୍ପଣ କରି ତାଙ୍କଠାରୁ ସୁଖ, ଶାନ୍ତି, ଶ୍ରୀ, ସମ୍ପଦ ଓ ସୌଭାଗ୍ୟ ମାଗି ନିଅନ୍ତି । ବର୍ଷକରେ ଥରେ ଏହି ପର୍ବଟିକୁ ପାଳନ କରିବା ନିମନ୍ତେ ଧନୀ ଦରିଦ୍ର ନିର୍ବିଶେଷରେ ସମାଜର ସବୁ ଶ୍ରେଣୀର ଲୋକ ପାଗଳ ହୋଇଉଠନ୍ତି ।

ଦୁର୍ଗାପୂଜା ହେଉଛି ଓଡିଶାର ଏକ ପ୍ରଧାନ ସାମାଜିକ ଉତ୍ସବ । ଦୁର୍ଗତିନାଶିନୀ ମା' ଅମ୍ବିକା ଭକ୍ତମାନଙ୍କର କଳ୍ପନାରେ କେବଳ ସୁଖ ଓ ଶାନ୍ତି ପ୍ରଦାୟିନୀ ନୁହନ୍ତି, ସେ ହେଉଛନ୍ତି ଶକ୍ତି, ସାହସ,ଶୌର୍ଯ୍ୟ, ପରାକ୍ରମ ଓ ସର୍ବପରି ବିଜୟର ପ୍ରତୀକ । ସେଥିପାଇଁ ତାଙ୍କର ଅନ୍ୟନାମ ବିଜୟା । ଅତୀତରେ ଯୁଦ୍ଧପିପାସୁ ଉତ୍କଳୀୟ ପାଇକ ବୀରମାନେ ବିଜୟା ଦଶମୀରେ ନିଜ ନିଜର ଅସ୍ତ୍ର ପୂଜା କରି ଆଗାମୀ ଯୁଦ୍ଧ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରୁଥିଲେ । ସେହି ପରମ୍ପରା ଅନୁଯାୟୀ ଏବେ ମଧ ବିଜୟା ଦଶମୀ ତିଥିରେ ଅତୀତର ସ୍ମାରକୀ ସ୍ୱରୂପ ଖଣ୍ଡାୟତ ପରିବାର ମାନଙ୍କରେ ଖଣ୍ଡା ପୂଜାର ବିଧି ପ୍ରଚଳିତ ଅଛି । ଏହା ବ୍ୟତୀତ ଗ୍ରାମାଂଚଳରେ ଭିନ୍ନ ଭିନ୍ନ ବୃତିଜୀବୀମାନେ ନିଜ ନିଜର ଉପକରଣମାନ ଆସ୍ଥାନରେ ରଖି ପୂଜା କରିଥାନ୍ତି ।

ଓଡିଶାର ଦୁର୍ଗା ମଣ୍ଡପମାନଙ୍କରେ ଆଶ୍ୱିନ ଶୁକ୍ଳ ଷଷ୍ଠୀଠାରୁ ପୂଜା ଆରମ୍ଭ ହୋଇଥାଏ । ପୂଜକମାନେ ପ୍ରତ୍ୟହ ଶ୍ଳୋକ ପାଠ କରନ୍ତି ଓ ନୈବେଦ୍ୟ ଅର୍ପଣ କରନ୍ତି । ଅଷ୍ଟମୀ ତିଥିଟି ମହାଷ୍ଟମୀ ନାମରେ କଥିତ । ପୂର୍ବେ ଏହି ଦିନ ଯାଜପୁରର ଶ୍ରୀ ବିରଜା, ଝଙ୍କଡର ଶାରଳା, କାକଟପୁରର ମଙ୍ଗଳା, ପୁରୀର ବିମଳା ଓ କଟକର ଚଣ୍ଡୀଙ୍କ ସମେତ ଓଡିଶାର ବିଭିନ୍ନ ଶକ୍ତିପୀଠ ମାନଙ୍କରେ ଛେଳି, ମହିଷ ଇତ୍ୟାଦି ପଶୁବଳି ପ୍ରଦାନ କରାଯାଉଥିଲା । ଏବେ କିନ୍ତୁ ଏହି ପ୍ରଥା ଜନମତ ଫଳରେ ଉଚ୍ଛେଦ କରିଦିଆଯାଇଛି । ଦଶମୀ ପୂଜାଟି ଆଡମ୍ବର ସହକାରେ ପାଳନ କରାଯାଏ । ୫ ଦିବସବ୍ୟାପୀ ଦଶହରା ପୂଜାର ଏହା ହେଉଛି ଉଦ୍‌ଯାପନ ଦିବସ । ଶଙ୍ଖ, ଘଂଟ, ଢୋଲ ଓ ମହୁରୀ ଶବ୍ଦରେ ଗଗନ ପବନ ମୁଖରିତ ହୋଇଉଠେ । ଦେବୀ ମଣ୍ଡପ ନିକଟରେ ପ୍ରବଳ ଜନ ସମାଗମ ହୁଏ । ଶାନ୍ତି ରକ୍ଷା ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ପୋଲିସ କର୍ମଚାରୀମାନଙ୍କର ସାହାଯ୍ୟ ନେବା ଆବଶ୍ୟକ ହୁଏ । ଏହିଭଳି ଏକ ଆନନ୍ଦ ମୁଖରିତ ଅବସରକୁ ଦେଖିଲେ ମନେ ହୁଏ ସତେ ଯେପରି କରୁଣାମୟୀ ମାତା କରୁଣା ବିତରଣ କରିବା ନିମନ୍ତେ ବର୍ଷକରେ ଥରେ ମର୍ତ୍ତ୍ୟବାସୀ ମାନବମାନଙ୍କ ମେଳରେ ସଶରୀରେ ଅବତୀର୍ଣ୍ଣା ହୋଇଛନ୍ତି । ଦଶମୀ ପୂଜା ଶେଷରେ ମୂର୍ତ୍ତିଗୁଡିକ ଆଡମ୍ବରପୂର୍ଣ୍ଣ ଶୋଭାଯାତ୍ରା ମାଧ୍ୟମରେ ନିକଟସ୍ଥ ନଦୀ, ନାଳ ଓ ପୁଷ୍କରିଣୀରେ ବିସର୍ଜନ କରାଯାଏ ।

ସଂପ୍ରତି ବିଜ୍ଞାନ ଯୁଗରେ ଆଧାତ୍ମିକ ଚିନ୍ତା ସ୍ଥାନରେ ଆସୁରିକ ଚିନ୍ତା ମଣିଷ ମନରେ ପ୍ରଭାବ ବିସ୍ତାର କରିଥିବାରୁ ଉତ୍ସବର ପବିତ୍ରତା ଆଉ ରକ୍ଷା କରାଯାଇ ପାରୁ ନାହିଁ । ବହୁ ସ୍ଥାନରେ ଦେବୀମୂର୍ତ୍ତି ନିର୍ମାଣରେ ନଗ୍ନତା ପ୍ରକାଶ ପାଉଛି । କ୍ରମେ ଏହି ପର୍ବଟି ଏକ ଆଡମ୍ବରପୂର୍ଣ୍ଣ ଓ ବ୍ୟୟବହୁଳ ଅନୁଷ୍ଠାନରେ ପରିଣତ ହେଲାଣି । ଚାନ୍ଦା ଆଦାୟକୁ କେନ୍ଦ୍ର କରି ବିଶୃଙ୍ଖଳା ସୃଷ୍ଟି ହେଉଛି । ଜାତୀୟ ରାଜପଥ ପାର୍ଶ୍ୱରେ ବେକାର ଯୁବକମାନେ ମୂର୍ତ୍ତି ଓ ମଣ୍ଡପ ନିର୍ମାଣ କରି ଯାନବାହନଠାରୁ ବଳପୂର୍ବକ ଚାନ୍ଦା ଆଦାୟ କରିବାରୁ ଅଶାନ୍ତି ଓ ସଂଘର୍ଷ ସୃଷ୍ଟି ହେଉଛି । କେତେକ ସ୍ଥାନରେ ମୂର୍ତ୍ତି ବିସର୍ଜନ ଓ ଶୋଭାଯାତ୍ରାକୁ କେନ୍ଦ୍ର କରି ସାମ୍ପ୍ରଦାୟିକ ସଂଘର୍ଷ ସୃଷ୍ଟି ହୋଇ ବେଳେବେଳେ ତାହା ଉଗ୍ରରୂପ ଧାରଣ କରୁଛି । ଏହାଦ୍ୱାରା ଧନ ଜୀବନ ନଷ୍ଟ ହେଉଛି, ସାମାଜିକ ଶାନ୍ତି ଓ ସୌହାର୍ଦ୍ଦ୍ୟ ବ୍ୟାହତ ହେଉଛି । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସରକାରଙ୍କୁ ଅଧିକ ପୋଲିସ ନିୟୁକ୍ତ କରିବାକୁ ପଡୁଛି । ଏ ସଭ୍ୟ ସମାଜରେ ଏହା ହେଉଛି ଏକ ନିନ୍ଦନୀୟ ବ୍ୟାପାର । ତଥାପି ଦୁର୍ଗାପୂଜା ଆମର ଏକ ଜାତୀୟ ପର୍ବ । ସମସ୍ତ ତ୍ରୁଟି ବିଚ୍ୟୁତି ସତ୍ତ୍ୱେ ଜନସାଧାରଣ ଏଥିରୁ ପ୍ରଚୁର ଆମୋଦ ଓ ଉତ୍ସାହ ଲାଭ କରିଥାନ୍ତି, ଏଥିରେ ସନ୍ଦେହ ନାହିଁ ।

ଘାଗଡା, ରାହାମା,
ଜଗତ୍‌ସିଂହପୁର
ମୋ : ୯୯୩୭୪୧୨୫୧୫

ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭,
ଧର୍ମବିହାର, ଖଣ୍ଡଗିରି
ଭୁବନେଶ୍ୱର-୩୦
ଦୂରଭାଷ :
୦୮୭୬୩୩୬୮୦୨୯
୦୭୦୦୮୩୪୦୩୮୯

ବେଦନାର ବେଦ (୩୫)

ଧାରାବାହିକ ଉପନ୍ୟାସ

କ୍ଷୀରୋଦ ଦାସ
ମୋ : ୯୪୩୭୧୬୩୦୦୨
ମେଲ୍: khirod65@gmail.com

ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।

ହଠାତ୍ ଚକ୍ରଧରକୁ ଲାଗିଲା, ସାମ୍ନାରେ ବସିଥିବା ରିକ୍ସାବାଲା ଜଗନ୍ନାଥ ମାତାଲ ନୁହେଁ, ସେ ନିଜେ ହିଁ ମାତାଲ ହୋଇପଡୁଛି ବେଳକୁ ବେଳ। ତା' ମୁଣ୍ଡ, ହାତ, ଗୋଡ ସମେତ ସମଗ୍ର ଶରୀର ଧୀରେ ଧୀରେ ଅଣାୟତ୍ତ ହୋଇପଡୁଛନ୍ତି! ଯେତେ ଚେଷ୍ଟା କଲେ ମଧ ସେ ଆଉ ସଳଖି ଠିଆ ହୋଇପାରୁନାହିଁ କି ସିଧା ଚାହିଁ ପାରୁନାହିଁ।

ଗୋଟାଏ ଅଦ୍ଭୁତ ମାଦକତାରେ ତା' ଦୁଇଆଖି ମୁଦି ହୋଇ ଆସୁଥିଲା। ସେଇ ମୁଦି ହୋଇ ଆସୁଥିବା ଆଖିରେ ବୋଳି ହୋଇଯାଉଥିଲା ରାଶି ରାଶି ସବୁଜ ନିଶା। ସେଇ ଅନନ୍ୟ ନିଶା ଚକ୍ରଧରକୁ ଉଚ୍ଛୁଳେଇ ପକାଉଥିଲା, ବିଗଳିତ କରି ପକାଉଥିଲା, ସମଗ୍ର ପୃଥିବୀକୁ ଅନନ୍ୟ ଆବେଗ, ପରମ ଶ୍ରଦ୍ଧା ଓ ଅନେକ ଆନ୍ତରିକତାର ସହ କୋଳାଗ୍ରତ କରି ପକାଇବାକୁ ଅଥୟ କରୁଥିଲା।

ଏ ଅନୁଭବ, ବାସ୍ତବିକ ସମ୍ପୂର୍ଣ୍ଣ ଅଭିନବ ତା' ପାଇଁ।

ଚକ୍ରଧରକୁ ଲାଗୁଥିଲା ଏ ବିଶାଳ ପୃଥିବୀ ଏକ ପରିବାର। ତା'ଭିତରେ ବସବାସ କରୁଥିବା ସମସ୍ତ ପ୍ରାଣୀ ତା'ର ଏକାନ୍ତ ନିଜର। ଚମ୍ପା, ଚନ୍ଦନ, ସଞ୍ଜୟ, ଧନଖୋର ସାହୁକାର, ଡାକ୍ତର, ନର୍ସ, ରେଳଷ୍ଟେସନ ଓ ବସ୍‌ଷ୍ଟାଣ୍ଡର ଅଗଣିତ ମଣିଷ, ସମସ୍ତେ ସେଇ ପରିବାରର ଜଣେ ଜଣେ ଅନ୍ତରଙ୍ଗ ସଦସ୍ୟ। ସମସ୍ତେ ସମାନ। ଗୋଟିଏ ବିନ୍ଦୁରେ ସମସ୍ତେ ଏକାକାର!

ବୁଜି ହୋଇଯାଉଥିବା ଆଖିରେ ଚକ୍ରଧର ଅନାଇଲା ଜଗନ୍ନାଥକୁ। ସାମ୍ନାରେ ଠିଆ ହୋଇଥିବା ଜଗନ୍ନାଥଟି ଧୀରେ ଧୀରେ ବିଶାଳ ହୋଇଯାଉଥିଲା ଏବଂ ତା'ମୁଣ୍ଡ କ୍ରମଶଃ ବ୍ୟାପି ଯାଉଥିଲା ଆକାଶ ଆଡକୁ। ତା' ଆଗରେ ଚକ୍ରଧର ବାମନଟିଏ ପାଲଟି ଯାଉଥିଲା। ତା'ମୁହଁ ଆଉ ଦେଖାଯାଉ ନଥିଲା ତାକୁ। ଯେତେ ଚେଷ୍ଟା କଲେ ମଧ, ଯେତେ ଅଧୀର ହେଲେ ମଧ ଯେତେ କାକୁତି ମିନତୀ କଲେ ମଧ ଚକ୍ରଧର ଆଦୌ ଦେଖିପାରୁ ନଥିଲା ଜଗନ୍ନାଥର କଳା ମୁହଁକୁ। ସେ ମୁହଁର ଛାଇ ସତେଅବା ବ୍ୟାପିଯାଇଥିଲା ସ୍ୱର୍ଗ-ମର୍ତ୍ତ୍ୟ-ପାତାଳ ପର୍ଯ୍ୟନ୍ତ।

ଏକ ବିଚିତ୍ର ପୁଲକରେ ଶିହରିତ ହୋଇଯାଉଥିଲା ଚକ୍ରଧର। ଏ କି ପ୍ରକାର ଅନୁଭବ? ଜୀବନରେ କେବେ ଥରେ ଆସିଥିଲା କି ଏପରି ଅନୁଭବ? ତା' ତଣ୍ଟି ପାଖରେ କିଛି ଗୋଟାଏ ଅଥୟ ହେଉଥିଲା। ତୀବ୍ର ଏକ କୋହ ଛାତି ଭିତରେ ବାଡେଇ ଛାଟି ହୋଇ ବାଟ ଖୋଜୁଥିଲା ବାହାରକୁ ବାହାରି ଆସିବା ପାଇଁ! ବୋଧହୁଏ ଗୋଟାଏ ଯୁଗ ହେବ ସେ କାନ୍ଦି ନାହିଁ। ତା'ର ପ୍ରବଳ ଇଚ୍ଛା ହେଉଥିଲା, ଖୁବ୍ ଜୋର୍‌ରେ, ଗଳା ଫଟାଇ ସେ କାନ୍ଦିବ। ଝରଝର ଲୁହ ଝରିବ ଏବଂ ସେଇ ଲୁହର ଝରଣାରେ ଧୋଇଦେବ ଜଗନ୍ନାଥର ଧୂଳି ଧୂସରିତ ଦୁଇଟଇ କାଳିଆ ପାଦକୁ।

ସତକୁ ସତ କାନ୍ଦି ପକାଇଲା ଚକ୍ରଧର। ତା' ଦୁଇ ଆଖିରୁ ଝରି ପଡୁଥିଲା ବୁନ୍ଦା ବୁନ୍ଦା ଲୁହ। ସେଇ ଲୁହ ଅନ୍ୱେଷଣ କରୁଥିଲା ଯୋଡେ ପାଦକୁ। ଅନ୍ୱେଷଣ କରି କରି ଥକି ପଡୁଥିଲା ପଛେ ସେଇ ପାଦର ଚିହ୍ନ ବର୍ଣ୍ଣ ନଥିଲା କେଉଁଠି। ନା ମାଟିରେ ନା ଆକାଶରେ। ଲୁହ ଓ କୋହର ଏକ ଅଭୂତପୂର୍ବ ସାଗରରେ ଭାସି ଯାଉଥିଲା ଚକ୍ରଧର।

ଭାସି ଯାଉ ଯାଉ ଶୁଣିଲା, କେହି ଜଣେ ସତେଯେପରି ତା'କାନ ପାଖରେ ମହାନ୍ ମନ୍ତ୍ରଟିଏ ଫୁଙ୍କିଦେଇ ଯାଉଛି - "କ'ଣ ଖୋଜୁଛୁ ଚକ୍ରଧର? ଦୁଇଟି କାଳିଆ ପାଦକୁ ଖୋଜୁଛୁ କି? କେଡେ ବୋକାଟା କିରେ ତୁ? ଜଗନ୍ନାଥର ପାଦ ନାହିଁ ପରା! ନଥିବା ପାଦକୁ ତୁ ଖୋଜୁଛୁ, ପାଇବୁ କେମିତି? କେମିତି??"

ଚକ୍ରଧର ପ୍ରକୃତିସ୍ଥ ହେବା ବେଳକୁ ସଂଧ୍ୟା ହୋଇଯାଇଥିଲା। ରାସ୍ତାଘାଟ, ଦୋକାନ ବଜାରରେ ଜଳି ଉଠିଥିଲା ଭଳିକି ଭଳି ବିଜୁଳି ଆଲୁଅ। ସାରାଦିନର ଡହ ଡହ ଉତ୍ତପ୍ତ ପରିବେଶ ପରିଣତ ହୋଇଯାଇଥିଲା ଶୀତଳ, ମୁଲାୟମ ପବନରେ। ପାଖରେ କେଉଁଠି ମନ୍ଦିରଟିଏ ଥିଲା କି କ'ଣ, ଘଣ୍ଟ ଘଣ୍ଟାର ମନମୋହକ ଧ୍ୱନୀ ତୁହାକୁ ତୁହା ଭାସି ଆସି ବାଜୁଥିଲା ଚକ୍ରଧର କାନରେ। ଆତ୍ମାକୁ ଅଭିଭୂତି କରି ପକାଉଥିବା ଏକ ଇନ୍ଦ୍ରୀୟାତୀତ ସୁଗନ୍ଧ ଆସି ବାଜୁଥିଲା ତା' ନାକରେ ଏବଂ ତା' ସମଗ୍ର ସତ୍ତାକୁ ଉଦ୍‌ବେଳିତ କରିପକାଉଥିଲା। ସେ ଆଉ ଗୋଟିଏ ସ୍ଥାନରେ ଠିଆ ହେବା ଅବସ୍ଥାରେ ନଥିଲା। ପବନର ଅନୁକୂଳରେ ନଦୀବକ୍ଷରେ, ଅତି ସ୍ୱଚ୍ଛନ୍ଦ ଭାବରେ ଭାସି ଯାଉଥିବା ଏକ ନିରାପଦ ନୌକା ପରି ସେ ଧୀରେ ଧୀରେ ଭାସିଯାଉଥିଲା।

ସଂଧ୍ୟା ହୋଇ ସାରିଥିଲା ସେତେବେଳକୁ।

ପତିତପାବନ ନର୍ସିଂହୋମ୍‌ର ପାଦଦେଶରେ ପହଞ୍ଚିବା ପରେ ସମ୍ପୂର୍ଣ୍ଣ ପ୍ରକୃତିସ୍ଥ ହେଲା ଚକ୍ରଧର। ପାହାଚ ଦେଇ ଏକରକମ ଧାଇଁଗଲା ଉପରକୁ। ଚମ୍ପା ପ୍ରଥମେ ଚିହ୍ନି ପାରିଲା ନାଇଁ ତାକୁ।

"ଇୟେ କି ଭେକ? କ'ଣ ହେଇଚି ତମର? ବାଟରେ ଅଘଟଣ କିଛି ଘଟିଲା କି? ଟଙ୍କା ଯୋଗାଡ଼ ହୋଇପାରିଲାନି କି?"

ଚମ୍ପାର କୌଣସି ପ୍ରଶ୍ନର ଉତ୍ତର ଦେଲାନାଇଁ ଚକ୍ରଧର। ଚୁପ୍‌ଚାପ୍ ପୁଣି ଓହ୍ଲାଇଗଲା ତଳକୁ। କାହାକୁ କିଛି କହିଲାନି! ଠିଆହେଲା ଯାଇ ଟଙ୍କା ଜମା କାଉଣ୍ଟର୍ ପାଖରେ।

ତା'ହାତକୁ ନୋଟ୍ ବିଡାଯିକୁ ନେଇ ଦୁଇଥର ଗଣିସାରିବା ପରେ ନର୍ସଟିର ମୁହଁ ଉଜ୍ଜ୍ୱଳ ଦିଶିଲା। କହିଲା- "ଠିକ୍ ଅଛି। ମୁଁ ଡାକ୍ତରଙ୍କୁ ଏ ବିଷୟ ଜଣାଇଦେଉଛି!"

ଯେପରି ଯାଇଥିଲା, ସେହିପରି ଚୁପ୍‌ଚାପ୍ ନିଜ କେବିନ୍‌କୁ ଫେରିଆସିଲା ଚକ୍ରଧର। କାହା ସାଙ୍ଗରେ ତା'ର କିଛି କଥାବାର୍ତ୍ତା କରିବାକୁ ସାମାନ୍ୟତମ ଇଚ୍ଛା କି ଆଗ୍ରହ ନଥିଲା। ଏପରିକି ଚମ୍ପା ସହିତ ବି।

ସତେଯେପରି ଏକ ଭିନ୍ନ ମଣିଷ ପାଲଟି ଯାଇଥିଲା ସେ!

ତା'ପରଦିନ ଠିକ୍ ସମୟରେ ଆସି ପହଞ୍ଚିଗଲେ ଡାକ୍ତର ତ୍ରିପାଠୀ। ପରମ ଆତ୍ମୀୟଙ୍କ ପରି ପୁଅର ସ୍ୱାସ୍ଥ୍ୟ ପରୀକ୍ଷା କଲେ, ଅପରେସନ ହୋଇଥିବା ପେଟକୁ ଦେଖିଲେ ଏବଂ ତାଙ୍କ ପଛେ ପଛେ ଧାଉଁଥିବା ନର୍ସ ଦୁଇଜଣଙ୍କୁ ଆଦେଶ ଦେଲେ- "ଆଠଟା ବେଳକୁ ପିଲାକୁ ଓ.ଟି ଭିତରକୁ ନେବ। ଷ୍ଟିଚ୍ ଖୋଲା ହେ।"

ଠିକ୍ ଆଠଟାବେଳେ ପୁଅ ପେଟର ସିଲେଇ ଖୋଲାହେଲା। ଘା' ପୂରା ଶୁଖିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ଦିନ ସାଢ଼େ ବାରଟା ବେଳକୁ ସେମାନଙ୍କୁ ଡିସ୍‌ଚାର୍ଜ କରିଦିଆଗଲା।

ନର୍ସିଂହୋମ୍‌ର ସମସ୍ତ ଦେୟ ପରିଶୋଧ କରିସାରିବା ପରେ ଚକ୍ରଧରକୁ ଏକ ନୂତନ ଅବବୋଧର ପବିତ୍ର ସରୋବରରେ ଅବଗାହନ କରି ଆସିଥିବା ପରି ଲାଗୁଥିଲା। ଚାରିଆଡେ ତାକୁ ରଙ୍ଗୀନ୍ ରଙ୍ଗୀନ୍ ଲାଗୁଥିଲା। କାହା ବିରୁଦ୍ଧରେ ତା'ର ଆଉ ରାଗ କି ଅଭିଯୋଗ ନଥିଲା। ସଚରାଚର ଏ ବିଶ୍ୱବ୍ରହ୍ମାଣ୍ଡକୁ ଜୀବନରେ ପ୍ରଥମଥର ପାଇଁ ସେ ଦେଖୁଥିଲା ନୂଆ ରୂପରେ, ନୂଆ ବାଗରେ, ନୂଆ ଢଙ୍ଗରେ! ସବୁ ଲାଗୁଥିଲା ଅଲଗା, ତା'ପରିଚିତ ଦୁଃଖ ଓ ଦୈନ୍ୟର ପୃଥିବୀଠାରୁ ସମ୍ପୂର୍ଣ୍ଣ ଅଲଗା।

ଚକ୍ରଧର କାନ୍ଧେଇଲା ପୁଅକୁ। ଚମ୍ପା ହାତରେ ଥିଲା ଦୁଇଟି ବ୍ୟାଗ୍। ଆଗେ ଆଗେ ଚକ୍ରଧର, ପଛେ ପଛେ ଚମ୍ପା। ସେମାନେ ଚାଲିଥିଲେ ଏକ ନୂତନ ସୂର୍ଯ୍ୟୋଦୟର ସ୍ନିଗ୍ଧ ସକାଳରେ। ସାରା ପୃଥ୍ୱୀରେ ବିଛେଇ ହୋଇ ପଡିଥିଲା ସୂର୍ଯ୍ୟଙ୍କ ପ୍ରତ୍ୟୟ ପରିପୂର୍ଣ୍ଣ କିରଣ। ସେଇ ସୁନେଲି କିରଣର ମନଲୋଭା ଜୁଆରରେ ଗାଧୋଇ ପଡିଥିଲେ ସମସ୍ତ ଜୀବଜଗତ।

ନିଜ ନିଜ ଧନ୍ଦାରେ ଯିଏ ଜୁଆଡେ ଧାଉଁଥିବା କାର୍ଯ୍ୟବ୍ୟସ୍ତ ମଣିଷମାନେ ଲାଗୁଥିଲେ ଖୁବ୍ ଅନ୍ତରଙ୍ଗ, ଖୁବ୍ ଆପଣାର। ଓମ୍‌ଫେଡ୍ ଦୋକାନ ପାଖ କୃଷ୍ଣଚୂଡ଼ା ଗଛ ଡାଳରେ ବସିଥିଲେ ଧୋବ ଫର ଫର ଯୋଡେ ପାରା। ଖୁମ୍ପାଖୁମ୍ପି ହୋଇ ନିଜ ନିଜର ଶ୍ରଦ୍ଧାଭାବ ପ୍ରକଟ କରୁଥିଲେ। ରାସ୍ତାକଡରେ ମା' କୁକୁରଟିଏ ଉଦାରଭାବେ ଗୋଡ ଲମ୍ବେଇ ଶୋଇ ପଡିଥିଲା ଏବଂ କୁନି କୁନି ଚାରି-ଛ'ଟି ଛୁଆଙ୍କୁ ପରଶି ଦେଉଥିଲା ଅମୃତ। ବରା ଦୋକାନୀଟି ଖୁବ୍ ଆଦର ଓ ଯତ୍ନର ସହିତ ଗରାଖମାନଙ୍କ ଆଡକୁ ବଢ଼ାଇ ଦେଉଥିଲା ବରା ଓ ଗୁଗୁନି, ପରମ ଆତ୍ମୀୟଙ୍କ ପରି। ଘର ତିଆରି କାମ ଚାଲିଥିଲା ଜୋରସୋରରେ। ପାଖ ପଡ଼ିଆରେ ଆଠ/ଦଶଟି ଗାଈଙ୍କ ଗହଣରେ ମୁରବୀ ଷଣ୍ଢଟି ଶାନ୍ତଭାବେ ଶୋଇ ଶୋଇ ପାକୁଳି କରୁଥିଲା।

ଜୀବନ ପ୍ରବାହର ଅଫୁରନ୍ତ ସ୍ରୋତ ଲାଗି ରହିଥିଲା ଚିରନ୍ତନ ଭାବରେ।

ସେଇ ସ୍ରୋତ ଭିତରେ, ଅଗଣିତ ମଣିଷମାନଙ୍କ ଗହଣରେ ଚକ୍ରଧର ନିଜ ଛୋଟ ସଂସାରକୁ ଧରି ଚାଲିଥିଲା ଏକ ନୂତନ ପଥର କ୍ଳାନ୍ତିହୀନ ପଥିକଟିଏ ପରି। ଏକ ନୂଆ ଦୁନିଆର ଏକ ମାତ୍ର ଅଧିବାସୀ ପରି।

ରେଳଷ୍ଟେସନର ହୋହଲ୍ଲା, ଠେଲାପେଲା ଭିତରେ ଟିକିପୁଅ ଚନ୍ଦର ମୁହଁ ଦେଖାଯାଉଥିଲା ସକାଳର ସତେଜ ମଲ୍ଲିଫୁଲ ପରି କୋମଳ ଓ ସୁନ୍ଦର। ଯନ୍ତ୍ରଣାର ଚିହ୍ନବର୍ଣ୍ଣ ନଥିବା ସେଇ ଟିକି ମୁହଁଟି ସଂସାର ଓ ଜୀବନ ପାଇଁ ବୋହି ଆଣୁଥିଲା ରାଶି ରାଶି ମମତା, ଆଞ୍ଜୁଳା ଆଞ୍ଜୁଳା ଭଲ ପାଇବା। ସତେକି ସେ ବାପା ମା' ପରିବେଷ୍ଟିତ ହୋଇ ଯାଉଛି ଏକ ଯାତ୍ରା ଦେଖିବାକୁ! ମା' କୋଳରେ ବସି, ଟ୍ରେନ୍‌ର ଝରକାବାଟେ ସେ ଚାହିଁ ରହିଥିଲା ବାହାରକୁ। ତା' ମୁହଁରୁ ଝରିପଡୁଥିଲା ଅବର୍ଣ୍ଣନୀୟ ଏକ ପ୍ରଫୁଲ୍ଲତା।

ଏଥର ସେ ସ୍କୁଲକୁ ଗଲେ ତା' ସାଙ୍ଗ ସାଥୀମାନଙ୍କୁ ନିଶ୍ଚୟ କହିବ- "ଆରେ ବାପ୍‌ରେ, ରେଳଗାଡ଼ି କେତେ ବଡ଼! କେତେ ଲମ୍ବା... କେତେ ଜୋର୍‌ରେ ଚାଲେ... କେତେ ଜୋର୍‌ରେ ହ୍ୱିସିଲ୍ ମାରେ... କେତେ ଜୋର୍‌ରେ ଭସ୍ ଭସ୍ ଧୂଆଁ ଛାଡେ...।

ଚମ୍ପା ମୁହଁରେ ଥିଲା ଅଗଣିତ ଚମ୍ପା ଫୁଲର ସତେଜତା...

ଚକ୍ରଧର ଥରେ ଚାହୁଁଥିଲା ପୁଅ ମୁହଁକୁ ତ ଥରେ ସ୍ତ୍ରୀ ମୁହଁକୁ। ସେମାନଙ୍କ ମୁହଁର ଅନନ୍ୟ ବିଭୋରପଣ ସଂପ୍ରସାରିତ ହୋଇଯାଉଥିଲା ତା' ମୁହଁକୁ।

'ପରଜଙ୍ଗ ଷ୍ଟେସନ୍‌ରେ ଟ୍ରେନ୍ ପହଞ୍ଚୁ ପହଞ୍ଚୁ ବୋଧେ ଦିନ ଚାରିଟା ବାଜିଯିବ!' - ଚକ୍ରଧର ଭାବିଲା ଏବଂ ବୋଧହୁଏ ଗୋଟାଏ ଯୁଗ ହେବ ଶୋଇ ନଥିବା ପରି ଦୁଇଆଖିକୁ ବନ୍ଦ କରିଦେଲା ପରମ ଶାନ୍ତିରେ।

କୁନାବାପାଙ୍କ କୁନିକଥା (୧୮)



ନବରାତ୍ର, ଦଶହରା, ଦୁର୍ଗାପୂଜା ଯାହାବି କହିଲେ ସେଇ ଏକାକଥା। ଦେବୀଙ୍କ ପୂଜା, ନାରୀର ବୈପ୍ଳବିକ ଶକ୍ତିର ଆରାଧନା, ଆଉ ଶକ୍ତି ସ୍ୱରୂପାଙ୍କ ଗୁଣଗାନ କରି ତାଙ୍କର ଆଶୀର୍ବାଦ ଭିକ୍ଷା। ହେଲେ, ଏବେ ଆଉ ସେ ପରିସ୍ଥିତି ନାହିଁ ବୋଲି କୁନାବାପାଙ୍କ ମନରେ ସର୍ବଦା କ୍ଷୋଭଥାଏ। ଆଉ ତାଙ୍କ କ୍ଷୋଭକୁ ବାରମ୍ବାର କିଛି ଘଟଣା ବଢ଼ାଏ ସିନା ପ୍ରସମନର ନାଁ ବି ନିଏନି। ଏଇଗଲା ରବିବାର କଥା ଦେଖୁନାହାନ୍ତି। ରାଜ୍ୟ ସରକାରରେ ଥିବା ଦଳ, କେନ୍ଦ୍ର ସରକାରରେ ଥିବା ଦଳ ଉପରେ ପେଟ୍ରୋଲ ଓ ଡିଜେଲର ଦାମ କମ୍ କରିବାକୁ ଚାପ୍ ପ୍ରୟୋଗ କରିବା ପାଇଁ ହରତାଳ କଲେ। ସକାଳୁ ସକାଳୁ ସବୁ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାର ନିର୍ଦ୍ଦେଶ ଦେଲେ ସରକାର। ହେଲେ ଅନ୍ୟସବୁ ସଂସ୍ଥାର କଥା କିଏ ବୁଝିବ? କେବଳ କ'ଣ ବିଦ୍ୟାଳୟ ବନ୍ଦ ରହିଲେ ଲୋକ ନିଜଘରୁ ବାହାରିବା ବନ୍ଦ କରିଦେବେ?

ସେଇ ହରତାଳ ଦିନ ସକାଳର ଘଟଣା। କୁନାବାପା ସକାଳୁ ଗାଧୋଇ ସୂର୍ଯ୍ୟାର୍ଘ୍ୟ ଦେଉଥିଲେ ଅଗଣାରେ। କୁନାକୁ ସ୍କୁଲକୁ ନେଇ, ଫେରେଇ ଆଣିଲେ କୁନାକକା, ସ୍କୁଲ ବନ୍ଦ। ଆଉ ସେତିକିବେଳେ ଦାଣ୍ଡ ଲୁହାଗେଟ ଦେଇ ଭିତରକୁ ପଶିଲେ କୁନାର ସାନକାକାଙ୍କ ଜଣେ କ୍ଲାସମେଣ୍ଟ। ସେ ଏବେ ଏକ ବେସରକାରୀ ବ୍ୟାଙ୍କରେ ରାଜଧାନୀଠୁ ଅଳ୍ପଦୂର ଏକ ଶାଖାରେ ନୂଆ ଜଏନ କରିଛନ୍ତି। ଘରକୁ ଆସି ସମସ୍ତଙ୍କୁ ପ୍ରଣାମ କରି, ସ୍କୁଟି ଚାବିଟା ମାଗିଲେ। ତାଙ୍କ ସ୍କୁଟିରେ ତେଲନାହିଁ, ଆଉ ଆଜି ଟାଙ୍କି ବନ୍ଦ। ତେବେ ସ୍କୁଟିନେଇ ମଧ ବେଶୀବାଟ ନଯାଇ ଫେରି ଆସିଲେ, ଆଉ ତାଙ୍କ ବ୍ରାଞ୍ଚ ମ୍ୟାନେଜରଙ୍କଠୁ ଦିନଟିଏ ଛୁଟିନେଲେ। ସବୁ ଛକରେ ଭଙ୍ଗାରୁଜା, ଗାଡି ଅଟକ, ଏମିତିକି ଆମ୍ବୁଲାନ୍ସ ଓ ରୋଗୀଙ୍କୁ ନେଉଥିବା ସମ୍ପର୍କୀୟଙ୍କ କାର ଉପରେ ବି ଆକ୍ରମଣ। ସୋସିଆଲ ମିଡିଆରେ ଭାଇରାଲ କିଛି ଭିଡିଓରୁ ଜଣାପଡୁଥାଏ, କେହିବି ନିସ୍ତାର ପାଉନାହାନ୍ତି। ବଡ ଦୁଃଖଦାୟକ ପରିସ୍ଥିତିରେ, ଜଣେ ରାସ୍ତାରେ ବସି ଗାଡି ଭାଙ୍ଗିଲାବାଲା ପଇସା ଦେବେ ନା ସରକାର ଗାଡି ଠିକ୍ କରିବେ'ର ବିଶାଳ ପ୍ରଶ୍ନ ଉଠାଉଥିଲେ। ଜଣେ କର୍କଟ ପୀଡିତ ଶ୍ୱଶୁରଙ୍କୁ ଡାକ୍ତରଙ୍କ ପାଖକୁ ନେଇ ଯାଉଥିବା ବୋହୂର ଗାଡିଟି ଭାଙ୍ଗିବା ଉପରେ ସମସ୍ତଙ୍କ କୋହ ଉଠିଥିବା ନିଶ୍ଚୟ। ସବୁଠୁ ବୀରତ୍ୱର ନିଦର୍ଶନ ଦେଖେଇଥିବା ଜଣେ ଝିଅର ସାହସିକତାକୁ ପ୍ରଣାମ ଜଣେଇଲେ କୁନାବାପା। ଯିଏ ତା' ଗୁଡିକୁ ରୋକୁଥିବା ସତ୍ତ୍ୱେ ବିଭିନ୍ନ ଗାଳି ତଥା ଗାଡିକୁ ହେଉଥିବା ଆଘାତକୁ ଭୃକ୍ଷେପ ନକରି, ଆଗେଇଗଲେ ଜଳୁଥିବା ଟାୟାର ମଝିରେ ନିଜର ଗନ୍ତବ୍ୟ ସ୍ଥଳକୁ। ଲାଗିଲା ଦୂର୍ଗା ଆବାହନ ସମୟ ଉପନୀତ।

ସବୁଦିଗରୁ ଖବର ଦେଖି ଶୁଣି ସଂଧ୍ୟାରେ ଚା'କପ ସହ ପ୍ରଶ୍ନଟିଏ ଥୋଇଲେ କୁନାବୋଉ। ପଚାରିଲେ, ଏଇ ଯୋଉ କେନ୍ଦ୍ର ଓ ରାଜ୍ୟ ସରକାର ସମର୍ଥନ ଲୋଡିଲା ବେଳେ ପରସ୍ପରକୁ ଗୋଟିଏ ମାତ୍ର ଫୋନରେ କାମ ଚଳିଯାଏ, ଆଉ ଜାତୀୟ ସମସ୍ୟା ବେଳକୁ ହରତାଳ କାହିଁକି? ଆଉ ଏଇ ହରତାଳରେ ହିଂସାକୁ କାହିଁକି ପ୍ରସୟ ଦିଆଯାଉଛି ଏବଂ କିଛି ମୁଷ୍ଟିମେୟ ଅସାଧୁ ଲୋକଙ୍କର ଲଙ୍କାକାଣ୍ଡକୁ ଜନ ଆକ୍ରୋଶ ବୋଲି ଅଭିହିତ କରାଯାଉଛି। କୁନାବାପା ଟିକେ ଗମ୍ଭୀର ହେଇ ଉତ୍ତରରେ କହିଲେ, ଏଇତ ହେଉଛି ସଦ୍ୟ ରାଜନୀତିର ବିଶେଷତ୍ୱ, ଏଠି ହାତୀ ଗଳିଯିବ, ପିମ୍ପୁଡିକୁ ଯିବାକୁ ବାଟନାହିଁ। ସବୁ ସମସ୍ୟା ତଥା ସମସ୍ୟାର ସମାଧାନ ବି ଜାଣନ୍ତି, କିନ୍ତୁ ନଖରେ ଛିଣ୍ଡୁଥିବା କାମ ପାଇଁ କ୍ରେନ୍ ଓ ଡ୍ରୋଜର ବି ଲାଗେ। ଏଇ ଦେଖୁନା ଯେଉଁ ଦେବୀଙ୍କ ଆବାହନ ପାଇଁ ପୂଜା ପ୍ରସ୍ତୁତି ବୈଠକ ହେବାବେଳେ ସେଇ ଦେବୀଙ୍କ ସ୍ୱରୂପ ନାରୀମାନଙ୍କୁ ଅସଦାଚରଣ କରୁଛନ୍ତି। ଦେବୀଙ୍କୁ ଆବାହନର ବେଳରେ ନାରୀଟିଏ ଜନ୍ମହେବା ପୂର୍ବରୁ ଓ ମରିବା ପର୍ଯ୍ୟନ୍ତ ଅବହେଳା ତ କେଉଁଠି ନିର୍ଯାତନା ସହୁଛି। ହେଲେ ଆଜି ସେଇ ଝିଅଟିକୁ ହରତାଳକାରୀଙ୍କ ବିରୋଧ ଓ ଜଳୁଥିବା ଟାୟାର ତାତିକୁ ଚିରି ଅମାନୁଷିକ କାର୍ଯ୍ୟର ବିରୋଧରେ ଯେଉଁ ପ୍ରତିବାଦର ସ୍ୱରସହ ନିଜ ଲକ୍ଷ୍ୟସ୍ଥଳକୁ ଆଗେଇଗଲା, ଲାଗିଲା, ଦେବୀ ଆସୁଛନ୍ତି। ଧରାରେ ତାଙ୍କର ଆଗମନର ବେଳ ସମୀପ। ସତେ ଯେମିତି ସାଧାରଣ ଜନତାଙ୍କ ଆର୍ତ୍ତ ଚିତ୍କାର ଶୁଣି ଓହ୍ଲେଇ ଆସିବାକୁ ମା' ସଜବାଜ ହେଲେଣି, ହଁ, ଏଇତ' ବିଜୟା ଦଶମୀ ପାଖେଇଲାଣି।' ସର୍ବେ ଭବନ୍ତୁ ସୁଖୀନଃ।

- ଶାରଦା ପ୍ରସାଦ ମହାପାତ୍ର
ଦୂରଭାଷ : ୯୭୭୮୭୬୭୩୭୪

ଅକୁହା କଥା

ଆର୍ତ୍ତବନ୍ଧୁ ଦାସ

ମଣିଷ ସାମାଜିକ ପ୍ରାଣୀ ହିସାବରେ ଦଳଗତ ସଂଘବଦ୍ଧ ମିଳିମିଶି ଏକତ୍ରିତ ହୋଇ ରହିବାରେ ସୁଖ ପାଇଥାଏ ବୋଲି କାହିଁ କେଉଁ ପୁରା କାଳରୁ ଆମ ପୁଣ୍ୟଭୂମି ଭାରତରେ ଚିରାଚରିତ ଭାବେ ଚଳି ଆସୁଛି। ମାତ୍ର ଗୋଟିଏ ମା'ଠୁ ଜନ୍ମ ହୋଇ ଭାଇ ଭାଇ ମଧ୍ୟରେ ଯେଉଁସବୁ ଅଘଟଣ କଳହ ନାନା ହିଂସାତ୍ମକ ଘଟଣାମାନ ଘଟୁଛି। ସେ ସମ୍ପର୍କେ ସମସ୍ତଙ୍କର ଅଳ୍ପେ ବହୁତେ ତିକ୍ତ ଅନୁଭୂତି ନିଶ୍ଚୟ ଅଛି। ଆଲୋଚନା ପର୍ଯ୍ୟାଲୋଚନା ନିଃସୃତ କେତେକ ସ୍ଥାନ କାଳାନୁଯାୟୀ ନାନା ଉଦାହରଣ ଅବତାରଣା କରିବା ବାହୁଲ୍ୟ ମାତ୍ର କାହିଁକି ନା ପ୍ରତ୍ୟେକ ଜାତିଧର୍ମ ବର୍ଣ୍ଣରେ ଦୁଃଖଦାୟକ ଏମିତି କେହି ନାହାନ୍ତି, ଯାହାଙ୍କ ଜୀବନ କାଳରେ ଏପରି ଅବର୍ଣ୍ଣନୀୟ, ତୁଚ୍ଛ, ହୀନ ଘଟଣା ଘଟିଛି।

ପୌରାଣିକ ଐତିହାସିକ ଏଇ ଧରଣର ନାନା ଉପାଖ୍ୟାନ ଆଖ୍ୟାୟିକା ଦୃଷ୍ଟିଗୋଚର ହୋଇ ଆସୁଛି ଏବଂ ସେ ସମ୍ବନ୍ଧେ ଅତି ନିଗୁଢ଼ଭାବେ ବିଶ୍ଳେଷଣ କଲେ ପ୍ରାୟତଃ ଏକ ମାଆ ପେଟରୁ ଜନ୍ମ ହୋଇଥିବା ଭାଇ ଭାଇ ମଧ୍ୟରେ ଏପରି ଉଦାହରଣ ମିଳେ ମାତ୍ର ଭଉଣୀ ଭଉଣୀ କିମ୍ବା ଭାଇ ଭଉଣୀ କ୍ଷେତ୍ରରେ କାହିଁ କେଉଁଠି ସେମିତି କିଛି ଯେମିତିକି ଭାଇ ଭାଇ ମଧ୍ୟରେ ହେଉଛି। ଅନ୍ୟ କେଉଁଠି କି କାହା ସହିତ ଏମିତି ଘଟୁ ନାହିଁ। ଏ ଦୁନିଆ ବେଇମାନ ନୁହେଁ କିନ୍ତୁ ସଂସାରୀ ସ୍ୱାର୍ଥୀ ଅବିବେକୀ ଲୋକ ନିଜର ଭୁଲ ଭଟକା ଦୋଷ ଦୁର୍ବଳତାକୁ ଲୁଚାଇବାକୁ ନିଜକୁ ସୁହାଇଲା ପରି ଅନ୍ୟ ଆଗରେ ଅକଳଙ୍କ ସ୍ୱଚ୍ଛ ସ୍ୱଚ୍ଛତାକୁ ପ୍ରକାଶିତ କରିବା ପାଇଁ ନାନାମତେ ଚେଷ୍ଟିତ କ'ଣ ନା ସଂସାରଟା ବେଇମାନ।

ପ୍ରାୟ ଅନେକାଂଶରେ ଏହି କ୍ଷେତ୍ରରେ ଏ କଥାରେ ନିଶ୍ଚୟ ସହମତ ହେବେ ଯେ ବଡ଼ ଭାଇର ପୁଅ ହୋଇ ଜନ୍ମିବା- ଏକ ଅଭିଶାପ ଏବଂ ବାପା ମାଆଙ୍କର ବଡ଼ଝିଅ ହୋଇ ଜନ୍ମିବା ଏକ ପ୍ରକାର ଆଶିର୍ବାଦର ଫଳ ସ୍ୱରୂପ। ଭାରତୀୟ ସଂସ୍କୃତି ପରମ୍ପରା ଅନୁଯାୟୀ ଏ ସମାଜର ତଥା କଥିତ ଅହଂକାରୀ ସ୍ୱାଭିମାନୀ ମଣିଷ ଯେତେ ବେଳେ ପ୍ରଥମ କରି ଝିଅ ବିଭା ଦେଇ ବନ୍ଧୁ ସୃଷ୍ଟି କରିବାକୁ ଯାଏ ସେ ସେତେବେଳେ ପାରିପାର୍ଶ୍ୱିକ ଅବସ୍ଥା ତଥା ନିଜର ପଦମର୍ଯ୍ୟାଦା କିପରି କ'ଣ କଲେ କ୍ଷୁର୍ଣ୍ଣ ନହୋଇ ଉତ୍ତରୋତ୍ତର ବୃଦ୍ଧି ଘଟିବ ଯଦ୍ଦ୍ୱାରା ଲୋକ ସକଳ ବାହାବାହା କରିବେ। ଏଣୁ ସେ ନିଜ ଶକ୍ତିଠୁ ଅଧିକ ଉପଯୋଗ କରିବାକୁ ପଛେଇବେ ନାହିଁ। ମନ ମିଂଜାସ ନିଶ୍ଚୟ ଖୁସି ହେବ ଅଥଚ ତା ପରେ ଯେଉଁ ଝିଅର ବାହାଘର ସମ୍ପର୍କେ କୌଣସି ନା କୌଣସି କ୍ଷେତ୍ରରେ ଯେମିତିବି ହେଉ କିଛି ନା କିଛି ତୃଟି ରହିବ ହିଁ ରହିବ। ଯଥା- ଜାନି ଯୌତୁକ, ଦେବା ନେବା ବନ୍ଧୁ ମର୍ଯ୍ୟାଦାଠୁ ଏପରିକି ଭୋଜି ଭାତରେ ବି। ବଡ଼ ଝିଅ ବିଭାଘରରେ ବି ଯେଉଁ ତୁଲ୍ୟ ଆନନ୍ଦ ଉଲ୍ଲାସ କି ନିଷ୍ଠା ଏକାଗ୍ରତା ତଥା ସଚେତନତା ପ୍ରତ୍ୟେକଙ୍କ ଅନ୍ତରରେ ଥାଏ, ତାପର ଝିଅ ବିଭାଘରରେ ସେମିତି ମନୋଭାବ ଆଉ ରହେନାହିଁ। ଏଥିପାଇଁ ଆର୍ଥିକ ଉନ୍ନତି ଅବନ୍ନତି ସାମାଜିକ ସ୍ଥିତି ସମ୍ପୂର୍ଣ୍ଣ ଦାୟୀ। ଦୃଷ୍ଟିଭଙ୍ଗୀ ବଦଳି ଯିବା ସଙ୍ଗେ ପୂର୍ବେ ଅର୍ଜି ଥିବା ଅନୁଭୂତି ତ ପୁଣି କିଛି ନା କିଛି ଶିକ୍ଷା ଦେଇଥାଏ। ବଡ଼ ଝିଅ କ୍ୱାଇଁ ବି ପ୍ରଥମେ ପ୍ରଥମେ ନାତି ନାତୁଣୀଙ୍କ ଯେଉଁ ସ୍ନେହ ସମତା ଆକର୍ଷଣ ଆସେ ଆସିବା ବି ସ୍ୱାଭାବିକ, ତା'ର କ୍ଷେତ୍ରରେ ସେଥିରେ କମି ଜଣାପଡ଼େ। ଆମ ବନ୍ଧୁପ୍ରତି ଆଦର ଶ୍ରଦ୍ଧା ସମ୍ମାନ ଯେମିତି? ସେମିତି କ'ଣ ପରେ ସୃଷ୍ଟ ବନ୍ଧୁଙ୍କ ପ୍ରତି ହୋଇଥାଏ କି? ଉନ୍ନତି ଘଟିଥିଲେ ଉନ୍ନତ ମାନର ପ୍ରଦର୍ଶନ ନତୁବା ଅବନ୍ନତି ଘଟିଥିଲେ ହିନ ମାନ୍ୟତାର ପ୍ରଦର୍ଶନ। ନିଜ କ୍ଷେତ୍ରରେ ସିନା ଯାହା କିଛି ପରିବର୍ତ୍ତନ ଘଟେ କିନ୍ତୁ ଏ ମଣିଷ କହି ବୁଲୁ ଥାଏ କି ସଂସାର ବଦଳିଲା ଯୁଗ ବଦଳିଲା, ସଂସ୍କୃତି, ସଂସ୍କାର ପରମ୍ପରା ବଦଳି ଯାଉଛି କିନ୍ତୁ ପ୍ରକୃତ ପକ୍ଷେ ଏହା କେତେ ଦୂର ସତ୍ୟ?

ଆର୍ଯ୍ୟଭୂମି ପୁଣ୍ୟ ଭାରତ ବର୍ଷରେ ତ ଅଧୁନା ଏ ସମୟ ଏକାନ୍ନବର୍ତ୍ତି ଯୌଥ ପରିବାର କହିଲେ ପ୍ରାୟ ସମସ୍ତେ ହତଚକିତ ହେବେ କାହିଁକି ନା ବଡ଼ ପରିବାର କେଉଁଠି ବି ଦୃଷ୍ଟି ଗୋଚର ହେଉନାହିଁ। ପରିବାର ଏବେ ଏତେ ସଂକୀର୍ଣ୍ଣ ସେ କଥା କିଏ ନ ଜାଣେ? ତେଣୁ ସ୍ନେହ ଶ୍ରଦ୍ଧା, ମୋ. ମାୟା, ମମତା କଥାକୁ କେହି ମାପ କାଠିରେ ମାପିବା ହେଉଛି। ବଡ଼ ପୁଅ ହୋଇ ଜନ୍ମ ହେବା ଅଭିଶପ୍ତ ବୋଲି କିଏ କାହିଁକି କେମିତି ବା ଅସହମତ ହେବ? ବଡ଼ ଯୌଥ ପରିବାର ଯେମିତି ସଂସାରରୁ ନିଶ୍ଚିହ୍ନ ହେବାକୁ ବସିଲାଣି ସେମିତି ସ୍ନେହ, ଶ୍ରଦ୍ଧା,ପ୍ରେମ ମମତା ସ୍ୱପ୍ନ ହୋଇ ଗଲାଣି। ବାପାଙ୍କର ବଡ଼ ପୁଅ ହୋଇ ଜନ୍ମ ହେଲେ ତ ପ୍ରଥମେ ଭଲ ସ୍ନେହ ମମତାରେ ବଢିବ ସତ, କିନ୍ତୁ ପରେ ପରେ ପ୍ରାୟ ପ୍ରତ୍ୟେକଙ୍କୁ ଅନୁଶୋଚନା କରିବାକୁ ପଡୁଛି। ତାହା କେମିତି? ଯଥା- କୁଳ ରତନ ବଡ଼ପୁଅ, ସଂସାରର ହାବ ଭାବ ଚଳନି ଦେଖି, ଆଉ ସେ ଯେଉଁ ସ୍ନେହ ମମତା ପାଇ ବଢିଛି ତାକୁ ଅବଲୋକନ ପୂର୍ବକ ନିଜର ଗୌରବ କୁଳ ଗୋତ୍ର ଯଶ ପୌରୁଷକୁ ଆଖି ଆଗରେ ରଖି ଅନୁଜଙ୍କର ଦାୟିତ୍ୱ ସମ୍ପର୍ଣ୍ଣ କରିବାକୁ ଇଚ୍ଛା ନହେଉଥିଲେ ବି ସମାଜର ନିତି କ୍ରାନ୍ତି ପରମ୍ପରା ଏମିତିବି ନିଜର ବୁଦ୍ଧି କେବଳ ବିଚାର ବଳରେ ପ୍ରାୟ କୌଣସି ବଡ଼ ଭାଇ ନିଜ ସାନ ଭାଇ ପ୍ରତି କୌଣସି ଅବହେଳା କି ଅନ୍ୟାୟ ପ୍ରଦର୍ଶନର ପ୍ରମାଣ କାହିଁ କେଉଁଠି ବି ଦୃଷ୍ଟ ଗୋଚର ହେବାର ନଜିର ନାହିଁ। ବଡ଼ଭାଇ ହିସାବରେ ସାନ ଭାଇ ପ୍ରତି ଅହେତୁକ ସ୍ନେହ କୃପା ପ୍ରଦର୍ଶନ କରିବା ସବୁଠି ହିଁ ବିଦ୍ୟମାନ। ଏମିତିକି ବଡ଼ ଭାଇମାନେ ନିଜ ଅସହ୍ୟ ଦୁଃଖ ଯନ୍ତ୍ରଣାରେ ସମ୍ମୁଖୀନ ହୋଇ ମଧ ସାନଭାଇ ସୁଖ ସ୍ୱାଚ୍ଛନ୍ୟ ତଥା ଭବିଷ୍ୟତ ଚିନ୍ତା ଖୁବ ଭଲଭାବରେ ସମ୍ପାଦନ କରିଥାନ୍ତି। ଆଉ ଏମିତିବି ଅନେକାଂଶରେ ସାନଭାଇକୁ ବି ପୁଅ ପରି ପାଳନ କରିବାର ସମାଜରେ ଅନେକ ନଜିର ରହିଛି।

ସୁଖ, ଦୁଃଖ କ୍ଷେତ୍ରରେ ହେଉ କିମ୍ବା ସାମାଜିକ ଚଳଣିର ଦ୍ୱାହିରେ କେହି କେହି ବଡ଼ ଭାଇ ସାନଭାଇର ମନ୍ଦ କୃତ୍ୟ ପାଇଁ ସାନ ଭାଇର ଦଣ୍ଡକୁ ଆପଣା ମୁଣ୍ଡକୁ ନେବାର କେତେ କ'ଣ ପ୍ରମାଣ ଖୋଜିଲେ ମିଳିବ।

ସଂସାରରୁ ଭାତୃପ୍ରେମ ସମ୍ପୂର୍ଣ୍ଣ ଧ୍ୱସ୍ତ ବିଧ୍ୱସ୍ତ। ପ୍ରାୟତଃ ସ୍ୱପ୍ନ କହିଲେ ଅତ୍ୟୁକ୍ତି ହେବନି। ବଡ଼ ଭାଇ ବିଭା ହୋଇ ସ୍ତ୍ରୀ ଆଣି ସ୍ତ୍ରୀକୁ ସେ ଯେମିତି ଠିକ୍ ସେମିତି ଡାଞ୍ଚାରେ ଗଢି ତୋଳେ ସିନା ହେଲେ ଦିଅର ଭାଉଜ ସମ୍ପର୍କକୁ ନିବିଡ଼ତ୍ତର ମଧୁର ଭାବରେ ମାତ୍ର ସେଇ (ସାନଭାଇ) ଦିଅର ବିଭା ହୋଇ ସ୍ତ୍ରୀ ଆଣିଲା ପରେ ପୂର୍ବ ସ୍ଥିତି ସବୁ ଫସର ଫାଟିଯାଏ। ସେତେବେଳେ ସେ ସାନ ଭାଇର ଦାମ୍ପତ୍ୟ କିପରି ସୁଖମୟ ହେଉ ଏହି ଚିନ୍ତାରେ ଥିବା ବେଳେ କୌଣସି ନା କୌଣସି କାରଣରୁ ସାନ ଭାଇ ପକ୍ଷରୁ ବିପରିତ ଘଟେ।

ରଷି ମହାତ୍ମା- କଣ୍ୱ ପ୍ରଗାଥଙ୍କ ଉଦାହରଣ ବିଚାରକୁ ନେଲେ ବେଳେ ବେଳେ ବାଳୀ ସୁଗ୍ରୀବଙ୍କ କଥା ମଧ ବିଚାରଣୀୟ! ଜ୍ୟେଷ୍ଠ ଭାଇ ବାଳୀ ପୂର୍ବରୁ ନାହିଁ ନଥିବା ଅତ୍ୟଧିକ ଭାତୃ ପ୍ରେମରେ ବିହ୍ୱଳ ଥିବାର ରାମାୟଣରୁ ଅନୁମେୟ ହେଉଥିଲେ ହେଁ ପ୍ରକୃତି ସ୍ଖଳନ ହେତୁ ଉଭୟେ ଚିର ଶତ୍ରୁରେ ପରିଣତ ହୁଅନ୍ତି। ଠିକ୍ ତଦନୁରୂପ ରଷି କଣ୍ୱଙ୍କ ଦୃଷ୍ଟିଭଙ୍ଗିରେ ଅଚାନକ ପରିବର୍ତ୍ତନ ହେତୁ କିଛି ଗୋଟେ ଅଘଟଣ ଘଟିବା ପୂର୍ବରୁ ଜ୍ଞାନୋଦୟ ହେତୁ। ଯେହେତୁ ରଷିମୁନି ପୁଣ୍ୟ ମହାତ୍ମା ବିଚାର ଶକ୍ତି ଅତିବ ପ୍ରଭାବଶାଳୀ ଦୁର୍ଘଟଣାରୁ ବର୍ତ୍ତି ଯାଆନ୍ତି।

ରାମ, ଲକ୍ଷ୍ମଣ, କୃଷ୍ଣ, ବଳରାମ, ଦୁର୍ଯ୍ୟୋଧନ, ଦୁଃଶାସନ। ପାଣ୍ଡବ ଧର୍ମରାଜ ଯୁଧିଷ୍ଠିର ଏବଂ ତାଙ୍କ ଅନୁଜମାନଙ୍କ ଜୀବନ ଚର୍ଯ୍ୟା ତଥା ଭାତୃପ୍ରେମ ଓ ଆଦେଶ ପରାମର୍ଶ ସମ୍ପର୍କେ ସମ୍ୟକ ଚିନ୍ତା କରୁଛନ୍ତି କିଏ ଏ ଯୁଗର ସାନଭାଇମାନେ? ଯଦି କରନ୍ତେ ତେବେ ବର୍ତ୍ତମାନ ସମାଜରେ ବଡ଼ମାନେ ନିଜକୁ ରାବଣ ପରି ଗୌରବାନ୍ୱିତ ମନେ କରିବାକୁ ପଛାନ୍ତେ ନାହିଁ। କୁମ୍ଭକର୍ଣ୍ଣ ନିଜ ବଡ଼ ଭାଇର ଅଧର୍ମ, ଦୁଃଷ୍କୃତି ସମ୍ବନ୍ଧେ ଜାଣି ମଧ ଭାତୃ ପ୍ରେମ ବଶତଃ ନିଧନ ହେଲେ ବରଂ ଭାଇ ଆଜ୍ଞା ଅବଜ୍ଞା କରି ନଥିଲେ ଓ ଧର୍ମରାଜ ଯୁଧିଷ୍ଠିରଙ୍କ ପ୍ରତି ପ୍ରଖ୍ୟାତ ଅନୁଗତ୍ୟ ହେତୁ ଭାତୃପ୍ରେମ ବଶତଃ ଦୃଢ ପ୍ରତିବାଦ କରିନଥିଲେ। ଅଥଚ ଏ ଯୁଗର ସାନ ଭାଇମାନେ କିପରି ନୀତି ଧାରଣ କରୁଛନ୍ତି? ବଡ଼ ଭାଇମାନଙ୍କ ଅବଦାନ ସମ୍ପର୍କେ ସାମାନ୍ୟ ଯତ କିଞ୍ଚିତ ସଚେତନ ପୂର୍ବକ ବିଚାର କରୁଛନ୍ତି? ନା ନିଜ ସ୍ୱାର୍ଥକୁ ସାମାନ୍ୟ ଭାବେ ଜଳାଞ୍ଜଳି ଦେଇ ପାରୁଛନ୍ତି କି? ବିଚାରୁ ନାହାନ୍ତି ଯେ ଏଇ ଘରକୁ ଭାଉଜ ଯେତେବେଳେ ବୋହୂ ହୋଇ ଆସିଥିଲେ ସେତେବେଳର ସ୍ଥିତି ଓ ଆଜି ମୁଁ ଯେତେବେଳେ ବୋହୂ ଅର୍ଦ୍ଧାଙ୍ଗୀନୀ ଧର୍ମପତ୍ନୀ ଆଣୁଛି ସେଥିରେ ଏ ସଦୃଶ ଅଧଃପତନର କାରଣ ସବୁ କ'ଣ ହୋଇ ପାରେ।

ମୋ : ୯୪୩୭୫୮୦୨୪୩

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ପ ରି କ୍ର ମା

ଭୁବନେଶ୍ୱର, ୨୫ ସେପ୍ଟେମ୍ବର - ୦୧ ଅକ୍ଟୋବର, ୨୦୧୭
Bhubaneswar, 25th Sept. -01st October, 2017

ପରିକ୍ରମା

ଜାତୀୟ ଅପରାଧ ନଥି ବ୍ୟୁରୋ ରିପୋର୍ଟ

ବଢ଼ିଛି ଚାଷୀ ଆତ୍ମହତ୍ୟା

ଭୁବନେଶ୍ୱର : ଗତ ୩ ବର୍ଷରେ ବର୍ଷକୁ ଦେଶରେ ହାରାହାରି ୧୨ ହଜାର ଚାଷୀ ଆତ୍ମହତ୍ୟା କରୁଛନ୍ତି ଏବଂ ଏହାମଧ୍ୟରୁ ଋଣ ବୋଝ ଓ ଫସଲ କ୍ଷତି ଜନିତ ଆତ୍ମହତ୍ୟା ପରିମାଣ ସର୍ବାଧିକ । ସେହିପରି ପାରିବାରିକ ସମସ୍ୟା ଯୋଗୁଁ ୧୧.୭% ଚାଷୀ ଆତ୍ମହତ୍ୟା କରିଛନ୍ତି ଏବଂ ଚାଷୀ ଆତ୍ମହତ୍ୟା କ୍ଷେତ୍ରରେ ମହାରାଷ୍ଟ୍ର ଦେଶରେ ଶୀର୍ଷସ୍ଥାନ ଅଧିକାର କରିଛି । ତେବେ କୃଷି ଶ୍ରମିକଙ୍କ କ୍ଷେତ୍ରରେ ଏହା ଠିକ ବିପରୀତ । ଆତ୍ମହତ୍ୟା କରିଥିବା କୃଷି ଶ୍ରମିକଙ୍କ ମଧ୍ୟରୁ ୪୦.୧% ପାରିବାରିକ ସମସ୍ୟା ଓ ୧୯% ଅସୁସ୍ଥତା ଯୋଗୁଁ ଆତ୍ମହତ୍ୟା କରିଛନ୍ତି । ଜାତୀୟ ଅପରାଧ ନଥି ବ୍ୟୁରୋ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହି ତଥ୍ୟ ଉଲ୍ଲେଖ ରହିଛି । ତଥ୍ୟ ଅନୁସାରେ ୨୦୧୩ରେ ଦେଶରେ ମୋଟ ୧.୩୪ ଲକ୍ଷ ଆତ୍ମହତ୍ୟା ଘଟଣା ମଧ୍ୟରୁ ୧୧୭୭୨ ଜଣ ହେଉଛନ୍ତି କୃଷିଜୀବୀ, ଯାହା ମୋଟ ଘଟଣାର ୮.୭% । ସେହିପରି ୨୦୧୪ରେ ୧.୩୧ ଲକ୍ଷ ମୋଟ ଘଟଣାରୁ ୯.୪% ଅର୍ଥାତ୍ ୧୨୩୬୦ ଜଣ ଓ ୨୦୧୫ରେ ୧.୩୩ ଲକ୍ଷ ମଧ୍ୟରୁ ୧୨୬୦୨ ଜଣ (୯.୪%) କୃଷିଜୀବୀ ଅଛନ୍ତି । ଅର୍ଥାତ୍ ଦେଶରେ ଆତ୍ମହତ୍ୟା ସଂଖ୍ୟା ୧.୫% ବୃଦ୍ଧି ପାଇଥିବାବେଳେ କୃଷିଜୀବୀଙ୍କ ଆତ୍ମହତ୍ୟା ହାର ୨% ବୃଦ୍ଧି ପାଇଛି । ୨୦୧୫ରେ ଆତ୍ମହତ୍ୟା କରିଥିବା କୃଷିଜୀବୀଙ୍କମଧ୍ୟରୁ ସର୍ବାଧିକ ଋଣବୋଝ ଯୋଗୁଁ ମାନସିକ ଚାପ ଜନିତ । ଦେବାଳିଆ ହେବା ବା ଋଣ ପରିଶୋଧ କରି ନ ପାରିବା ଯୋଗୁଁ ସର୍ବାଧିକ ଚାଷୀ ଆତ୍ମହତ୍ୟା କରୁଛନ୍ତି । ଋଣ ବୋଝ ଯୋଗୁଁ ୩୮.୭% ଚାଷୀ ଆତ୍ମହତ୍ୟା କରିଥିବାବେଳେ କୃଷିକ୍ଷେତ୍ର ପ୍ରସଙ୍ଗକୁ ନେଇ ଆତ୍ମହତ୍ୟା କରିଥିବା ଚାଷୀଙ୍କ ସଂଖ୍ୟା ୧୯.୫% । ପାରିବାରିକ ସମସ୍ୟାରୁ ୧୧.୭%, ଅସୁସ୍ଥତା ଯୋଗୁଁ ୧୦.୫%, ନିଶା କବଳିତ ହୋଇ ୪.୧%, ବିବାହ ଜନିତ ପ୍ରସଙ୍ଗକୁ ନେଇ ୨%, ଦାରିଦ୍ର୍ୟ ଯୋଗୁଁ ୧.୧% ଓ ସମ୍ପତ୍ତି ବିବାଦ ଯୋଗୁଁ ୧.୧% ଚାଷୀଆତ୍ମହତ୍ୟା କରିଛନ୍ତି । ସେହିପରି ଆତ୍ମହତ୍ୟା କରିଥିବା କୃଷିଜୀବୀଙ୍କ ମଧ୍ୟରୁ ଚାଷୀଙ୍କ ସଂଖ୍ୟା ୮୦୦୭ ଓ କୃଷି ଶ୍ରମିକଙ୍କ ସଂଖ୍ୟା ୪୫୯୪ । ଚାଷୀଙ୍କ ମଧ୍ୟରୁ ୩୦ରୁ ୬୦ବର୍ଷ ବୟସର ଲୋକଙ୍କ ସଂଖ୍ୟା ସର୍ବାଧିକ ୭୧.୬% । ସେହିପରି ୧୮ ବର୍ଷରୁ ୩୦ ବର୍ଷ ବୟସର ୧୮.୯% ଓ ୬୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ୯% ଚାଷୀଆତ୍ମହତ୍ୟା କରିଛନ୍ତି । ୧୮ ବର୍ଷରୁ କମ୍ ବୟସର ଆତ୍ମହତ୍ୟା କରିଥିବା ଚାଷୀଙ୍କ ସଂଖ୍ୟା୦.୫% । ସେହିପରି କୃଷି ଶ୍ରମିକଙ୍କ ମଧ୍ୟରୁ ୩୦ରୁ ୬୦ବର୍ଷ ବୟସ ମଧ୍ୟରେ ୬୦.୧% ଓ ୧୮ରୁ ୩୦ ବର୍ଷ ମଧ୍ୟରେ ୨୭.୬% ଆତ୍ମହତ୍ୟା କରିଛନ୍ତି । ୨୦୧୫ରେ ମହାରାଷ୍ଟ୍ରରେ ସର୍ବାଧିକ ଚାଷୀ ଓ କୃଷି ଶ୍ରମିକ ଆତ୍ମହତ୍ୟା କରିଛନ୍ତି ବୋଲି ଅପରାଧ ନଥିବ୍ୟୁରୋରେ ପ୍ରଦର୍ଶିତ ହୋଇଛି । ଏହି ବର୍ଷ ମହାରାଷ୍ଟ୍ରରେ ୩୦୩୦ ଚାଷୀ ଓ ୧୨୬୧କୃଷି ଶ୍ରମିକ ଆତ୍ମହତ୍ୟା କରିଛନ୍ତି । ମହାରାଷ୍ଟ୍ରପରେ କର୍ଣ୍ଣାଟକ ଦ୍ୱିତୀୟ ପ୍ରଭାବିତ ରାଜ୍ୟ ରହିଛି । କର୍ଣ୍ଣାଟକରେ ୧୧୯୭ ଚାଷୀ ଓ ୩୭୩ କୃଷି ଶ୍ରମିକ ଜୀବନ ହାରିଛନ୍ତି । ସେହିପରି ମଧ୍ୟପ୍ରଦେଶରେ ୫୮୧ ଚାଷୀ ଓ ୭୦୯ କୃଷି ଶ୍ରମିକ, ଉତ୍ତରପ୍ରଦେଶରେ ୧୪୫ ଚାଷୀ ଓ ୧୭୯ କୃଷି ଶ୍ରମିକ, ଆନ୍ଧ୍ରପ୍ରଦେଶରେ ୫୧୬ ଚାଷୀ ଓ ୪୦୦ କୃଷି ଶ୍ରମିକ, ଛତିଶଗଡ଼ରେ ୮୫୪ ଚାଷୀ ଓ ୧୦୦ କୃଷି ଶ୍ରମିକ ଆତ୍ମହତ୍ୟା କରିଛନ୍ତି । ତାମିଲନାଡୁରେ ଚାଷୀ ଆତ୍ମହତ୍ୟା ସଂଖ୍ୟା ମାତ୍ର ୨, କିନ୍ତୁ ଏହି ରାଜ୍ୟରେ ୬୦୪ ଜଣ କୃଷି ଶ୍ରମିକ ଆତ୍ମହତ୍ୟା କରିଛନ୍ତି । ଓଡ଼ିଶାରେ ୨୩ ଜଣ ଚାଷୀ ଓ ୨୭ ଜଣ କୃଷି ଶ୍ରମିକ ଆତ୍ମହତ୍ୟା କରିଥିବା ଏହି ରିପୋର୍ଟରେ ଉଲ୍ଲେଖ ରହିଛି । ଅପରପକ୍ଷରେ ଜାତୀୟ ଅପରାଧ ନଥିବ୍ୟୁରୋ ରିପୋର୍ଟ ୨୦୧୪ ଅନୁସାରେ ଦେଶରେ ମୋଟ ଆତ୍ମହତ୍ୟା କରୁଥିବା ଚାଷୀଙ୍କ ମଧ୍ୟରୁ ୪୪.୫% ହେଉଛନ୍ତି ଛୋଟ ଚାଷୀ । ସେହିପରି ୨୫.୨୦% ମଧ୍ୟମ ଚାଷୀ, ୨୭.୯୦ ନାମମାତ୍ର ଚାଷୀ ହୋଇଥିବାବେଳେ ବଡ଼ ଚାଷୀଙ୍କ ସଂଖ୍ୟା ହେଉଛି ମାତ୍ର ୨.୩% ।

ସିଏଜି ରିପୋର୍ଟରେ ୧୧.୩୮ କୋଟି ଖର୍ଚ୍ଚ

ସେବାରେ ଲାଗୁନି ଦମକଳ କେନ୍ଦ୍ର

ଭୁବନେଶ୍ୱର : ରାଜ୍ୟ ସରକାରଙ୍କ ପକ୍ଷରୁ ୧୯ଟି ଜିଲାରେ ଦମକଳ କେନ୍ଦ୍ର ପ୍ରତିଷ୍ଠା ପାଇଁ ୧୧.୩୮କୋଟି ଟଙ୍କା ଖର୍ଚ୍ଚ ହୋଇଛି । ମାତ୍ର ମନଇଚ୍ଛା ଦମକଳ ଗୃହଗୁଡିକ ନିର୍ମାଣ ହୋଇଥିବାରୁ ସେଠାକୁ ଦମକଳ ଗାଡି ଯାତାୟତ କରିପାରୁ ନାହିଁ । ଯାହାଫଳରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଦମକାଳ କେନ୍ଦ୍ର ଅଦ୍ୟାବଧି ସେବାରେ ଲାଗିପାରୁନାହିଁ ବୋଲି ସିଏଜିଙ୍କ ପକ୍ଷରୁ ଦର୍ଶାଯାଇଛି । ସିଏଜିଙ୍କ ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି ଯେ ନାଉଗାଁ, ଲାଇକେରା, ସଇଁତାଳ, ବେଲପଡା, ରାଇଘର, ନାରାୟଣପାଟଣା, କଣ୍ଟାବାଞ୍ଜି, ବୈପାରୀଗୁଡା, କୁନ୍ଦ୍ରା, ଚମ୍ପାହାର, ଲାମତାପୁଟ୍, ଟିକାବାଲି, ନନ୍ଦପୁର, ଦସମନ୍ତପୁର, କୋଇଡା, ଗୁରୁଣ୍ଡିଆ, ଲହୁଣିପଡା, କୋଲାବିରା ଓ କିରିମିରାରେ ଦମକଳ କେନ୍ଦ୍ର ପାଇଁ ୨୦୧୧ରୁ ୨୦୧୪ ମଧ୍ୟରେ ୧୧.୩୮କୋଟି ଟଙ୍କା ଦିଆଯାଇଥିଲା । ସରକାର ଆଭାମୁଖ୍ୟ ରଖିଥିଲେ ଯେ ଦୁର୍ଗମ ଅଞ୍ଚଳରେ ଅଗ୍ନିକାଣ୍ଡ ଓ ବିପଦକାଳୀନ ସମୟରେ ଲୋକଙ୍କ ପାଖରେ ଦମକଳ ଗାଡି ପହଞ୍ଚି ନିଆଁକୁ ଆୟତ କରିବ । ଇତିମଧ୍ୟରେ କେତେକ ସ୍ଥାନରେ ଗୃହ ନିର୍ମାଣ ଶେଷ ହୋଇଥିବାବେଳେ ଆଉ କେତେକଠାରେ ଅର୍ଦ୍ଧନିର୍ମିତ ରହିଛି । ରାସ୍ତା ଅଭାବରୁ ଦମକଳ କେନ୍ଦ୍ର ଲାଗି ନିର୍ମାଣ ହୋଇଥିବା ଗୃହ କାର୍ଯ୍ୟରେ ଆସୁ ନଥିବାବେଳେ ଅନେକ ସ୍ଥାନରେ ଭୂତଖାନା ପାଲଟିବାକୁ ବସିଛି ବୋଲି ସିଏଜିଙ୍କ ପକ୍ଷରୁ ଦର୍ଶାଯାଇଛି । ନାରାୟଣ ପାଟଣା ଓ ଦଶମନ୍ତପୁରରେ ୧.୪୧କୋଟିରେ ନିର୍ମିତ ଦମକଳ କେନ୍ଦ୍ର ନିର୍ମାଣ ଶେଷ ହୋଇଥିଲେ ବି ଦମକଳ କେନ୍ଦ୍ର ସେଠାରେ କାର୍ଯ୍ୟକାରୀ ନହୋଇ ଭଡାଘରେ ଚାଲିଛି । ସେହିପରି ସମ୍ବଲପୁର ଓ କୋରାପୁଟରେ ୮.୯୭କୋଟି ଟଙ୍କା ବ୍ୟୟରେ ନିର୍ମିତ ୨୪ଟି ଦମକଳ କେନ୍ଦ୍ର ଠିକଣା ସମୟରେ ସମ୍ପୂର୍ଣ୍ଣ ହୋଇ ନଥିଲା । ୨୦୦୮ରୁ ୨୦୧୬ ମାର୍ଚ୍ଚ ସୁଦ୍ଧା ଦମକଳ କେନ୍ଦ୍ର କାର୍ଯ୍ୟ ନହେବା ପଛରେ ସରକାରୀ ଅଧିକାରୀମାନଙ୍କ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ରହିଛି । ଏବେ ଉକ୍ତ ଗୃହଗୁଡିକୁ ଶେଷ କରିବାପାଇଁ ସରକାରଙ୍କ ପକ୍ଷରୁ ୫.୩୫କୋଟି ଅଧିକ ବ୍ୟୟ ହୋଇଛି ବୋଲି ସିଏଜିଙ୍କ ପକ୍ଷରୁ ଦର୍ଶାଯାଇଛି ।

ହରତାଳବେଳେ ଅପ୍ରୀତିକର ଘଟଣା

ନବୀନ କ୍ଷୁବ୍ଧ, ନେତାଙ୍କୁ ଚେତାବନୀ

ଭୁବନେଶ୍ୱର : ତୈଳ ଦର ବୃଦ୍ଧି ପ୍ରତିବାଦରେ ଦଳ ପକ୍ଷରୁ ହରତାଳ ବେଳେ ରାଜଧାନୀର କିଛି ସ୍ଥାନରେ ଘଟିଥିବା ଘଟଣାକୁ ନେଇ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ କ୍ଷୁବ୍ଧ । ନବୀନ ନିବାସରେ ଦଳୀୟ ନେତାମାନଙ୍କୁ ନେଇ ସ୍ପଷ୍ଟ ଭାଷାରେ ନିଜର ଅସନ୍ତୋଷ ଜଣାଇବା ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନ ଘଟେ ସେଥିପାଇଁ ଚେତାବନୀ ଦେଇଛନ୍ତି । ଡକରା ପାଇ ନବୀନ ନିବାସରେ ଜଣକ ପରେ ଜଣେ ପହଞ୍ଚିଥିଲେ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ, ମନ୍ତ୍ରୀ ମହେଶ୍ୱର ମହାନ୍ତି, ଶଶିଭୂଷଣ ବେହେରା ଓ ସାଂସଦ ତଥା ମୁଖପାତ୍ର ପ୍ରତାପ କେଶରୀ ଦେବ । ସମ୍ଭବତଃ ପ୍ରଭାତ ବିଶ୍ୱାଳଙ୍କ ଗିରଫଦାରୀ କିମ୍ବା ବିଜେପୁର ଉପ ନିର୍ବାଚନ ପ୍ରସଙ୍ଗରେ ଆଲୋଚନା ପାଇଁ ମୁଖ୍ୟମନ୍ତ୍ରୀ ଡ଼ାକିଥିବା ଆଶା କରିଥିଲେ ନେତାମାନେ । ମାତ୍ର ପରିସ୍ଥିତି ଥିଲା ଅଲଗା, ନେତାମାନେ ଆସନ ଗ୍ରହଣ କରିବା କ୍ଷଣି ନବୀନ ଅତ୍ୟନ୍ତ କଠୋର ଭାବରେ ହରତାଳ ସମୟର ହିଂସାକୁ ନେଇ କୈଫିୟତ ତଲବ କରିଥିଲେ । ବିଜେଡ଼ି ସବୁବେଳେ ଲୋକଙ୍କ ସହ ରହିଛି ଏବଂ ଲୋକଙ୍କ କଲ୍ୟାଣ ପାଇଁ ଯୋଜନା କରିଛି । ସାଧାରଣ ଲୋକ ଯେପରି ନ୍ୟାୟ ପାଇବେ ସେଥିପାଇଁ ସରକାର କାର୍ଯ୍ୟ କରୁଛନ୍ତି । ବିଭିନ୍ନ ସମୟରେ ସାଧାରଣ ଲୋକଙ୍କ ସମସ୍ୟା ସହ ଯୋଡ଼ି ହୋଇ ରହିବାକୁ ପରାମର୍ଶ ଦିଆଯାଇଛି । ମାତ୍ର ରାଜଧାନୀରେ ହରତାଳ ସମୟରେ କିଛି ସ୍ଥାନରେ ଯେଉଁ ଘଟଣା ଘଟିଲା ତାହା କୌଣସି ଦୃଷ୍ଟିରୁ ଗ୍ରହଣୀୟ ନୁହେଁ । ଏହା ଉଭୟ ସରକାର ଓ ଦଳର ଭାବମୂର୍ତ୍ତି ବିରୋଧୀ କାର୍ଯ୍ୟ ଏବଂ ଭବିଷ୍ୟତରେ ଏହାର ପୁନରାବୃତ୍ତି ଯେପରି ନ ହୁଏ ସେଥିପ୍ରତି ସଚେତନ ରହିବାକୁ ନିର୍ଦ୍ଦେଶ ଦେଇଥିଲେ ନବୀନ । ରାଜ୍ୟବାସୀଙ୍କ ସ୍ନେହ ଓ ଶ୍ରଦ୍ଧା ବିଜେଡ଼ିକୁ ୪ ଥର କ୍ଷମତାସୀନ କରିଛି, ସେମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଲଢ଼େଇ କରିବା ବିଜେଡ଼ିର ଧର୍ମ । ମାତ୍ର ଲଢ଼େଇ ବେଳେ ସାଧାରଣ ଲୋକଙ୍କ ସ୍ୱାର୍ଥ ଓ ସମସ୍ୟାକୁ ଭୁଲିଗଲେ ଚଳିବ ନାହିଁ ଏବଂ ଏହାକୁ ସବୁବେଳେ ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ନେତାମାନଙ୍କୁ କହିଥିବା ସୂଚନା ମିଳିଛି । ନବୀନଙ୍କ ସହ କେଉଁ ପ୍ରସଙ୍ଗରେ ଆଲୋଚନା ହେଲା ତାହା ନେଇ ଉପସ୍ଥିତ ନେତାମାନେ ଗଣମାଧ୍ୟମ ନିକଟରେ ମୁହଁ ଖୋଲି ନ ଥିଲେ ହେଁ ସେମାନଙ୍କର ବକ୍ତବ୍ୟରୁ ଅନେକ କିଛି ଆଭାସ ମିଳିଛି । ଅପରପକ୍ଷରେ କିଛି ସ୍ଥାନରେ ଘଟିଥିବା ଘଟଣାରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ମୁଖ୍ୟମନ୍ତ୍ରୀ ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ନିରପେକ୍ଷତାର ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିବା ଏହି ସୂତ୍ରରୁ ସୂଚନା ମିଳିଛି । ମୁଖ୍ୟମନ୍ତ୍ରୀ ହିଂସାକୁ ପ୍ରଶ୍ରୟ ଦିଅନ୍ତି ନାହିଁ ଓ ବିଜେଡ଼ି ହିଂସାରେ ବିଶ୍ୱାସ ରଖେ ନାହିଁ । ତେଣୁ ଯେଉଁମାନେ ହିଂସାକାଣ୍ଡ ଘଟାଇଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଥିରେ କିଛି ଲୋକଙ୍କୁ ଗିରଫ କରାଯାଇଛି ଏବଂ ଆହୁରି କିଛି ଲୋକଙ୍କୁ ଖୋଜା ଚାଲିଛି ବୋଲି ନବୀନଙ୍କୁ ଭେଟିଥିବା ଜଣେ ନେତା କହିଛନ୍ତି ।

୧୪ ପୋଷ୍ଟ ଅଫିସରେ ପାସ୍‌ପୋର୍ଟ ସେବା କେନ୍ଦ୍ର

ଭୁବନେଶ୍ୱର : ରାଜ୍ୟରେ ତୃତୀୟ ପର୍ଯ୍ୟାୟରେ ୧୪ଟି ପୋଷ୍ଟଅଫିସ ପାସପୋର୍ଟ ସେବା କେନ୍ଦ୍ର ସ୍ଥାପନ କରାଯିବାକୁ କେନ୍ଦ୍ର ବର୍ହିଃବ୍ୟାପାର ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହା କେଉଁ ଜିଲାରେ ହେବ ତାହା ମଧ୍ୟ ଚୂଡାନ୍ତ ହୋଇସାରିଥିବା ଆଞ୍ଚଳିକ ପାସ୍‌ପୋର୍ଟ ଅଧିକାରୀ ଦିଗ୍‌ବିଜୟ ଗିରି ସୂଚନା ଦେଇଛନ୍ତି । ଏହିକ୍ରମରେ ରାଜ୍ୟରେ ସ୍ଥାନୀୟ ପାସ୍‌ପୋର୍ଟ କାର୍ଯ୍ୟାଳୟକୁ ବାଦ୍ ଦେଲେ ରାଜ୍ୟରେ ୨୦ଟି ପୋଷ୍ଟଅଫିସ ପାସ୍‌ପୋର୍ଟ ସେବା କେନ୍ଦ୍ର କାର୍ଯ୍ୟ କରିବ ବୋଲି ପାସ୍‌ପୋର୍ଟ ଅଧିକାରୀ ଶ୍ରୀ ଗିରି କହିଛନ୍ତି । ଚଳିତ ବର୍ଷ ଶେଷସୁଦ୍ଧା ଏହି ପାସ୍‌ପୋର୍ଟ ସେବା କେନ୍ଦ୍ରଗୁଡ଼ିକୁ କାର୍ଯ୍ୟକାରୀ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି । ଏହାଫଳରେ ପାସ୍‌ପୋର୍ଟ ପାଇଁ ରାଜ୍ୟର ଦୂରଦୂରାନ୍ତରୁ ଆସୁଥିବା ଲୋକଙ୍କୁ ହଇରାଣ ହେବାକୁ ପଡିବ ନାହିଁ । ବହୁ ସମୟରେ ପାସପୋର୍ଟ କାର୍ଯ୍ୟାଳୟରେ ଲୋକଙ୍କର ଲମ୍ବା ଲାଇନ୍ ଲାଗି ଯାଉଥିଲା । ଏହାଫଳରେ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିଲା । ରାଜ୍ୟର ଜନସାଧାରଣଙ୍କ ଚାହିଦାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ପୋଷ୍ଟ ଅଫିସ୍ ମାଧ୍ୟମରେ ପାସ୍‌ପୋର୍ଟ ସେବା କେନ୍ଦ୍ର ଖୋଲିବାକୁ ପ୍ରୟାସ ଆରମ୍ଭ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ରାଉରକେଲା, ସମ୍ବଲପୁର ଓ କୋରାପୁଟଠାରେ ପୋଷ୍ଟଅଫିସ ପାସପୋର୍ଟ ସେବାକେନ୍ଦ୍ର(ପିଓପିଏସ୍‌କେ) ଖୋଲା ଯାଇଥିଲା । ଏହି କେନ୍ଦ୍ରଗୁଡ଼ିକ ଏବେ କାର୍ଯ୍ୟ କରୁଛି । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ବାଲେଶ୍ୱର, ବ୍ରହ୍ମପୁର ଓ ଭବାନୀପାଟଣାଠାରେ ପିଓପିଏସ୍‌କେ ଖୋଲା ଯିବାକୁ ସରକାର ନିଷ୍ପତ୍ତି ନେଇଥିଲେ । ଯାହା ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି ।

ସ୍ୱଚ୍ଛତା ଅଭିଯାନ: ସୁଦର୍ଶନଙ୍କୁ ମୋଦିଙ୍କ ନିମନ୍ତ୍ରଣ

ପୁରୀ : ସ୍ୱଚ୍ଛତା ଅଭିଯାନରେ ସାମିଲ ହେବାପାଇଁ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଶ୍ରୀ ମୋଦି ଉଲ୍ଲେଖ କରିଛନ୍ତିଯେ ଆଗାମୀ ଗାନ୍ଧି ଜୟନ୍ତୀରେ ମହାତ୍ମା ଗାନ୍ଧିଙ୍କ ଏହି ବାଣୀକୁ ସମାଜର ସବୁବର୍ଗର ଲୋକଙ୍କ ପାଖରେ ପହଞ୍ଚାଇବାକୁ ପଡିବ । ସ୍ୱଚ୍ଛତାରେ ବାପୁ ବିଶ୍ୱାସ କରୁଥିଲେ । ସମସ୍ତଙ୍କ ଆଚାର ବ୍ୟବହାରରେ ତାହା ପ୍ରତିଫଳିତ ହେବା ଉଚିତ । ୧୨୫କୋଟି ଭାରତୀୟ ଗାନ୍ଧିଜୀଙ୍କ ସ୍ୱଚ୍ଛତା ମନ୍ତ୍ରରେ ନିଜକୁ ସାମିଲ କରିବାର ଆବଶ୍ୟକତା ରହିଛି । ସମସ୍ତଙ୍କ ସକ୍ରିୟ ସହଯୋଗ ଦ୍ୱାରା ଏହା ସଫଳ ହୋଇପାରିବ । ସ୍ୱଚ୍ଛ ଭାରତ ପରିକଳ୍ପନା ଦେଶକୁ ବିକାଶ ପଥରେ ଆଗେଇ ନେବ । ବାଲୁକାକଳା ମାଧ୍ୟମରେ ସ୍ୱଚ୍ଛତାକୁ ନେଇ ଜନଜାଗରଣ ସୃଷ୍ଟି କରିବା ସହ ଏହି ବାର୍ତ୍ତା ଅଧିକ ପରିବାର ପାଖରେ ପହଞ୍ଚାଇବାକୁ ଶ୍ରୀ ମୋଦି ସୁଦର୍ଶନଙ୍କୁ ଅନୁରୋଧ କରିଛନ୍ତି । ସ୍ୱଚ୍ଛତାହିଁ ସେବା ଆନ୍ଦୋଳନରେ ଉତ୍ସର୍ଗୀକୃତ ମନୋଭାବ ନେଇ ଯୋଗଦେବା ସହ ସ୍ୱଚ୍ଛ ଭାରତ ଯୋଜନାର ସଫଳତା ପାଇଁ ଚିଠିରେ କୁହାଯାଇଛି । ଏହାଛଡା ମୋବାଇଲ ଆପସ୍ ମାଧ୍ୟମରେ ନିଜର ଅଭିଜ୍ଞତା ସମ୍ପର୍କରେ ଭାବବିନିମୟ କରିବାକୁ ପ୍ରଧାନମନ୍ତ୍ରୀ ଚିଠିରେ ପରାମର୍ଶ ଦେଇଛନ୍ତି । ସ୍ୱଚ୍ଛତା ପାଇଁ ସମସ୍ତଙ୍କ ମିଳିତ ଉଦ୍ୟମ ବାପୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ହେବା ସହ ନୂଆ ଭାରତ ଗଠନରେ ସହାୟକ ହେବବୋଲି ମୋଦି ଉଲେଖ କରିଛନ୍ତି । ସେହିପରି ବାଲୁକାଶିଳ୍ପୀ ଶ୍ରୀ ପଟ୍ଟନାୟକ ଖୋଲାଯାଗାରେ ମଳତ୍ୟାଗ ରୋକିବା ପାଇଁ ପେଣ୍ଠକଟା ମତ୍ସ୍ୟଜୀବୀ ବସ୍ତିର ୨ଟି ପରିବାରକୁ ଶୌଚାଳୟ ପ୍ରଦାନ କରିଥିବା ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି । ଭାରତ ଗୌରବ ପୁରସ୍କାରରୁ ପାଇଥିବା ୨୫ହଜାର ଟଙ୍କା ସ୍ୱଚ୍ଛ ଭାରତ ମିଶନ ଶୌଚାଳୟ ନିର୍ମାଣରେ ଖର୍ଚ୍ଚ କରିବାକୁ ସେ ଘୋଷଣା କରିଛନ୍ତି ।

ରାସ୍ତାର ନାମଫଳକ ଏବେ ଓଡ଼ିଆରେ

ସରକାରୀ ଫାଇଲ୍ କାମ ବି ଓଡ଼ିଆରେ ଚାଲିବ

ଭୁବନେଶ୍ୱର : ସଚିବାଳୟ କାର୍ଯ୍ୟ ସ୍ୱୟଂକ୍ରିୟ ବ୍ୟବସ୍ଥା(ଓସ୍ୱାସ)ରେ ଓଡ଼ିଆ ଭାଷା ସନ୍ନିବେଶିତ କରାଯାଇଛି । କମ୍ପ୍ୟୁଟର ମାଧ୍ୟମରେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ କରିବା ନିମନ୍ତେ ଇଣ୍ଡିକ ସଫ୍ଟୱେର କାର୍ଯ୍ୟ କରାଯାଉଛି । ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ନେଇ ଗଠନ କରାଯାଇଥିବା କମିଟି ବୈଠକରୁ ଏହି ସୂଚନା ମିଳିଛି ।

ଏହାର ଅଗ୍ରଗତିର ସମୀକ୍ଷା କରି ଶ୍ରୀ ପାଢ଼ୀ ଓଡ଼ିଆ ଭାଷାରେ ଲେଖାଯାଉଥିବା ନଥିପତ୍ର ଗୁଡ଼ିକର ସଂଖ୍ୟା ଆକଳନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ବ୍ୟବସାୟିକ ପ୍ରତିଷ୍ଠାନ ଆଦିର ନାମଫଳକ ଓଡ଼ିଆ ଭାଷାରେ ଲେଖାଇବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଶ୍ରୀ ପାଢ଼ୀ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକୁ କହିଛନ୍ତି । ସେହିପରି ରାସ୍ତାରେ ଲଗା ଯାଇଥିବା ରାସ୍ତା ସୂଚନା ଫଳକଗୁଡ଼ିକୁ ମଧ୍ୟ ଓଡ଼ିଆରେ ଲେଖାଇବା ପାଇଁ ସେ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । କମ୍ପ୍ୟୁଟର ମାଧ୍ୟମରେ ଇଂରାଜୀ ଶବ୍ଦର ଓଡ଼ିଆ ଅର୍ଥ ଜାଣିବା ପାଇଁ ନିର୍ଦ୍ଦିଷ୍ଟ ସଫ୍ଟୱେର ପ୍ରସ୍ତୁତ ନିମନ୍ତେ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା । ଓଡ଼ିଆ ଭାଷା ଓ ଗବେଷଣା ପ୍ରତିଷ୍ଠାନ ସହଯୋଗରେ ଏହି ସଫ୍ଟୱେର ପ୍ରସ୍ତୁତ କରାଯାଇଛି । ସରକାରୀ ଉଦଯୋଗର ଆଧୁନିକୀକରଣ କେନ୍ଦ୍ର(ସିଏମଜିଆଇ) ଦ୍ୱାରା ଏଥିରେ କିଛି ନୂତନ ବୈଶିଷ୍ଟ୍ୟ ଯୋଡ଼ା ଯାଇଛି । ମାସକ ମଧ୍ୟରେ ଏହି କାର୍ଯ୍ୟ ସାରି ସଫ୍ଟୱେରକୁ ମାଇକ୍ରୋସଫ୍ଟ ଅଫିସ ସହ ସଂଲଗ୍ନ କରିବାକୁ ସେ କହିଛନ୍ତି । ଓଡ଼ିଆ ଭାଷା ପ୍ରତିଷ୍ଠାନ ସହାୟତାରେ ପ୍ରଶାସନ ଶବ୍ଦକୋଷ ଏବଂ ସରକାରୀ ଉଦଯୋଗର ଆଧୁନିକୀକରଣ ସଂସ୍ଥା ମାଧ୍ୟମରେ ଭାଷା ସହଚର ପ୍ରସ୍ତୁତ କରାଯାଇ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଯୋଗାଇ ଦିଆଯାଇଛି । ଓସ୍ୱାସ ବ୍ୟବସ୍ଥାରେ ଅଧିକରୁ ଅଧିକ ଓଡ଼ିଆ ଖଣ୍ଡ ବାକ୍ୟ ଓ ସରକାରୀ କାର୍ଯ୍ୟ ପ୍ରକ୍ରିୟା ସମ୍ବନ୍ଧିତ ସରଳ ଏକକ ଶବ୍ଦ ସନ୍ନିବେଶିତ କରିବା ପାଇଁ ସାଧାରଣ ପ୍ରଶାସନ ବିଭାଗକୁ ପରାମର୍ଶ ଦିଆଯାଇଛି । ଓଡ଼ିଆ ଭାଷା ସାହିତ୍ୟରେ ଉଚ୍ଚଶିକ୍ଷା ଲାଭ କରୁଥିବା ଯୁବକ ଯୁବତୀଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ଫକିରମୋହନ ମେଧାବୃତ୍ତି ବ୍ୟବସ୍ଥାର ପ୍ରଚଳନ କରାଯାଇଥିବା ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ କହିଥିଲେ । ଯୁକ୍ତ ୨ ପରୀକ୍ଷାରେ ଓଡ଼ିଆ ଇଚ୍ଛାଧୀନ ବିଷୟରେ ଶତକଡ଼ା ୯୦ କିମ୍ବା ତଦୁର୍ଦ୍ଧ୍ୱ ଏବଂ ଯୁକ୍ତ ତିନି ପରୀକ୍ଷାରେ ଓଡ଼ିଆ ଇଚ୍ଛାଧୀନ ବିଷୟରେ ଶତକଡ଼ା ୮୦ ବା ତା'ଠାରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତି ଦିଆଯାଉଛି । ମେଧାବୃତ୍ତି ଭାବେ ଏକକାଳୀନ ୨୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ବ୍ୟବସ୍ଥା କରାଯାଇଥିବା ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରକାଶ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା, ନଗର ଉନ୍ନୟନ ଏବଂ ସଂସ୍କୃତି ବିଭାଗ ସଚିବଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

ଓଡ଼ିଶାକୁ ଭାଟ୍ ଦେଲା ଆଇଓସିଏଲ୍

ଭୁବନେଶ୍ୱର : ୨୦୧୫ରୁ ଜୁଲାଇ ୨୦୧୭ ପର୍ଯ୍ୟନ୍ତ ଭାଟ୍ ବାବଦରେ ପାରାଦୀପ ତୈଳ ବିଶୋଧନାଗାରର ବକେୟା ୨୯୩୫ କୋଟି ଟଙ୍କା ଆଇଓସିଏଲ ଓଡ଼ିଶା ସରକାରଙ୍କୁ ପ୍ରଦାନ କରିଛି । ରାଜ୍ୟ ସରକାର ଓ ଆଇଓସିଏଲ ମଧ୍ୟରେ ପୂର୍ବରୁ ହୋଇଥିବା ଚୁକ୍ତି ମୁତାବକ ପାରାଦୀପ ବିଶୋଧନାଗାର ତା'ର ଟିକସ ପ୍ରଦାନ କରୁ ନ ଥିଲା । ପରେ ଏହାକୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଅସ୍ୱୀକାର କରାଯିବା ସହ ପୁନଃ ବିଚାର ପାଇଁ ଆଗ୍ରହ ପ୍ରକାଶ କରାଯାଇଥିଲା । ଏହି ବିବାଦ ୨୦୧୫ରୁ ରହିବା ଦ୍ୱାରା ଉଭୟ ପକ୍ଷରୁ ଏକାଧିକ ବୈଠକ ହୋଇଥିଲେ ମଧ୍ୟ କୌଣସି ସମାଧାନ ପନ୍ଥା ବାହାରି ନଥିଲା । ପରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମିଳିତ ବୈଠକରେ ଆଇଓସିଏଲକୁ ୭ବର୍ଷ ପାଇଁ ସମ୍ପୂର୍ଣ୍ଣ କର ଛାଡ଼ କରିବା ପରିବର୍ତ୍ତେ ୧୫ ବର୍ଷ ପାଇଁ ୭୦୦କୋଟି ଟଙ୍କା ଲେଖାଏଁ ଛାଡ଼ କରିବାକୁ ନିଷ୍ପତ୍ତି ଚୂଡ଼ାନ୍ତ ହୋଇଥିଲା । ଏହି ଟଙ୍କାକୁ ବିନା ସୁଧରେ ରାଜ୍ୟ ସରକାର ଋଣ ଆକାରରେ ପାରାଦୀପ ତୈଳ ବିଶୋଧନାଗାରକୁ ପ୍ରଦାନ କରିବା ଚୂଡ଼ାନ୍ତ ହୋଇଥିଲା । ଆଇଓସିଏଲ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂସ୍ଥାର ଚେୟାରମ୍ୟାନ ସଞ୍ଜିବ ସିଂହ ପ୍ରଥମ ଥର ପାଇଁ ଓଡ଼ିଶାକୁ ତା'ର ପ୍ରାପ୍ୟ ପ୍ରଦାନ କରିଥିବା ସମ୍ପର୍କରେ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ଉପସ୍ଥିତ ସାମ୍ବାଦିକଙ୍କ ପ୍ରଶ୍ନରେ ପାରାଦୀପ ତୈଳ ବିଶୋଧନାଗାର ଅକ୍ଟୋବର ୨ଠାରୁ ପ୍ରଥମ ଥର ଆମେରିକୀୟ ତୈଳ ବିଶୋଧନ କରିବ । ଏଭଳି ପ୍ରକ୍ରିୟା ଭାରତରେ ପ୍ରଥମ ଥର ପାଇଁ ପାରାଦୀପ ତୈଳ ବିଶୋଧନଗାରରେ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଥିଲେ । ପାରାଦୀପ ବିଶୋଧନାଗାର ଓ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ଇଣ୍ଡିଆନ୍ ଅଏଲ ୪୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରିଛି ।

ହାତୀ କରିଡର୍ ବିଜ୍ଞପ୍ତି : ବିଳମ୍ବ ନେଇ ଏନ୍‌ଜିଟିର ଅସନ୍ତୋଷ

ଭୁବନେଶ୍ୱର : ରାଜ୍ୟରେ ପ୍ରସ୍ତାବିତ ହାତୀ କରିଡର ନିର୍ମାଣ ନେଇ ବିଜ୍ଞପ୍ତି ଜାରି କରିବାରେ ବିଳମ୍ବ ହେଉଥିବା କାରଣରୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ ଅସନ୍ତୋଷ ପ୍ରକାଶ କରିଛନ୍ତି । ୱାଇଲ୍ଡ ଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା ଏନେଇ ଦାୟର କରିଥିବା ଏକ ମାମଲାର ଶୁଣାଣି କରି ଟ୍ରିବ୍ୟୁନାଲ୍ ଏଥିପାଇଁ ସମୟସୀମା ନିର୍ଦ୍ଧାରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ସୁଦ୍ଧା ରାଜ୍ୟ ସରକାର କେବେ ସୁଦ୍ଧା ଏନେଇ ବିଜ୍ଞପ୍ତି ଜାରି କରିବେ ସେହି ତାରିଖ ଜଣାଇବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ହାତୀଙ୍କ ସୁରକ୍ଷା ତଥା ଏମାନଙ୍କ ଅବାଧ ଚଳପ୍ରଚଳ ପାଇଁ ୨୦୧୦ ମସିହାରେ ୧୪ଟି ହାତୀ କରିଡର ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ହାତୀ ମଣିଷ ଲଢ଼େଇ ଏବଂ ବିଭିନ୍ନ କାରଣରୁ ହାତୀ ମୃତ୍ୟୁ ଘଟଣାକୁ ନେଇ କୋର୍ଟଙ୍କ ଆଦେଶ ଆସିବା ପରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଥିଲେ । ପରବର୍ତ୍ତୀ ସମୟରେ ବିଭିନ୍ନ ଅଭୟାରଣ୍ୟକୁ ମିଶାଇ ଆଉ ୯ଟି କରିଡର ପ୍ରତିଷ୍ଠା କରାଯିବ ବୋଲି ଏନଜିଟିରେ ସତ୍ୟପାଠ ଦାଖଲ କରିଥିଲେ । ମାତ୍ର ଏହାକୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇ ନାହିଁ । ଫଳରେ ଏନେଇ ଟ୍ରିବ୍ୟୁନାଲ କ୍ଷୁବ୍ଧ ହେବା ସହିତ ହାତୀ ସଂରକ୍ଷଣ ନେଇ ରାଜ୍ୟ ସରକାରଙ୍କ ଆନ୍ତରିକତା ନଥିବା ତାଙ୍କ ଆନ୍ତରୀଣ ରାୟରେ କହିଛନ୍ତି । ସେହିପରି ପ୍ରସ୍ତାବିତ ହାତୀ କରିଡର ଗୁଡ଼ିକରେ ଅନ୍ୟ କୌଣସି କାର୍ଯ୍ୟ ପାଇଁ ଅନୁମତି ନଦେବା ଲାଗି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କିତ

ଏକ ମାମଲାର ଶୁଣାଣି କରି କୋଲକାତା ସ୍ଥିତ ଇଷ୍ଟ ଜୋନ, ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଏହି ନିର୍ଦ୍ଦେଶ ଦେଇଛନ୍ତି । ୱାଇଲ୍ଡ ଲାଇଫ ସୋସାଇଟି ଦ୍ୱାରା ଦାୟର କରାଯାଇଥିବା ଏହି ମାମଲାର ଶୁଣାଣି କରି ଟ୍ରିବ୍ୟୁନାଲ ରାଜ୍ୟ ମଧ୍ୟରେ ଏବଂ ଆନ୍ତଃରାଜ୍ୟ କରିଡର ଗୁଡ଼ିକରେ କେନ୍ଦ୍ର ଜଙ୍ଗଲ ଏବଂ ପରିବେଶ ମନ୍ତ୍ରଣାଳୟର ଗାଇଡଲାଇନରେ ଥିବା ଇକୋଲଜିକାଲ ସେନସିଟିଭ୍ ଜୋନ(ଇଏସ୍‌ଜେଡ୍) ନିୟମାବଳୀକୁ ପାଳନ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗାଇଡଲାଇନ୍ ଅନୁସାରେ ପ୍ରସ୍ତାବିତ ହାତୀ କରିଡର ମଧ୍ୟରେ କୌଣସି ନିର୍ମାଣ କାର୍ଯ୍ୟ ଯଥା ଶିଳ୍ପ ସଂସ୍ଥା ନିର୍ମାଣ, କରତ କଳ ପ୍ରତିଷ୍ଠା, ଖଣି ଖନନ ବା ସଂପୃକ୍ତ ଅଞ୍ଚଳରେ ଜଳ, ବାୟୁ ଏବଂ ଶବ୍ଦ ପ୍ରଦୂଷଣ ସୃଷ୍ଟି କରୁଥିବା ଭଳି କୌଣସି କାର୍ଯ୍ୟ କରାଯାଇ ପାରିବ ନାହିଁ । ସାରା ଦେଶରେ ୧୮୩ଟି ହାତୀ କରିଡର ନିର୍ମାଣ ପାଇଁ ପ୍ରସ୍ତାବ ରହିଛି । ଏଥିମଧ୍ୟରୁ ଓଡ଼ିଶାରେ ୨୧ ଟି ଏବଂ ଓଡ଼ିଶା ସୀମାରେ ଆସୁଥିବା ୯ଟି ଆନ୍ତଃରାଜ୍ୟ କରିଡର ଅନ୍ତର୍ଭୁକ୍ତ । ଏନେଇ ରାଜ୍ୟ ସରକାର କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ସେନେଇ ମଧ୍ୟ ଏକ ରିପୋର୍ଟ ଦାଖଲ କରିବା ପାଇଁ ପୂର୍ବରୁ ଟ୍ରିବ୍ୟୁନାଲ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଦଶହରା ପର୍ବ ପାଳନର ଉଦ୍ଦେଶ୍ୟ

ଗାୟତ୍ରୀ ଦାଶ

'ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମୋଃ।।
ଯା ଦେବୀ ସର୍ବଭୂତେଷୁ ଶାନ୍ତିରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମୋଃ।।
ଯା ଦେବୀ ସର୍ବଭୂତେଷୁ ଲକ୍ଷ୍ମୀରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମୋଃ।।
ଯା ଦେବୀ ସର୍ବଭୂତେଷୁ ମାତୃରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମୋଃ।।

ଯେଉଁ ଦେବୀ ସବୁ ପ୍ରାଣୀଙ୍କ ଠାରେ ଶକ୍ତିରୂପରେ / ଶାନ୍ତିରୂପରେ / ଲକ୍ଷ୍ମୀରୂପରେ / ମାତୃରୂପରେ ଅବସ୍ଥାନ କରୁଛନ୍ତି, ତାଙ୍କୁ ନମସ୍କାର, ତାଙ୍କୁ ନମସ୍କାର, ତାଙ୍କୁ ବାରମ୍ବାର ନମସ୍କାର।

ପୂର୍ବକାଳରେ ଶୁମ୍ଭ ନିଶୁମ୍ଭ ନାମକ ଦୁଇ ଅସୁର ଅହଙ୍କାର ବଶ ହୋଇ ଯେତେବେଳେ ଦେବରାଜ ଇନ୍ଦ୍ରଙ୍କ ଠାରୁ ତିନିଲୋକର ରାଜ୍ୟ ଛଡାଇନେଲେ ଓ ସୂର୍ଯ୍ୟ, ଚନ୍ଦ୍ର, କୁବେର, ଯମ, ବରୁଣ, ବକାୟୁ ଓ ଅଗ୍ନି ଆଦି ଦେବତାଙ୍କୁ ପରାଜିତ, ଅପମାନିତ ଓ ଅଧିକାରହୀନ କରି ସ୍ୱର୍ଗଲୋକରୁ ବିତାଡିତ କଲେ, ସେମାନଙ୍କ ଦ୍ୱାରା ତିରସ୍କୃତ ଦେବତାମାନେ ଅପରାଜିତ ଦେବୀଙ୍କୁ ସ୍ମରଣ କଲେ ଓ ଗିରିରାଜ ହିମାଳୟକୁ ଯାଇ ସେଠାରେ ଭଗବତୀ ବିଷ୍ଣୁମାୟାଙ୍କର ଉପରୋକ୍ତ ପ୍ରକାରରେ ସ୍ତୁତିଗାନ କରିଥିଲେ।

ବେଦ, ଉପନିଷଦ, ପୁରାଣ ଅନୁସାରେ ସମସ୍ତ ଦେବତାମାନଙ୍କ ପୁଞ୍ଜିଭୂତ ତେଜଶକ୍ତିରୁ ଆବିର୍ଭୂତା ହୋଇ ଦେବୀ କେବଳ ଶୁମ୍ଭନିଶୁମ୍ଭ ନୁହଁନ୍ତି, ମହିଷାସୁର, ଚଣ୍ଡ-ମୁଣ୍ଡ, ରକ୍ତବୀର୍ଯ୍ୟ ଆଦି ଉତ୍ପୀଡନକାରୀ ଅସୁରମାନଙ୍କୁ ସଂହାର କରି ବିଶ୍ୱବ୍ରହ୍ମାଣ୍ଡକୁ ସେମାନଙ୍କ ଅତ୍ୟାଚାରରୁ ରକ୍ଷା କରିଥିଲେ। ଜଗତ୍‌ଜନନୀ ମା' ଦୁର୍ଗା ହେଉଛନ୍ତି ଆଦ୍ୟାଶକ୍ତି, ବିଶ୍ୱରୂପା ସେ ଦୁର୍ଗତିନାଶିନୀ, ସଙ୍କଟହାରିଣୀ ବୋଲି ଆମେ ତାଙ୍କର ଆରାଧନା କରିଥାଉ। ଭାରତର ବିଭିନ୍ନ କୋଣରେ ଏହି ମହାଶକ୍ତି ଭିନ୍ନଭିନ୍ନ ନାମରେ କାଶ୍ମୀରର ମାତା ବୈଷ୍ଣୋଦେବୀଙ୍କ ଠାରୁ ଆରମ୍ଭ କରି କନ୍ୟାକୁମାରୀର କୁମାରୀ ଦେବୀଙ୍କ ପର୍ଯ୍ୟନ୍ତ ବିଭିନ୍ନ ଶକ୍ତିପୀଠରେ ପୂଜିତ ହୋଇଆସୁଛନ୍ତି। ଦେବୀଙ୍କର ଯେଉଁ ଅସୁର ବିମର୍ଦ୍ଦିନୀ ରୂପ ରହିଛି ସେ ମଧ୍ୟରେ ମହିଷାମର୍ଦ୍ଦିନୀ ରୂପ ସର୍ବଜନବିଦିତ ଓ ଶାରଦୀୟ ଦଶହରା ପର୍ବରେ ଦେବୀଙ୍କର ରୂପ ହେଉଛି ମହିଷାମର୍ଦ୍ଦିନୀ।

ମହିଷାସୁର ଥିଲା ପ୍ରଚଣ୍ଡ ଶକ୍ତିଶାଳୀ ଅସୁର। ତା'ର ଅତ୍ୟାଚାରରେ ଅତିଷ୍ଠ ଦେବଗଣଙ୍କ ସମ୍ମିଳିତ ତେଜଶକ୍ତିରୁ ସଂଭୂତା ଦେବୀ ଦୁର୍ଗା ସମସ୍ତ ଦେବତାମାନଙ୍କ ଅସ୍ତ୍ରଶସ୍ତ୍ର ଧରି ପ୍ରବଳ ପ୍ରତାପୀ ଏହି ଅସୁରକୁ ମାରିବା ପାଇଁ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ। ଦେବୀଙ୍କ ସହ ମହିଷାର ଯୁଦ୍ଧ ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରୁ ଆରମ୍ଭ ହୋଇ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଚାଲିଥିଲା। ଦେବୀଙ୍କ ଅଭୂତପୂର୍ବ ଶକ୍ତି ନିକଟରେ ମହିଷାସୁରର ସମସ୍ତ ମାୟା ଓ ପରାକ୍ରମ ବ୍ୟର୍ଥ ହୋଇଥିଲା। ଶେଷରେ ତା' ସମେତ ଅସୁରବଂଶ ମହାଶକ୍ତି ମହାତେଜୋମୟୀ ମା'ଦୁର୍ଗାଙ୍କ ହସ୍ତରେ ନିହତ ହୋଇଥିଲେ। ସେଥିପାଇଁ ସମଗ୍ର ଭାରତ ବର୍ଷରେ ବିଜୟାଦଶମୀ ଅଫୁରନ୍ତ ଉତ୍ସାହ ଓ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଆସୁଅଛି। ଦେବୀ ଭାଗବତରେ ଏକଥା ମଧ୍ୟ ବର୍ଣ୍ଣିତ ଯେ ପ୍ରଭୁ ଶ୍ରୀରାମଚନ୍ଦ୍ର ପ୍ରବଳ ପ୍ରତାପୀ ରାକ୍ଷସ ରାବଣର ନିଧନ ନିମିତ୍ତ ଶରତକାଳରେ ଦେବୀ ଦୁର୍ଗାଙ୍କର ଆରାଧନା କରିଥିଲେ। ତାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ମାତା ଦୁର୍ଗା ସହାୟତା କରିଥିଲେ ଯଦ୍ୱାରା ରାମ ରାବଣ ମହାଯୁଦ୍ଧରେ ରାବଣର ନିଧନ ଘଟିଥିଲା ଓ ଶ୍ରୀରାମଚନ୍ଦ୍ର ଲଙ୍କାଜୟ କରିଥିଲେ। ତେଣୁ ପ୍ରଭୁ ରାମଚନ୍ଦ୍ର ଦଶମୀ ଦିନ ବିଜୟାଦଶମୀ ପାଳନ କରିଥିଲେ। ଏହିସବୁ ଦୃଷ୍ଟିରୁ ଶାରଦୀୟ ଦଶହରା ଉତ୍ସବ ପାଳନର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଦେବୀ ଉପାସନା ବା ମାତୃପୂଜା। ଏହାଏକ ସାର୍ବଜନୀନ ପୂଜା ଓ ଭାରତରେ ସର୍ବତ୍ର ମହାସମାରୋହରେ ପାଳନ କରାଯାଏ। ଓଡ଼ିଶାରେ ମଧ୍ୟ ଆମର ଗାରିମାମୟ ପରମ୍ପରା ତଥା ସଂସ୍କୃତି ମଧ୍ୟରେ ସମସ୍ତ ରକ୍ଷଣଶୀଳତା ଓ ସଂକୀର୍ଣ୍ଣତାକୁ ଏଡାଇ ଦଶହରା ପର୍ବ ବର୍ଷବର୍ଷ ଧରି ପାଳିତ ହୋଇଆସୁଅଛି। ମହାସପ୍ତମୀ ଦିନ ମୃଣ୍ମୟୀ ପ୍ରତିମା ଓ ଘଟ ସ୍ଥାପନା କରାଯାଇ ପୂଜା ଆରମ୍ଭ ହୋଇଥାଏ ଓ ଦଶମୀ ଦିନ ମୃଣ୍ମୟୀ ଦେବୀ ପ୍ରତିମା ଓ ଘଟ ବିସର୍ଜନ କରାଯାଏ।

ବର୍ତ୍ତମାନ ସମୟରେ ଆମର ସାମାଜିକ ଜୀବନ କ୍ଷେତ୍ରରେ ହିଂସ୍ରଭାବ, ଆସୁରିକ ଆଚରଣ ଓ ଅତ୍ୟାଚାର ଇତ୍ୟାଦି ବଢ଼ିଚାଲୁଥିବା ପରିଲକ୍ଷିତ ହେଉଛି। ଅନ୍ୟାୟ, ଅସତ୍ୟ ଓ ଅଧର୍ମର ରାସ୍ତା ଆପଣେଇବା ସାଧାରଣ କଥା ବୋଲି ବିଚାର କରାଯାଉଛି। ଆମେ ସୁଦୃଶ୍ୟ ମଣ୍ଡପ, ତୋରଣ ନିର୍ମାଣ କରି, ଦେବୀ ଦୁର୍ଗାଙ୍କୁ ସ୍ଥାପିତ କରି, ବିଭିନ୍ନ ବସ୍ତ୍ର ଆଭୂଷଣରେ ସଜାଇ, ଆଲୋକମାଳାରେ ପୂଜା ସ୍ଥାନ ସଜ୍ଜିତ କରି ମା'ଙ୍କର ପୂଜା କରିଥାଉ। ସୁଖ, ଶାନ୍ତି, ସମୃଦ୍ଧିର ସହ ଜୀବନ ବିତେଇବା ସହିତ ସଂଘର୍ଷକୁ ସାମ୍ନା କରିବା ପାଇଁ ଆମକୁ ଶକ୍ତି ଦେବା ପାଇଁ ମା' ଦୁର୍ଗାଙ୍କ ପାଖରେ ଆକୁଳତାର ସହ ବିନତି କରୁ। କିନ୍ତୁ ମାତୃପୂଜାର ଏହି ମହାନ୍ ଶାରଦୀୟ ପର୍ବ ପାଳନର ସାରତତ୍ତ୍ୱ କେବଳ ଦେବୀ ଉପାସନା ନୁହେଁ। ଦେବୀ ଦୁର୍ଗାଙ୍କ ଆବିର୍ଭାବ ଓ ମହିଷାସୁର ନିଧନ ସମ୍ବନ୍ଧରେ ଯେଉଁ ପୌରାଣିକ ବିଷୟ ରହିଛି ତା'ର ଅନ୍ତର୍ନିହିତ ତତ୍ତ୍ୱ ମଧ୍ୟ ଏହା ଯେ ଆମେ ଆଜୀବନ ଧର୍ମର ପଥ ଅନୁସରଣ କରି ଅଧର୍ମର ବିନାଶ ନିମିତ୍ତ କାର୍ଯ୍ୟ କରିବାକୁ ସାହସ ରଖିବା। ଆତ୍ମସଂଯମ ଆଚରଣ ପୂର୍ବକ ମନରୁ ସମସ୍ତ ଭୟ, ଉଦ୍‌ବେଗ ହଟାଇ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବା। ଅନ୍ୟାୟ, ଅତ୍ୟାଚାରରେ ପୀଡିତ ମଣିଷମାନଙ୍କ ପ୍ରତି ଆମ ଅନ୍ତରରେ ସ୍ନେହ ଶ୍ରଦ୍ଧାର ଭାବ ଉଦ୍ରେକ କରିବା ଓ ସେମାନଙ୍କର ଦୁଃଖକଷ୍ଟ ଲାଘବ କରିବା ନିମନ୍ତେ ଯଥାଶକ୍ତି ଚେଷ୍ଟା କରିବା। ଚତୁର୍ଦ୍ଦିଗରେ ବଢୁଥିବା ଅଶାନ୍ତି, ଅନାସ୍ଥା, ଅବିଶ୍ୱାସ, ଅସନ୍ତୋଷ ଓ ଆତଙ୍କର ବାତାବରଣକୁ ସକାରାତ୍ମକ ମନୋଭାବ ନେଇ ପରିବର୍ତ୍ତନ କରିବା ପାଇଁ ଯଥାସମ୍ଭବ ଉଦ୍ୟମଶୀଳ ହେବା।

ଆସୁରିକ ଶକ୍ତି ଉପରେ ଦେବଶକ୍ତିର ବିଜୟ ପାଇଁ ଶକ୍ତିର ଆବାହନ କରିବା ଏହି ଉତ୍ସବ ପାଳନର ଆନ୍ତରିକ ଉଦ୍ଦେଶ୍ୟ ହେଉ। ଆମର ସମସ୍ତ କାର୍ଯ୍ୟ ପବିତ୍ର ହେବା ସହିତ ମୈତ୍ରୀ, ଭ୍ରାତୃଭାବ ଓ ସମନ୍ୱୟର ଭାବଧାରା ଉପରେ ପର୍ଯ୍ୟବେସିତ ହେଉ। ଏଥିପାଇଁ କରୁଣାମୟୀ ଜଗତ୍‌ଜନନୀ ମା'ଦୁର୍ଗା ଆମ ସମସ୍ତଙ୍କୁ ଶକ୍ତି ପ୍ରଦାନ କରନ୍ତୁ। ଆମ ଜୀବନ ଆଧ୍ୟାତ୍ମିକ ପ୍ରେରଣାରେ ଉଦ୍‌ବୁଦ୍ଧ ହେଉ। ଏହାହିଁ ତାଙ୍କ ନିକଟରେ ପ୍ରାର୍ଥନା।

ବଡଗଡ଼, ଭୁବନେଶ୍ୱର

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

କେତେ ଲାଭ ...

ପ୍ରକାଶିତ ଏକ ଲେଖା ଓଡ଼ିଶାରେ ରାଜନୈତିକ ଝଡ଼ ସୃଷ୍ଟି କରିଛି। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହାଙ୍କ ୧୨୦+ ଗଣିତ ଚନ୍ଦନଙ୍କ ଲେଖା ପ୍ରକାଶ ପରେ ଆଶଙ୍କା ସୃଷ୍ଟି କରିଛି। ଯାହାକୁ ନେଇ ରାଜ୍ୟ ବିଜେପି ନେତାମାନେ ମଧ୍ୟ ଅଡୁଆରେ ପଡିଛନ୍ତି। ବିଜେପି କହିଛି ଚନ୍ଦନଙ୍କ ଲେଖା ପଛରେ କିଛି ଷଡଯନ୍ତ୍ର ରହିଛି ଏବଂ ଏଥିରେ ବିଜେଡିର ହାତ ରହିଛି। ଯାହାକୁ ଖଣ୍ଡନ କରିଛି ବିଜୁ ଜନତା ଦଳ। ବିଜେପିକୁ କଡା ଜବାବ ଦେଇ ବିଜେଡି ମୁଖପାତ୍ର ଅମର ଶତପଥୀ କହିଛନ୍ତି, ୨୦୦୯ରେ ବିଜେଡି-ବିଜେଡି ମେଣ୍ଟ ଭାଙ୍ଗିବା ପରେ ସେତେବେଳେ ଓଡ଼ିଶାରେ ବିଜେପିର ରାଜ୍ୟ ପ୍ରଭାରୀ ଥିଲେ ଚନ୍ଦନ ମିତ୍ର। ତେଣୁ ଶ୍ରୀ ମିତ୍ରଙ୍କ କଥାରେ ଦମ୍ ରହିଥିବା କଥା କହିଛନ୍ତି ଶ୍ରୀ ଶତପଥୀ। ଏଭଳି ପରିସ୍ଥିତି ବିଜେଡି-ବିଜେପି ରାଜନୀତି ଛକାପଞ୍ଝା ସ୍ଥିତିରେ ପହଞ୍ଚିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଦୀର୍ଘଦିନର ନିରବତା ପରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ପୁଣିଥରେ ଚେଇଁ ଉଠି କଟକ-ଚୌଦ୍ୱାର ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ଚିଟ୍‌ଫଣ୍ଡ ଲିଙ୍କ୍‌ର ଗିରଫ କରି ମାରାଥନ ଜେରା କରିଥିଲା। ଏହାକୁ ନେଇ ବିଜୁ ଜନତା ଦଳ ଅସନ୍ତୋଷବ୍ୟକ୍ତ କରିଥିବା ବେଳେ ଅନ୍ୟଏକ ଘଟଣାରେ ଅକଳରେ ପଡିଗଲା ସିବିଆଇ। ଯେଉଁଥିପାଇଁ ସିବିଆଇ ନାଁରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ମଧ୍ୟ ଦାୟର ହୋଇ ସିବିଆଇକୁ ନୋଟିସ୍ ଜାରି କରାଯାଇଛି। ଉଲ୍ଲେଖଯୋଗ୍ୟ, ସିବିଆଇ ଅଧିକାରୀମାନେ ଗତ ମଙ୍ଗଳବାର ମଧ୍ୟରାତ୍ରିରେ ଓଡ଼ିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତି ଚିତ୍ତରଞ୍ଜନ ଦାସଙ୍କ ବାସଭବନକୁ ଯିବା ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଶାସକ ବିଜୁ ଜନତା ଦଳ ଅଭିଯୋଗ କରିଛି ଯେ, ସିବିଆଇ ଅଧିକାରୀ ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କୁ ଧମକାଇବାକୁ ଯାଇଥିଲେ। ଚିଟ୍‌ଫଣ୍ଡ ମାମଲାରେ କାହାରିକୁ ଯେପରି ଜାମିନ୍ ନମିଳେ ଏଥିପାଇଁ ଏଭଳି କରାଯାଇଛି ବୋଲି କହିଛନ୍ତି ବିଜେଡି ବିଧାୟକ ତଥା ଦଳର ସାଧାରଣ ସମ୍ପାଦକ ଦେବାଶିଷ ସାମନ୍ତରାୟ। ଯେହେତୁ ପୂର୍ବରୁ ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ଗିରଫ କରିଥିବା ଅନେକଙ୍କୁ ଜାମିନ୍ ମିଳିସାରିଛି। ତେଣୁ ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି କରାଯାଉଥିବା ଅଭିଯୋଗ କରିଛନ୍ତି ଶ୍ରୀ ସାମନ୍ତରାୟ।

କୁହାଯାଉଛି, ଲକ୍ଷ୍ନୌର ଏକ ମେଡିକାଲ କଲେଜ ମାମଲାର ତଦନ୍ତ ନିମନ୍ତେ ସିବିଆଇ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଆଇଏମ୍ କୁଦ୍ଦୁସୀଙ୍କ ଘରେ ଚଢ଼ାଉ ପାଇଁ କଟକ ଆସିଥିଲା। ଜଷ୍ଟିସ କୁଦ୍ଦୁସୀ ରହୁଥିବା ସରକାରୀ ବାସଭବନରେ ଏବେ ହାଇକୋର୍ଟର କାର୍ଯ୍ୟରତ ବିଚାରପତି ଶ୍ରୀ ଦାସ ରହୁଥିବାରୁ ସିବିଆଇ ଅଧିକାରୀମାନେ ସେଠାରେ ପ୍ରବେଶ କରିଥିଲେ। ତେବେ ଜଷ୍ଟିସ ଦାସଙ୍କ ପରିଚୟ ପାଇବା ପରେ ସମ୍ପୃକ୍ତ ସିବିଆଇ ଅଧିକାରୀମାନେ କ୍ଷମା ମାଗି ଫେରି ଆସିଥିଲେ। ହେଲେ ଏହି ସମୟ ମଧ୍ୟରେ କମିଶନରେଟ୍ ପୋଲିସ ପିସିଆର ଭ୍ୟାନ୍ ପହଞ୍ଚିଥିଲା ଓ ପୋଲିସ ସେମାନଙ୍କ ପରିଚୟ ପାଇଥିଲା। ହେଲେ ଏହି ଘଟଣାକୁ ନେଇ ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଛି। ହାଇକୋର୍ଟ ବାର ଆସୋସିଏସନ ଏ ପ୍ରସଙ୍ଗକୁ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଅଦାଲତ ହସ୍ତକ୍ଷେପ ଲୋଡିଛନ୍ତି। ସମଗ୍ର ରାଜ୍ୟର ଆଇନ୍‌ଜୀବୀଙ୍କ ମଧ୍ୟରେ ଏହା ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

ଅନ୍ୟପକ୍ଷରେ ସି-ସୋର ଚିଟ୍‌ଫଣ୍ଡ ମାମଲାରେ ଗିରଫ ହୋଇ ରିମାଣ୍ଡରେ ଥିବା ବିଧାୟକ ଶ୍ରୀ ବିଶ୍ୱାଳ ସିବିଆଇ ପ୍ରଶ୍ନର ସମ୍ମୁଖୀନ ବେଳେ ସଠିକ୍ ଉତ୍ତର ରଖି ନପାରି ବାଉଳା ହେଉଥିବା ଜଣାପଡିଛି। ସିବିଆଇ ହାତରେ ପ୍ରଭାତଙ୍କ ସାମ୍ରାଜ୍ୟର ବହୁ ତଥ୍ୟ ଓ ସି-ସୋର କିଭଳି ରାଜ୍ୟର ହଜାର ହଜାର ଅଧିକାରୀଙ୍କ ଟଙ୍କା ହଡପ କରୁଥିଲା ତାହାର ପ୍ରଥମେ ରହିଛି। ସି-ସୋର ମୁଖ୍ୟ ପ୍ରାନ୍ତ ଦାଶଙ୍କ ସହ ପ୍ରଭାତଙ୍କ ଟଙ୍କା କାରବାରର ଅନେକ ଗୁମର ଖୋଲୁଛି ସିବିଆଇ। ଏହି ମାମଲାରେ ପ୍ରଶାନ୍ତଙ୍କୁ ପୁଣି ଥରେ ରିମାଣ୍ଡରେ ଆଣିବାକୁ ସିବିଆଇ ଯୋଜନା କରୁଥିବା ଜଣାପଡିଛି। ଏଭଳି ସ୍ଥିତିରେ ବିଜେଡି ସାଂସଦ ତଥା ଦଳର ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଟାର୍ଗେଟ କରିଛି ରାଜ୍ୟ ବିଜେପି। ଚିଟ୍‌ଫଣ୍ଡ ଘୋଟଣା ଶ୍ରୀ ଆଚାର୍ଯ୍ୟ ସମ୍ପୃକ୍ତ ଓ ତାଙ୍କୁ ସିବିଆଇ ତଦନ୍ତ ପରିସରଭୁକ୍ତ କରୁ ବୋଲି ବିଜେପି ବିଧାୟକ ପ୍ରଦୀପ ପୁରୋହିତ ଦାବି କରିଛନ୍ତି। ବିଜେପିର ଏଭଳି ଅଭିଯୋଗକୁ ସିଧାସଳଖ ଖଣ୍ଡନ କରିବା ସହ ଏହାର ଜବାବରେ ପ୍ରସନ୍ନ କହିଛନ୍ତି, ବିଜେପି ପାଖରେ ତଥ୍ୟ ଥିଲେ ପ୍ରକାଶ କରୁ। ସେ ଯେକୌଣସି ତଦନ୍ତର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଅଛନ୍ତି। ହେଲେ ଏ ସମସ୍ତ ଘଟଣାରେ ବିଜେଡିକୁ ଫାଇଦା ମିଳିଛି ବୋଲି ମଧ୍ୟ ରାଜନୈତିକ ମହଲରେ ଆଲୋଚନା ହେଉଛି।

ଛକାପଞ୍ଝା ...

ଏହାକୁ ନେଇ ବିରୋଧୀ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି କହିଛନ୍ତି କଂଗ୍ରେସ ବିଧାୟକ ସ୍ୱର୍ଗତ ସୁବଳ ସାହୁଙ୍କ ପରିବାର ବିଜେଡି ନିକଟରେ ବିକ୍ରି ହୋଇଗଲେ। ହେଲେ କଂଗ୍ରେସ ନିଜକୁ ଅଧିକ ସଂଗଠିତ କରି ସେଠାରେ ନିର୍ବାଚନ ଲଢ଼ିବ ବୋଲି କହିଛନ୍ତି ଶ୍ରୀ ବାହିନୀପତି

ସୂଚନାଯୋଗ୍ୟ, ଆଗାମୀ ବିଜେପୁର ଉପନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ନିଜକୁ ପ୍ରସ୍ତୁତ କରିସାରିଲେଣି। ସେଠାରେ ଯେଉଁ ଦଳ ୪୦%ରୁ ଅଧିକ ଭୋଟ ହାତେଇବ ସେହି ଦଳର ବିଜୟ ଅପେକ୍ଷାକୃତ ସହଜ ହେବ ବୋଲି ଜଣାପଡିଛି। ତେବେ ଏହି ଉପନିର୍ବାଚନରେ କୌଣସି ରାଜନୈତିକ ଦଳ ପାଇଁ ବିଜୟ ସେତେଟା ସହଜ ହେବ ନାହିଁ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ବିଜେପୁର ବିଧାନସଭା ଉପନିର୍ବାଚନ କୌଣସି ରାଜନୈତିକ ଦଳ ପାଇଁ ବିଜୟ ଏତେଟା ସହଜ ହେବନାହିଁ। ଅନ୍ୟପକ୍ଷରେ ପଞ୍ଚାୟତ ନିର୍ବାଚନରେ ଏଠାରେ ୭ରୁ ୬ଟି ଆସନ ହାତେଇ ଉତ୍ତମ ପ୍ରଦର୍ଶନ କରିଥିବା ବିଜେପି ମଧ୍ୟ ଏହି ଆସନ ଉପରେ ନଜର ରଖିଛି। ୨୦୧୯ ନିର୍ବାଚନ ପର୍ଯ୍ୟନ୍ତ ତା'ର ସଫଳତାକୁ ବଜାୟ ରଖିବା ଲାଗି ରଣନୀତି ପ୍ରସ୍ତୁତ କରୁଛି। ୨୦୧୪ରେ ଦଳୀୟ ଟିକଟରୁ ବଞ୍ଚିତ ହୋଇ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ବିରୋଧରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ି ୧୯ ହଜାର ଭୋଟ ପାଇଥିବା ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରହୀଙ୍କୁ ବିଜେପି ଦଳକୁ ଆଣି ଟିକଟ ଦେବାକୁ ଯୋଜନା କରୁଥିବା ସୂଚନା ଦେଇଛନ୍ତି ବିଧାୟକ ପ୍ରଦୀପ ପୁରୋହିତ। ସେତେବେଳେ ଦଳୀୟ ଶୃଙ୍ଖଳା ଭଙ୍ଗ କରିଥିବାରୁ ବିଜେଡି ଶ୍ରୀ ପାଣିଗ୍ରାହୀଙ୍କୁ ଦଳରୁ ନିଲମ୍ବିତ କରିଛି। ଯଦି ଏଥର ମଧ୍ୟ ବିଜେଡି ତାଙ୍କୁ ଟିକଟ ନ ଦିଏ, ତେବେ ସେ ନିର୍ବାଚନ ଯେମିତି ହେଲେ ବି ଲଢିବେ ବୋଲି ସୂଚନା ଦେଇଛନ୍ତି। ଏପରିକି ବିଜେପି ପକ୍ଷରୁ ମଧ୍ୟ ପ୍ରାର୍ଥୀ ହେବା ନେଇ ଚାଲିଥିବା ଆଲୋଚନାକୁ ସେ ଖଣ୍ଡନ କରିନାହାନ୍ତି। ବିଜେଡିରୁ ନ ମିଳିଲେ ସେ ବିଜେପିକୁ ଯାଇପାରନ୍ତି ବୋଲି ମଧ୍ୟ ପରୋକ୍ଷ ଇଙ୍ଗିତ କରିଛନ୍ତି। ଅଶୋକଙ୍କର ଏଠାରେ ଭଲ ସଂଗଠନ ରହିଛି। ଅଶୋକଙ୍କ ସଂଗଠନ ଓ ବିଜେପିର ଦଳୀୟ ଭୋଟକୁ ଆଧାର କରି ଦଳ ଏଠାରେ ପଦ୍ମ ଫୁଟାଇବା ଆଶା ରଖିଛି। ଅନ୍ୟପକ୍ଷରେ ୨୦୦୪ରୁ ବିଜେପୁରକୁ କଂଗ୍ରେସର ଦୁର୍ଗକରି ରଖିଥିବା ସୁବଳ ସାହୁଙ୍କ ମୃତ୍ୟୁପରେ ତାଙ୍କ ପରିବାର ସଦସ୍ୟଙ୍କୁ କଂଗ୍ରେସ ଲଢାଇବା ନେଇ ଯେଉଁ ଲକ୍ଷ୍ୟ ରଖିଥିଲା ତାହା ବିଜେଡିର ଗୋଟିଚାଳନା ପରେ ଫିକା ପଡିଛି। ସେହି ଦୃଷ୍ଟିରୁ କଂଗ୍ରେସ ମଧ୍ୟ ଏଠାରେ ଏକ ବିକଳ୍ପ ପ୍ରାର୍ଥୀ ଦେଇ ଲଢାଇକୁ ଅଧିକ ଜୋରଦାର କରିବାକୁ ଯୋଜନା କରୁଛି।

ସେହିପରି ଏହି ନିର୍ବାଚନମଣ୍ଡଳୀ ବରପାଲି, ବିଜେପୁର ଓ ଗାଇସିଲେଟ ବ୍ଲକକୁ ନେଇ ଗଠିତ। ବିଜେପୁର ଓ ଗାଇସିଲେଟ ଅଣଜଳସେଚିତ ଓ ଚିର ମରୁଡ଼ିଗ୍ରସ୍ତ। ବରପାଲି ସମ୍ପୂର୍ଣ୍ଣ ଜଳସେଚିତ। ଉଭୟ ଅଞ୍ଚଳର ସମସ୍ୟା ଭିନ୍ନ ଭିନ୍ନ। ବିଜେପୁର ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ଭୋଟର ଚାଷୀ ଏବଂ ଦ୍ୱିତୀୟ ସର୍ବାଧିକ ବୁଣାକାର। ଆଦିବାସୀଙ୍କ ସ୍ଥାନ ତୃତୀୟରେ। ବିଗତବର୍ଷରେ ଶାସକ ଦଳ ଏହି ବର୍ଗର ଲୋକଙ୍କ ପାଇଁ ବିଶେଷ କିଛି କରିଥିବା ଅଞ୍ଚଳବାସୀ ହୃଦବୋଧ କରୁନାହାନ୍ତି। ବିଜେପୁର ଓ ଗାଇସିଲେଟ ଅଞ୍ଚଳରେ ଜଳସେଚନର ବ୍ୟବସ୍ଥା କରିବା, ଫସଲହାନି କ୍ଷତିପୂରଣ ପ୍ରଦାନରେ ଅବହେଳା, ଋଣଗ୍ରସ୍ତ ଚାଷୀଙ୍କ ଆତ୍ମହତ୍ୟା, ଦାଦନ ସମସ୍ୟା ଆଦି ଲାଗି ରହିଛି। ବୁଣାକାର ସଂପ୍ରଦାୟ ସନ୍ତୁଷ୍ଟ ନଥିବା ଜଣାପଡିଛି। ଦୀର୍ଘଦିନରୁ ବରପାଲି ଠାରେ ହସ୍ତତନ୍ତପାର୍କ ଗଠନ ପାଇଁ ପ୍ରସ୍ତାବ ରହିଥିଲେ ହେଁ ଏ ପର୍ଯ୍ୟନ୍ତ ତାହା ବାସ୍ତବ ରୂପ ନେଇପାରିନାହିଁ। ସେହିପରି ବୁଣାକାରମାନଙ୍କୁ ନେଇ ଗଠିତ ବାଲିଯୋରୀ ହାଟର ସ୍ୱପ୍ନ ଦେଖାଇଥିଲେ, ତାହା ପୂରଣ ହୋଇନି। ବରପାଲି ମାଟିର ସୁପୁତ୍ର ଗଙ୍ଗାଧରଙ୍କ ନାଁରେ ବୁଣାକାର ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି କୁହାଯାଇଥିଲା; ହେଲେ ସେଥିରୁ ଗଙ୍ଗାଧରଙ୍କ ନାମ ବାଦ୍ ପଡ଼ିଛି। ଏସବୁ ପ୍ରସଙ୍ଗ ନେଇ ବୁଣାକାର ମହଲରେ ଅସନ୍ତୋଷ ଲାଗି ରହିଛି। ବିଜୟ ରଞ୍ଜନ ସିଂ ବରିହା ଆଦିବାସୀ କଲ୍ୟାଣ ମନ୍ତ୍ରୀ ଥିବାବେଳେ ଏ ଅଞ୍ଚଳରେ କିଛିଟା ଆଦିବାସୀ ଛାତ୍ରାବାସ ନିର୍ମାଣ ହୋଇଥିଲା। ଏହାକୁ ଛାଡ଼ିଦେଲେ ଆଦିବାସୀମାନଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ବିଶେଷ କିଛି ହୋଇନାହିଁ।

ମରୁଡି ଅଞ୍ଚଳ ...

କମ୍ ବର୍ଷା ହୋଇଥିବା ଜଣାପଡିଛି। ୩ଟି ବ୍ଲକ୍‌ରେ ବର୍ଷା ପରିମାଣ ୪୧% ଛୁଇଁନାହିଁ। ୨୫ଟି ବ୍ଲକ୍‌ରେ ୩୯%ରୁ ୫୯% କମ୍ ବର୍ଷା ହୋଇଛି, ୭୪ଟି ବ୍ଲକ୍‌ରେ ବର୍ଷା ପରିମାଣ ୧୯%ରୁ ୩୯% କମ୍। ତେବେ ଗତ କିଛିଦିନ ମଧ୍ୟରେ ବର୍ଷା ହୋଇଥିବା ଯୋଗୁଁ ୭ଟି ବ୍ଲକ୍‌ରେ ପରିସ୍ଥିତି ଉନ୍ନତି ଘଟିଛି। କମ୍ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ବ୍ୟାହତ ହୋଇଥିବା ସୂଚନା ମିଳିଛି। ଏଥିପାଇଁ ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଜିଲ୍ଲାପାଳଙ୍କୁ କୁହାଯାଇଥିଲା। ମାତ୍ର ପଞ୍ଚାୟତସ୍ତରରୁ ବର୍ଷା ପରିମାଣ ଆକଳନ କରାଯାଉଥିବାରୁ ଜିଲ୍ଲାରେ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରସ୍ତୁତ ହୋଇନାହିଁ। ଆସନ୍ତା ୧୦ ତାରିଖ ପୂର୍ବରୁ ଜିଲ୍ଲାପାଳମାନଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଏହି ବୈଠକରେ ମରୁଡ଼ି ସଂକ୍ରାନ୍ତରେ ସରକାର ନିଷ୍ପତ୍ତି ନେବେ। ଫସଲକଟା ରିପୋର୍ଟ ଆଧାରରେ ମରୁଡ଼ି ଘୋଷଣା କରାଯାଉଥିବାବେଳେ ଏହି ରିପୋର୍ଟ ଆସିବାକୁ ଢ଼େର ବିଳମ୍ବ ରହିଛି। ମାତ୍ର ଚାଷୀମାନଙ୍କ ସମସ୍ୟା ଦୃଷ୍ଟିରୁ ଏହି ରିପୋର୍ଟକୁ ଅପେକ୍ଷା ନ କରି 'ଡ୍ରାଏ ସ୍ପେଲ୍' ଆଧାରରେ ମରୁଡ଼ିଘୋଷଣା କରାଯିବାକୁ ବ୍ୟବସ୍ଥା ହୋଇଛି। କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରାଳୟ ମାର୍ଗଦର୍ଶିକା ଅନୁସାରେ ମରୁଡ଼ି ଅନୁଧ୍ୟାନ ନିମନ୍ତେ ଓସ୍‌ଡ଼ମା ପରିଚାଳନା ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମରୁଡ଼ି ଅନୁଧ୍ୟନ ସେଲ(ଏସ୍‌ଡ଼ିଏମ୍‌ସି) ଗଠନ ହୋଇଛି। ରିପୋର୍ଟ ମିଳିବା ପରେ ଏସ୍‌ଡ଼ିଏମ୍‌ସି ଏ ସମ୍ପର୍କରେ ଅନୁଧ୍ୟାନ କରି ମରୁଡ଼ି ଘୋଷଣା ସଂକ୍ରାନ୍ତରେ ପଦକ୍ଷେପ ଗ୍ରହଣ କରିବ। ରାଜ୍ୟରେ ପ୍ରଥମଥର ପାଇଁ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଛି ଏବଂ ଏହାଦ୍ୱାରା ଚାଷୀମାନେ ଉପକୃତ ହେବେ ଓ ମରୁଡ଼ିଜନିତ କ୍ଷତିପୂରଣ ପାଇବା ସେମାନଙ୍କ ପାଇଁ ସହଜ ହେବ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

ଦାଉଦ ...

ଧରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଭାରତ ସରକାରଙ୍କ ଚେଷ୍ଟା ଯୋଗୁ ବ୍ରିଟେନ ଓ ଆରବ ଦେଶଗୁଡିକ ଦାଉଦ୍‌ର କୋଟି କୋଟି ଟଙ୍କାର ସମ୍ପତ୍ତି ଜବତ କରିଛନ୍ତି।

ସୂଚନାଥାଉ କି, ୧୯୯୩ ମୁମ୍ବାଇ ବିସ୍ଫୋରଣର ପ୍ରମୁଖ ଅଭିଯୁକ୍ତ ଦାଉଦ୍ ଇବ୍ରାହିମ୍ ଏବେ ପାକିସ୍ତାନରେ ରହୁଥିବା ସ୍ୱୀକାର କରିଛି ତା'ର ଭାଇ ଇକ୍‌ବାଲ୍ କସ୍କର୍। ସେ ଏକ ଛିନ୍‌ତାଇ ମାମଲାରେ ସମ୍ପୃକ୍ତ ଥିବା ନେଇ ନିକଟରେ ଗିରଫ ହୋଇ ଏବେ ୮ ଦିନ ପାଇଁ ପୁଲିସ ହେପାଜତକୁ ଯାଇଛି। ଏହି ଅବସରରେ ସେ ଦାଉଦ୍ ସମ୍ପର୍କରେ କେତେକ ସୂଚନା ଦେଇଛି। ଇକ୍‌ବାଲ୍ ପୁଲିସର ଜେରା ବେଳେ କହିଛି ଯେ, ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପର ଠାରୁ ଦାଉଦ୍ ପାକିସ୍ତାନରେ ୪ ଥର ଘର ବଦଳାଇ ସାରିଲାଣି। ଯେଭଳି ତାକୁ ଠାବ କରାଯାଇ ନ ପାରିବ, ସେଥିପାଇଁ ଦାଉଦ୍ ଏପରି କରୁଛି। ପାକିସ୍ତାନରେ ତାକୁ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି। ଭାରତୀୟ ସୁରକ୍ଷା ଅଧିକାରୀମାନେ ଯେପରି ତା'ର କୌଣସି ଅଡିଓ ରେକର୍ଡିଂ କରିନପାରିବେ, ସେଥିପାଇଁ ସେ ଭାରତରେ ଥିବା ତା'ର ସମ୍ପର୍କୀୟମାନଙ୍କ ସହ ଫୋନ୍‌ରେ କଥା ହେବା ବନ୍ଦ କରିଦେଇଛି। ଦାଉଦ୍‌ର ଆଉ ଗୋଟିଏ ଭାଇ ଅନିଶ ଇବ୍ରାହିମ୍ ସହ ଇକ୍‌ବାଲ୍ ପ୍ରାୟ ଯୋଗାଯୋଗ ରଖୁଥିବା ସେ ସ୍ୱୀକାର କରିଛି। ଇକ୍‌ବାଲ୍ ଆହୁରି କହିଛି ଯେ, ଆମେରିକାରେ ଥିବା ଅନ୍ତର୍ଜାତୀୟ ସ୍ତରୀୟ ଆତଙ୍କବାଦୀଙ୍କର ଲାଟିନ୍ ଆମେରିକାର ଡ୍ରଗ୍ସ ବେପାରୀଙ୍କ ସହ ସମ୍ପର୍କ ରହିଛି। ଛିନ୍‌ତାଇ ର୍‍ୟାକେଟ୍‌ରେ ପଳାତକ ମାଫିଆ ଡନ୍‌ର କିଭଳି ସମ୍ପର୍କ ରହିଛି, ସେ ସମ୍ପର୍କରେ ପୁଲିସ ପକ୍ଷରୁ ଅନୁସନ୍ଧାନ ଚାଲିଥିଲା ବେଳେ ଇକ୍‌ବାଲ୍ ଅନେକ କିଛି ତଥ୍ୟ ପ୍ରକାଶ କରିଛି। ଇକ୍‌ବାଲ୍ ତା'ର ଭଉଣୀ ଘରେ ଟିଭି କାର୍ଯ୍ୟକ୍ରମ 'କୌନ୍ ବନେଗା କରୋଡ଼୍‌ପତି' ଦେଖିବା ସହ ବିରିଆନି ଖାଉଥିଲା ବେଳେ ପୁଲିସ ତାକୁ ଗିରଫ କରିଥିଲା। ୨୦୦୩ରେ ଇକ୍‌ବାଲ୍‌କୁ ସଂଯୁକ୍ତ ଆରବ ଏମିରେଟ୍ସରୁ ପ୍ରତ୍ୟର୍ପଣ କରି ଭାରତକୁ ଅଣାଯାଇଥିଲା। ସେ ତା'ର ଭାଇ ଦାଉଦ୍‌ର ମୁମ୍ବାଇରେ ଥିବା କାରବାର ସମ୍ଭାଳୁଥିଲା ବୋଲି କୁହାଯାଉଛି। ୧୯୯୩ ମୁମ୍ବାଇ ବିସ୍ଫୋରଣ ପରେ ପରେ ଦାଉଦ୍ ପାକିସ୍ତାନ ପଳାଇଯାଇଛି ଏବଂ କରାଚୀରେ କଡ଼ା ସୁରକ୍ଷା ବ୍ୟବସ୍ଥା ଭିତରେ ରହୁଛି। କରାଚୀରେ ଦାଉଦ୍‌ର ବାସଭବନର ଠିକଣା ହେଲା, ବଙ୍ଗଲୋ ନମ୍ବର- ଡି୧୩, ବ୍ଲକ୍ -୪, କ୍ଲିଫ୍‌ଟନ୍। ଦାଉଦ୍‌କୁ ଧରିବା ପାଇଁ ଭାରତ ପକ୍ଷରୁ ଉଦ୍ୟମ ଜାରି ରହିଛି। ତେବେ ସେ ପାକିସ୍ତାନରେ ନାହିଁ ବୋଲି ଇସ୍‌ଲାମାବାଦ ପକ୍ଷରୁ ବାରମ୍ବାର ସଫେଇ ଦିଆଯାଉଛି।

କ୍ରିୟାଶୀଳ ହେବ ଅଗ୍ନି ନିରାପତ୍ତା ଆଇନ୍

ଭୁବନେଶ୍ୱର : ଅଗ୍ନିକାଣ୍ଡଜନିତ କ୍ରମବର୍ଦ୍ଧିଷ୍ଣୁ ଧନ ଜୀବନହାନିକୁ ରୋକିବା ନେଇ ଓଡ଼ିଶା ଅଗ୍ନିଶମ ଅଧିନିୟମ-୧୯୯୩କୁ ଅଧିକ କ୍ରିୟାଶୀଳ କରାଯିବ। ଏଥିପାଇଁ ସରକାର ୨୨ ଧାରା ବିଶିଷ୍ଟ ଓଡ଼ିଶା ଅଗ୍ନିନିରୋଧ ଏବଂ ଅଗ୍ନି ନିରାପତ୍ତା ନିୟମାବଳୀ ପ୍ରଣୟନ କରିଛନ୍ତି। ପୂର୍ବରୁ ଆଇନ ଉଲ୍ଲଘଂନକାରୀଙ୍କ ବିରୋଧରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ବଳରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା। ଏଣିକି ନିୟମାବଳୀ ଆଧାରରେ ପଦକ୍ଷେପ ନିଆଯିବ। ଆଇନ ଉଲ୍ଲଘଂନକାରୀଙ୍କ ପାଇଁ ଏଥିରେ ଅର୍ଥଦଣ୍ଡ ଠାରୁ ଆରମ୍ଭ କରି ୬ ମାସ ପର୍ଯ୍ୟନ୍ତ ଜେଲଦଣ୍ଡ ବ୍ୟବସ୍ଥା ରହିଛି। ଅନୁଷ୍ଠାନର ଲାଇସେନ୍ସ ବାତିଲ, ସାମଗ୍ରୀ ଜବତ ଓ କୋଠା ସିଲ କରାଯାଇପାରିବ। ଅଗ୍ନିଶମ ବିଭାଗର ଅଧିକାରୀମାନେ ବହୁତଳ କୋଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ନିୟମିତ ଅନୁଧ୍ୟାନ କରିବେ। ଏହି ନିୟମାବଳୀ ପ୍ରଣୟନ ପ୍ରସ୍ତାବ ସହ ଓଡ଼ିଶା ପ୍ରଶାସନିକ ସେବା ଓ ଓଡ଼ିଶା ଅର୍ଥ ସେବାର ପୁନର୍ଗଠନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋହର ଲାଗିଛି। ଓଡ଼ିଶା ପ୍ରଶାସନିକ ସେବା କ୍ୟାଡରରେ ୧୫୩ ପଦ ବୃଦ୍ଧି କରାଯାଇଥିବା ବେଳେ ଅର୍ଥ ସେବାରେ ୭୩ଟି ପଦ ବୃଦ୍ଧି କରାଯାଇଛି। ଓଡ଼ିଶା ପରିବହନ ଯାନ୍ତ୍ରିକ ସେବାର ପୁନର୍ବିନ୍ୟାସ ଓ ଓଡ଼ିଶା ପରିବହନ ସେବାର ପ୍ରବର୍ତ୍ତନ ଏବଂ ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ବିକାଶ ପରିଷଦ ଗଠନକୁ ମଧ୍ୟ କ୍ୟାବିନେଟ ଅନୁମୋଦନ ମିଳିଛି ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ଆଦିତ୍ୟପ୍ରସାଦ ପାଢ଼ୀ କହିଛନ୍ତି, ସଂପ୍ରତି ଅଗ୍ନିକାଣ୍ଡ ଯୋଗୁ ଧନଜୀବନହାନି ହେଉଥିବା ବିଭିନ୍ନ ଅନୁଷ୍ଠାନ ଆଇନ ଅନୁଯାୟୀ ଅଗ୍ନି ନିରାପତ୍ତାଜନିତ ପଦକ୍ଷେପ ନେଇନଥିବା ଦେଖାଯାଇଛି। ଏହାକୁ ଗୁରୁତ୍ୱ ଦେଇ ଓଡ଼ିଶା ଅଗ୍ନି ନିରୋଧ ଏବଂ ଅଗ୍ନି ନିରାପତ୍ତା ନିୟମାବଳୀ ପ୍ରଣୟନ କରାଯାଇଛି।

ଏକମାତ୍ର
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୨୫ ସେପ୍ଟେମ୍ବର - ୦୧ ଅକ୍ଟୋବର, ୨୦୧୭
Bhubaneswar, 25th Sept. -01st October, 2017

ପବିତ୍ର ଶାରଦୀୟ
ଦୁର୍ଗାପୂଜା ଅବସରରେ
ଟିଟିଲାଗଡ଼
ପୌରାଞ୍ଚଳରେ ବସବାସ
କରୁଥିବା ସମସ୍ତଙ୍କ ସୁଖ
ସମୃଦ୍ଧି କାମନା କରିବା
ସହିତ ଆନ୍ତରିକ ଶୁଭେଚ୍ଛା
ଓ ଅଭିନନ୍ଦନ।

ଗୋବର୍ଦ୍ଧନ ନାଗ
ଅଧ୍ୟକ୍ଷ

ସନ୍ତୋଷ କୁମାର ବେହେରା
କାର୍ଯ୍ୟନିର୍ବାହୀ ଅଧିକାରୀ
ଟିଟିଲାଗଡ଼ ପୌରପରିଷଦ

ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ପାରାଦୀପ ପୌରାଞ୍ଚଳରେ ବସବାସ କରୁଥିବା ସମସ୍ତଙ୍କ ସୁଖ ସମୃଦ୍ଧି କାମନା କରିବା ସହିତ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ବସନ୍ତ ବିଶ୍ୱାଳ
ଅଧ୍ୟକ୍ଷ, ପାରାଦୀପ ପୌରପାଳିକା

ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ମା' ଦୁର୍ଗାଙ୍କ ନିକଟରେ ପାରାଦୀପବାସୀଙ୍କ ସୁଖ ସମୃଦ୍ଧି କାମନା କରିବା ସହିତ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।



ଜ୍ୟୋତିକାନ୍ତ ପରିଡା
ସଭାପତି
ପାରାଦୀପ ନିରାକାର ଡମ୍ପର ମାଲିକ ସଂଘ

କେନ୍ଦ୍ରାପଡ଼ା କ୍ରେଡ଼ିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ, କେନ୍ଦ୍ରାପଡ଼ା

- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି କାର୍ଯ୍ୟପରିସର ଅବିଭକ୍ତ କଟକ ଜିଲ୍ଲା ଯଥା-କେନ୍ଦ୍ରାପଡ଼ା ସମେତ ଜଗତସିଂହପୁର, ଯାଜପୁର ଓ କଟକ ଜିଲ୍ଲା ମଧ୍ୟରେ ସୀମିତ।
- ସଞ୍ଚୟ ଜମା (Saving Collection Account)ରେ ବାର୍ଷିକ ୪.୫% ସୁଧ Daily Balanceର ଉପରେ ଦିଆଯାଏ।
- ସ୍ଥାୟୀ ଜମା (Fixed Deposit)ରେ ୧ ବର୍ଷ ଓ ୩ ବର୍ଷରୁ କମ୍ ପାଇଁ ବାର୍ଷିକ ୯%, ୩ ବର୍ଷ ଓ ୫ ବର୍ଷରୁ କମ୍ ୯.୨୫% ଏବଂ ୫ ବର୍ଷ ଓ ତଦୁର୍ଦ୍ଧ୍ୱ ପାଇଁ ୯.୫୦% ସୁଧ ଦିଆଯାଏ।
- ବିଜୁ ପଟ୍ଟନାୟକ ବିକାଶପତ୍ର @୯.୫୦% ସୁଧ ହାରରେ ୭ ବର୍ଷ ୫ ମାସରେ ୨ ଗୁଣ ହୁଏ।
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ଭିନ୍ନକ୍ଷମ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତ ସାମ୍ବାଦିକ ଓ ବରିଷ୍ଠ ନାଗରିକ (Senior Citizen)ଙ୍କ ଜମା ଉପରେ ୦.୫% ଅଧିକ ସୁଧ ଦିଆଯାଏ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ।
- କେନ୍ଦ୍ରାପଡ଼ା ପୌରାଞ୍ଚଳର ମୁଖ୍ୟରାସ୍ତା ସଂଲଗ୍ନ ବିଦ୍ୟୁତ୍ ବିଭାଗ ଅଫିସ ସନ୍ନିକଟ କଜଳା ମୌଜାରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜମିରେ ସୋସାଇଟିର ସ୍ଥାୟୀ ଅଫିସ ଗୃହନିର୍ମାଣ କାର୍ଯ୍ୟ ଆରମ୍ଭ।
- ଗ୍ରାହକମାନଙ୍କ ପାଇଁ ସମିତିରେ ଟଙ୍କା ଦେଣନେଣ କାରବାର ସମ୍ପୂର୍ଣ୍ଣ କରମୁକ୍ତ।
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାନମଙ୍ଗଳା ଛକ, ଆଳି, ସାଲେପୁର, ପାରାଦୀପ, ଜଗତସିଂହପୁର, ଯାଜପୁର ଟାଉନ୍, ରାହାମା, ଚୌଦ୍ୱାର, ଜଗତପୁର ଓ ବାଲିଚନ୍ଦ୍ରପୁରଠାରେ ଶାଖା ସୂଚାରୁରୂପେ କାର୍ଯ୍ୟ କରୁଅଛି।

ପ୍ରହ୍ଲାଦ ସାହୁ
ସମ୍ପାଦକ
ମୋ.-୯୪୩୯୪୩୭୫୦୬

ପ୍ରମୋଦ ସାହୁ
ସଭାପତି
ମୋ.-୯୪୩୭୧୮୩୧୯୯

ଶାରଦୀୟ ଦୁର୍ଗାପୂଜା ଓ ଦଶହରା ଅବସରରେ ପରିବେଶର ସୁରକ୍ଷା ପାଇଁ ପାରାଦୀପବାସୀଙ୍କୁ ନିବେଦନ କରିବା ସହିତ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।

ଅୟସ୍କାନ୍ତ ରାୟ (ପପି)
ସଭାପତି, ପାରାଦୀପ ନାଗରିକ ମଞ୍ଚ

ଆଞ୍ଚଳିକ ଖବର

ଆଧୁନିକତା ସହ ବଞ୍ଚିଛି ପରମ୍ପରା

ସପ୍ତମ ବର୍ଷରେ ପଦାର୍ପଣ କରିଥିବା ଝାରପଡା ଦୁର୍ଗାପୂଜା ସମିତି ଦ୍ୱାରା ଆୟୋଜିତ ଦୁର୍ଗାପୂଜା ରାଜଧାନୀର ବହୁ ଚର୍ଚ୍ଚିତ ଦୁର୍ଗାପୂଜା। କାରଣ ଏଠାରେ ପ୍ରତିବର୍ଷ କିଛି ଭିନ୍ନ ଆକର୍ଷଣ ଶ୍ରଦ୍ଧାଳୁମାନଙ୍କୁ ବିମୋହିତ କରିଥାଏ। ଅତ୍ୟଧିକ ଜନସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେଉଥିବା ଝାରପଡା ଦୁର୍ଗାପୂଜା ସବୁ ଦୃଷ୍ଟିକୋଣରୁ ନିଆରା ଓ ଅନନ୍ୟ। ଏ ଅଞ୍ଚଳରେ ରହୁଥିବା ସମସ୍ତ ସମ୍ପ୍ରଦାୟର ସହଯୋଗ ଓ ଭାଇଚାରା ମଧ୍ୟରେ ଦୁର୍ଗାପୂଜାର ଆୟୋଜନ ବିଶେଷ ମହତ୍ୱ ରଖେ। ଐତିହ୍ୟ ଓ ପରମ୍ପରା ବହନ କରୁଥିବା ଝାରପଡା ଅଞ୍ଚଳ ଏଭଳି ଏକ ଦୁର୍ଲଭ ଦୁର୍ଗାପୂଜା ଆୟୋଜନ କରି ସ୍ମାର୍ଟସିଟିରେ ନୂଆ ଉଦାହରଣ ସୃଷ୍ଟି କରିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ପୂଜା ମଣ୍ଡପରେ ସମ୍ପୂର୍ଣ୍ଣ ବଙ୍ଗୀୟ ନୀତିରେ ମା'ଙ୍କୁ ଆବାହନ କରାଯିବା ସହ ପୂଜାର୍ଚ୍ଚନା କରାଯାଇଥାଏ। ସୁସଜ୍ଜିତ ମେଢ଼, ସୁନ୍ଦର ମୂର୍ତ୍ତି ଏବଂ ଆକର୍ଷଣୀୟ ତୋରଣ ଶ୍ରଦ୍ଧାଳୁମାନଙ୍କୁ ଏଠାକୁ ଆସିବା ପାଇଁ ଆକର୍ଷିତ କରିଥାଏ। ଆଧ୍ୟାତ୍ମିକତା ଦୃଷ୍ଟିକୋଣରୁ ବିଚାର କଲେ ଝାରପଡା ଦୁର୍ଗାପୂଜା ନିଶ୍ଚୟ ଗୁରୁତ୍ୱ ବହନ କରିଥାଏ। ପୌରାଣିକ କଥାବସ୍ତୁକୁ ନେଇ ଆଧୁନିକତାର ଛାପ ଦେଇ ଆଖି ଝଲସା କାରୁକାର୍ଯ୍ୟ ପାଇଁ ଏହି ଦୁର୍ଗାପୂଜା ଚର୍ଚ୍ଚାରେ ଏବଂ ଶ୍ରେୟ ନେବାକୁ ହକଦାର। ପରମ୍ପରାକୁ ବଜାୟ ରଖି ନୂତନତାର ସ୍ୱାଦ ଦେବାକୁ ପୂଜା ସମିତିର ସମସ୍ତ କର୍ମକର୍ତ୍ତା ଯେଭଳି ନିଷ୍ଠାର ସହ ଏଠାରେ କାର୍ଯ୍ୟ କରନ୍ତି ତାହା ମଧ୍ୟ ଆଲୋଚନା ହୋଇଥାଏ। ଅତ୍ୟନ୍ତ ବ୍ୟୟବହୁଳ ଏହି ଦୁର୍ଗାପୂଜା ପାଇଁ ଚାନ୍ଦା ଅର୍ଥ ସଂଗ୍ରହ କ୍ଷେତ୍ରରେ କୌଣସି ବାଧବାଧକତା ବା ଜୁଲମ ନଥାଏ। ପୂଜା ସହ ଜଡିତ ଏହାର ସମସ୍ତ ସଦସ୍ୟ ତଥା ଅଞ୍ଚଳର ଶ୍ରଦ୍ଧାଳୁମାନଙ୍କ ଦାନ ଅର୍ଥରେ ଏହା ସମ୍ପନ୍ନ ହୋଇଥାଏ। ପ୍ରଶାସନର ସମସ୍ତ ନୀତିନିୟମକୁ ଝାରପଡା ଦୁର୍ଗାପୂଜା ଅତ୍ୟନ୍ତ ଆନ୍ତରିକତାର ସହିତ ପାଳନ କରି ନିଜ ଅଞ୍ଚଳର ସୁନାମ ପାଇଁ ଅହରହ ଚେଷ୍ଟା ହିଁ ପୂଜାକୁ ସରସ ସୁନ୍ଦର ଓ ଶୃଙ୍ଖଳିତ କରିଥିବା ଜଣାପଡେ। ଏହି ମଣ୍ଡପରେ ଚାନ୍ଦିମେଢ଼ ଏବଂ ଏହାର ସୂକ୍ଷ୍ମ କାରୁକାର୍ଯ୍ୟ ପୂଜା ମଣ୍ଡପକୁ ବିଭବ ମଣ୍ଡିତ କରିବା ସହ ଦର୍ଶକଙ୍କୁ ଆକୃଷ୍ଟ କରେ। ରାଜଧାନୀର ଏକ ପ୍ରମୁଖ ପୂଜା ମଣ୍ଡପ ଭାବେ ଝାରପଡା ଦୁର୍ଗାପୂଜା ସ୍ୱତନ୍ତ୍ରତା ବହନ କରେ। ଏଯାବତ୍ ଏଇଥିପାଇଁ ଏହି ପୂଜା ସମସ୍ତଙ୍କୁ ଏହା ଆକୃଷ୍ଟ କରିବା ସହିତ ଶାରଦୀୟ ଦୁର୍ଗାପୂଜାର ସ୍ୱତନ୍ତ୍ର ପରିବେଶ ସୃଷ୍ଟି କରିଛି। ଚଳିତବର୍ଷ ନୂଆକରି ଏଠାରେ ଏକ ରେଳ

ଷ୍ଟେସନର ପରିକଳ୍ପନା କରାଯିବା ସହ ଅସ୍ଥାୟୀ ଭାବେ ନିର୍ମାଣ କରାଯାଇଛି 'କଳିଙ୍ଗ ଜଙ୍କସନ୍' ଷ୍ଟେସନ। ଅବିକଳ ଗୋଟେ ରେଳ ଷ୍ଟେସନର ନିର୍ମାଣ ଢାଞ୍ଚାରେ ଏହା ତିଆରି ହୋଇଛି ଏବଂ ଏଥିପାଇଁ ପଶ୍ଚିମବଙ୍ଗର ଖ୍ୟାତନାମା କାରିଗର ଗୁରୁପଦ ଦାସଙ୍କ ସହିତ ତାଙ୍କର ୫୦ ଜଣ ସହଯୋଗୀ ଏହି କାର୍ଯ୍ୟରେ ନିମଗ୍ନ ଅଛନ୍ତି। ଅତ୍ୟାଧୁନିକ ନିର୍ମାଣ ଶୈଳୀ ଯୋଗୁଁ ପୂଜା ମଣ୍ଡପରେ ତିଆରି ହୋଇଥିବା ତୋରଣ ସତେଅବା ବାସ୍ତବ ରେଳ ଷ୍ଟେସନର ଅନୁଭବ ଆଣିଦେବ। କଳିଙ୍ଗ ଜଙ୍କସନ୍‌ରେ ଯାତ୍ରୀମାନଙ୍କ ପାଇଁ ଗୋଟିଏ ଇଞ୍ଜିନ ସହିତ ତିନିଗୋଟି ଶୀତତାପ ନିୟନ୍ତ୍ରିତ ବଗି ରହିଛି। ପ୍ଲାଟଫର୍ମରେ ରେଳଯାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ଭଳି ଏଠାରେ ଶ୍ରଦ୍ଧାଳୁମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ରହିଛି। ଏହା ନିଃସନ୍ଦେହରେ କୁହାଯାଇପାରେ ଝାରପଡାର ଚଳିତ ବର୍ଷ ଦୁର୍ଗାପୂଜା ରାଜଧାନୀର ପୂଜା ତାଲିକାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିବ ବୋଲି ବିଶ୍ୱାସ।

ଶିଖର ଚନ୍ଦ୍ର ଜେନା, ସଭାପତି: ଦୁର୍ଗାପୂଜା ଏକ ଐତିହ୍ୟ ଓ ପରମ୍ପରାର ପର୍ବ। ଭାଇଚାରା ପ୍ରତିଷ୍ଠା କରିବା ହେଉଛି ଏହାର ମୂଳଲକ୍ଷ୍ୟ। ଏଥିପାଇଁ ଏ ଅଞ୍ଚଳରେ ବସବାସ କରୁଥିବା ସମସ୍ତଙ୍କୁ ନେଇ ଆମେ ଏହାର ଆୟୋଜନ କରିଛୁ। ଏହି ସମୟରେ ପୂଜା ମଣ୍ଡପକୁ ବୁଲି ଆସୁଥିବା ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ଏବଂ ମା'ଙ୍କ ଦର୍ଶନ ଶୃଙ୍ଖଳିତ କରିବା ଉପରେ ଆମେ ବିଶେଷ ଗୁରୁତ୍ୱ ପ୍ରଦାନ କରୁଛୁ। ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ ଝାରପଡାର ଦୁର୍ଗାପୂଜାକୁ ଅଧିକ ଆକର୍ଷଣୀୟ କରିବା ଲାଗି ଆମର ପୂଜା ସମିତି ସଦସ୍ୟମାନେ ଯଥେଷ୍ଟ ଆନ୍ତରିକତା ଦେଖାଇଥାନ୍ତି। ମା'ଙ୍କ ଶାରଦୀୟ ଦୁର୍ଗାପୂଜାକୁ ଆଧ୍ୟାତ୍ମିକତା ସହିତ ମନୋରଞ୍ଜନଧର୍ମୀ କରିବା ପାଇଁ ଏହାର ପେଣ୍ଡାଲ ତଥା ମୂର୍ତ୍ତି ଅତ୍ୟନ୍ତ ଲୋଭନୀୟ କରାଯିବାକୁ ପ୍ରୟାସ ଜାରି ରହିଛି। ଏବର୍ଷର ନୂଆ ଆକର୍ଷଣ ହେଉଛି 'କଳିଙ୍ଗ ଜଙ୍କସନ୍' ରେଳ ଷ୍ଟେସନ। ସେହିଭଳି ୩ଟି ମୁଖ୍ୟ ଗେଟ୍ ସମେତ ୫ଟି ଗେଟ୍ ମାଧ୍ୟମରେ ବିଭିନ୍ନ ପୌରାଣିକ ଓ ଆଧୁନିକ କଥାବସ୍ତୁକୁ ଏଲ୍‌ଇଡି ଓ ମେକାନିକ୍ ଷ୍ଟ୍ରକଚର୍ ମାଧ୍ୟମରେ ରୂପ ଦିଆଯାଇଛି। ଆଲୋକସଜ୍ଜା ମଧ୍ୟ ନୂତନତାର ଝଲକ ସୃଷ୍ଟି କରିବା ସହିତ ମା'ଙ୍କ ମୃଣ୍ଡୟୀ ମୂର୍ତ୍ତି ୧୨ଫୁଟ୍ ଉଚ୍ଚତାର କରାଯାଉଛି। ମୂର୍ତ୍ତି କାରିଗର ସନ୍ତୋଷକୁମାର ବେହେରା ଅତ୍ୟନ୍ତ ନିଷ୍ଠାର ସହିତ ଏହି କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏଥିପାଇଁ ୨୦ଫୁଟ୍ ଉଚ୍ଚତାର ବୁଲେନ୍ ଓ ସୁନେଲି ମେଢ଼ ମଧ୍ୟ ପ୍ରସ୍ତୁତ କରାଯାଇଛି। ପୂଜାବିଧି ଓ ପ୍ରସାଦ ବ୍ୟବସ୍ଥା ସହିତ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ବିଜୟାଦଶମୀରେ ୪୦ଫୁଟ୍ ଉଚ୍ଚତାର ରାବଣ ପୋଡ଼ି ଓ ବିଭିନ୍ନ ପ୍ରକାର ଆତସବାଜି କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଲକ୍ଷ୍ୟ ରହିଛି।

ଧରଣୀଧର ଜେନା, ସମ୍ପାଦକ: ଭାଇଚାରାର ଅପୂର୍ବ ନିଦର୍ଶନ ହେଉଛି ଝାରପଡାର ଦୁର୍ଗାପୂଜା। ନୀତିନିୟମ ଓ ଶୃଙ୍ଖଳା ହିଁ ଆମ ପୂଜାର ବିଶେଷତ୍ୱ। କମିଶନରେଟ୍ ପୋଲିସ ସହାୟତାରେ ଆମ ପୂଜା ମଣ୍ଡପର ସୁରକ୍ଷା କରାଯାଏ ଏବଂ ଏଠାକୁ ମା'ଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରାଯାଏ। ଚଳିତବର୍ଷ ଏହି ଦୁର୍ଗାପୂଜାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ କରିବା ପାଇଁ ୧୪ଟି ସିସି କ୍ୟାମେରା ଲଗାଯିବା ସହ ପୂଜା ମଣ୍ଡପର ସମସ୍ତ ଦୃଶ୍ୟକୁ ତିନୋଟି ଭିଡିଓ କ୍ୟାମେରା ଓ ଜିମି କ୍ୟାମେରା ମାଧ୍ୟମରେ ଉତ୍ତୋଳିତ କରାଯିବ। ଏ ସମସ୍ତ ଦୃଶ୍ୟ ୫ଟି ପ୍ଲାଜମା ଟିଭି ଦ୍ୱାରା ପ୍ରସାରଣ ମଧ୍ୟ କରାଯିବ। ଯାହାଫଳରେ ପୂଜା ମଣ୍ଡପର କେଉଁ ସ୍ଥାନରେ କ'ଣ ଘଟୁଛି ତାହା ଜଣାପଡିବ ଏବଂ ବିଶୃଙ୍ଖଳାକୁ ଏଡାଇ ହେବ। ଏଥିସହ ପ୍ରାୟ ୨୦ଟି ୱାକିଟକି ଜରିଆରେ ପୂଜା ସମିତି ସଦସ୍ୟଙ୍କ ସହ ଯୋଗାଯୋଗ କରାଯାଇ ପୋଲିସ ସହଯୋଗରେ ଟ୍ରାଫିକ୍ ନିୟନ୍ତ୍ରଣ କରାଯିବାର ଲକ୍ଷ୍ୟ ରହିଛି। ଏଥିପାଇଁ ମଣ୍ଡପ ଅଞ୍ଚଳର ବିଭିନ୍ନ ଦିଗରେ ୪ଟି ପାର୍କିଂସ୍ଥଳ ଚିହ୍ନଟ ମଧ୍ୟ କରାଯାଇଛି। ଯାହାଫଳରେ ପୂଜା ସମୟରେ ଭିଡକୁ ନିୟନ୍ତ୍ରଣ କରାଯାଇପାରିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହି ମଣ୍ଡପକୁ ଆସୁଥିବା ଭିନ୍ନକ୍ଷମ, ବୃଦ୍ଧ ଓ ମହିଳାଙ୍କ ସୁରକ୍ଷିତ ଦର୍ଶନ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଆବଶ୍ୟକ ସ୍ଥଳେ ଭିନ୍ନକ୍ଷମମାନଙ୍କ ପାଇଁ ଆବଶ୍ୟକୀୟ ହୁଇଲ ଚେୟାର ମଧ୍ୟ ଯୋଗାଇ ଦିଆଯିବ। ଯାହାଫଳରେ ସେମାନେ ସୁରୁଖୁରୁରେ ମା'ଙ୍କ ଦର୍ଶନ କରିପାରିବେ।

ଶ୍ରୀଧର ଜେନା, ଆବାହକ: ଆମ ପୂଜା ସମିତି ପକ୍ଷରୁ ତୋରଣ, ଆଲୋକସଜ୍ଜା, ପୂଜା ଓ ପ୍ରସାଦ ବଣ୍ଟନ, ମୂର୍ତ୍ତି ଓ ମେଢ଼ ସହିତ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରର ନାମିଦାମୀ କଳାକାରମାନେ ଅଂଶଗ୍ରହଣ କରିବେ। ଯାହାଫଳରେ ମା'ଙ୍କ ଦର୍ଶନ ପାଇଁ ଏଠାକୁ ଆସୁଥିବା ଶ୍ରଦ୍ଧାଳୁମାନେ ଭରପୂର ମନୋରଞ୍ଜନ ପାଇପାରିବେ। ଏଥିସହିତ ଦର୍ଶକଙ୍କ ଲାଗି ମୀନାବଜାରର ବ୍ୟବସ୍ଥା ମଧ୍ୟ କରାଯାଇଛି। ବହୁ ଅସ୍ଥାୟୀ ଦୋକାନ ବଜାର ସହିତ ପିଲାଙ୍କ ମନୋରଞ୍ଜନ ଲାଗି ବହୁପ୍ରକାର ବ୍ୟବସ୍ଥା ହୋଇଛି। ସେହିପରି ପରିମଳ ବ୍ୟବସ୍ଥାକୁ ମଧ୍ୟ ସର୍ବାଧିକ ଗୁରୁତ୍ୱ ଦେଇ ପୂଜା ମଣ୍ଡପ ପରିସରକୁ ସମ୍ପୂର୍ଣ୍ଣ ଆବର୍ଜନାମୁକ୍ତ କରିବାକୁ ଆମେ ଗୁରୁତ୍ୱ ଦେଉଛୁ। ବିଏମ୍‌ସି ପକ୍ଷରୁ ପିଏମ୍‌ଆର୍ ସଂସ୍ଥା ଜରିଆରେ ପରିମଳ ବ୍ୟବସ୍ଥାକୁ ସୂଚାରୁ ରୂପେ କାର୍ଯ୍ୟକାରୀ କରାଯିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ବିଗତବର୍ଷମାନଙ୍କ ଭଳି ଚଳିତବର୍ଷ ଭସାଣୀ ଉତ୍ସବକୁ ଅଧିକ ଆକର୍ଷଣୀୟ କରାଯିବା ପାଇଁ ମଧ୍ୟ ଆୟୋଜନ ହେଉଛି। ଏଥିରେ ସାତ ପ୍ରକାର ପାରମ୍ପରିକ ବାଦ୍ୟ ଦଳ ଏବଂ ନୃତ୍ୟଗୀତର ଆୟୋଜନ କରାଯିବ।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industrial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra** ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର**
Managing Editor : **Laxmipriya Dash** ପରିଚାଳନା ସମ ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty** ସମ୍ପାଦକ : **ତାରକ ମହାନ୍ତି**